# ନିତିଦିନ NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com | twitter.com/nitidintoday | facebook.com/nitidintoday

WEDNESDAY 16 JULY 2025 | ବୁଧବାର ୧୬ ଜୁଲାଇ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 62 BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୧ • ସଂଖ୍ୟା ୬୨ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


● ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତିଙ୍କ ଦୀକ୍ଷାନ୍ତ ଭାଷଣ

## ରେଭେନ୍ସା ଓଡ଼ିଶାର ଜୀବନ୍ତ ଇତିହାସ



**କଟକ,୧୫।୭/ଏନ୍‌ଏନ୍‌ଏସ୍‌:**

ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣାର ଏକ ଉତ୍କୃଷ୍ଟ ସାଧନା କ୍ଷେତ୍ର ହେଉଛି ରେଭେନ୍ସା। ଏହା ଇଟା ପଥରରେ ତିଆରି କେବଳ ଏକ ଇମାରତ୍ ନୁହେଁ, ରେଭେନ୍ସା ହେଉଛି ଓଡ଼ିଶାର ଜୀବନ୍ତ ଇତିହାସ। ସମଗ୍ର ବିଶ୍ୱକୁ ମାନବତାର ବାର୍ତ୍ତା ଦେଇ ରେଭେନ୍ସା ଶିଳାରୁ ଶାଳଗ୍ରାମ ପାଲଟି ପାରିଛି ବୋଲି ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବର ଦୀକ୍ଷାନ୍ତ ଭାଷଣ ଅବସରରେ କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ବିଦ୍ୟାର୍ଥୀଙ୍କୁ ପ୍ରେରିତ କରିବା ସହ ରେଭେନ୍ସାର ସାମାଜିକ, ସାଂସ୍କୃତିକ ଓ ଐତିହାସିକ ଅବଦାନ ସମ୍ପର୍କରେ ନିଜ ଅଭିଭାଷଣରେ ସେ ଅବତାରଣା କରିଥିଲେ। ସ୍ୱାଧୀନତା ସଂଗ୍ରାମର ରେଭେନ୍ସା ଏକ ସକ୍ରିୟ କେନ୍ଦ୍ର ଥିଲା ଏବଂ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ଆନ୍ଦୋଳନ ସହିତ ଜଡ଼ିତ ଥିଲା। ଶିକ୍ଷାର ବିକାଶ ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନ ନିରନ୍ତର ମୂଲ୍ୟବାନ ଯୋଗଦାନ ଦେଇଆସୁଛି। ଏହି ଅନୁଷ୍ଠାନର ଅନେକ ପୂର୍ବତନ ବିଦ୍ୟାର୍ଥୀ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାହିତ୍ୟିକ, ଦାର୍ଶନିକ, ରାଜନେତା, ସମାଜ ସଂସ୍କାରକ, ବୈଜ୍ଞାନିକ ଏବଂ କଳାକାର ଭାବରେ ଭାରତର ଗୌରବ ବୃଦ୍ଧି କରିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗବେଷଣା, ନବସୃଜନ ଏବଂ ଅନ୍ତର୍ଭୁକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରୁଛି ବୋଲି ରାଷ୍ଟ୍ରପତି ଉଲ୍ଲେଖ କରିଥିଲେ। ଏହି ଅନୁଷ୍ଠାନ ପରାମର୍ଶ ସେବା ଏବଂ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ମାଧ୍ୟମରେ ଅନେକ ଶିଳ୍ପ ଅଂଶୀଦାରଙ୍କ ନିକଟରେ ନିଜର ବିଶେଷଜ୍ଞତା ପହଞ୍ଚାଇଛି।

ରାଷ୍ଟ୍ରପତି କହିଥିଲେ, ବର୍ତ୍ତମାନ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତିର ଯୁଗ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଥ୍ରୀଡି ପ୍ରିଣ୍ଟିଂ ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ ଆମ ଚିନ୍ତାଧାରା ଏବଂ କାର୍ଯ୍ୟ ଶୈଳୀରେ ଏକ ବ୍ୟାପକ ପରିବର୍ତ୍ତନ ଆଣିଛି। ରେଭେନ୍ସା ଏହି ପ୍ରଯୁକ୍ତିର ଭଲ ବ୍ୟବହାର କରୁଛି ବୋଲି ସେ ସନ୍ତୋଷ ପ୍ରକାଶ କରିଥିଲେ। ଏଥି ସହିତ ଅତ୍ୟାଧୁନିକ ପ୍ରଯୁକ୍ତିର ଅପବ୍ୟବହାର ପ୍ରତି ସତର୍କ ରହିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଆମ ଦେଶ ବର୍ତ୍ତମାନ ଅମୃତ କାଳ ଦେଇ ଅଗ୍ରସର ହେଉଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଆମର ଜାତୀୟ ଲକ୍ଷ୍ୟ। ରାଷ୍ଟ୍ର ହିଁ ପ୍ରଥମ ଭାବନା ଆମର ସବୁଠୁ ବଡ଼ ସାମର୍ଥ୍ୟ। ଦେଶର ସୈନିକ, କୃଷକ, ବୈଜ୍ଞାନିକ, ଇଞ୍ଜିନିୟର୍, ଡାକ୍ତର ଏବଂ ବିଭିନ୍ନ ▶▶ ୫

## ଜୀବନ ସଂଗ୍ରାମରେ ହାରିଗଲେ ସୌମ୍ୟାଶ୍ରୀ

# ଜଳିଲା ଜୁଇ, ବ୍ୟାପିଲା ନିଆଁ



**ବାଲେଶ୍ୱର,୧୫।୭/ଏନ୍‌ଏନ୍‌ଏସ୍‌:**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଟିଗ୍ରେଟେଡ୍ ବିଏଡ୍ ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଜୀବନ ସଂଗ୍ରାମରେ ହାରିଯାଇ ସବୁଦିନ ପାଇଁ ଆଖି ବୁଜିଛନ୍ତି। ପଞ୍ଚଭୂତରେ ଲୀନ ହୋଇଯାଇଛି ତାଙ୍କର ପାର୍ଥିବ ଶରୀର। ଜନ୍ମମାଟି ପଳାସିଆରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ପରିବାର, ଆତ୍ମୀୟସ୍ୱଜନ ଓ ହଜାର ହଜାର ଲୋକ ଅଶ୍ରୁଳ ବିଦାୟ ଦେଇଛନ୍ତି। ସାହସୀ ଝିଅ ଶବ ପାଲଟିଯିବା ପରେ ଏବେ ଅଞ୍ଚଳରେ ସମସ୍ତେ ସ୍ତବ୍ଧ ଓ ନୀରବ। ସଂପ୍ରତି ସୌମ୍ୟାଶ୍ରୀଙ୍କ ଏପରି ଦୁଃଖଦ ମୃତ୍ୟୁକୁ ନେଇ ନେଇ ସମସ୍ତଙ୍କ ମନରେ ଅସନ୍ତୋଷର ନିଆଁ ଜଳୁଛି।

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ(ଏଚ୍‌ଓଡି) ସମୀର କୁମାର ସାହୁଙ୍କ ଦ୍ୱାରା ପ୍ରାୟ ୬ମାସ ଧରି ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ମାନସିକ ନିର୍ଯାତନା ପାଇ ଆସୁଥିଲେ। ଗତ ଜୁନ୍ ୩୦ତାରିଖରେ ଏ ସଂକ୍ରାନ୍ତରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହାର ପରଦିନ ଅର୍ଥାତ୍ ଜୁଲାଇ ୧ରେ ପୀଡ଼ିତା ଏହି ଅଭିଯୋଗ ସଂକ୍ରାନ୍ତରେ ନିଜ 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖ କରିବା ସହ ବିଭିନ୍ନ ଫୋରମ୍‌ରେ ନ୍ୟାୟ ଭିକ୍ଷା କରିଥିଲେ। ହେଲେ କୌଣସି ନ୍ୟାୟ ନ ପାଇ ୧୨ତାରିଖ ଶନିବାର ଛାତ୍ରୀ ଜଣକ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ନିଜଦେହରେ ପେଟ୍ରୋଲ୍ ଢାଳି ନିଆଁ ଲଗାଇ ଦେଇଥିଲେ। ଉପସ୍ଥିତ କେତେଜଣ ଛାତ୍ରଙ୍କ ଦ୍ୱାରା ସେ ଉଦ୍ଧାର ହୋଇଥିଲେ ସୁଦ୍ଧା ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଅପରାହ୍ଣରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ଶରୀରର ପ୍ରାୟ ୯୫% ପୋଡ଼ି ଯାଇଥିବାରୁ ତାଙ୍କୁ ଏମ୍‌ସ ବର୍ଣ୍ଣ ୟୁନିଟ୍ ଆଇସିୟୁ ଭେଣ୍ଟିଲେଟର୍‌ରେ ରଖାଯାଇ ଚିକିତ୍ସା କରାଯାଉଥିଲା। ଏପରିକି ଦିଲ୍ଲୀ ଏମ୍‌ସର ଡାକ୍ତରୀ ଦଳଙ୍କ ସହାୟତାରେ ଏଠାକାର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ୨୪ ଘଣ୍ଟିଆ ନିରୀକ୍ଷଣରେ ରଖି ଚିକିତ୍ସା ଚଳାଇଥିଲେ। କିନ୍ତୁ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ସୋମବାର ରାତି ୧୧ଟା ୪୬ମିନିଟ୍‌ରେ ଏମ୍ସ ପକ୍ଷରୁ ସୌମ୍ୟାଶ୍ରୀଙ୍କ କ୍ଲିନିକାଲ୍ ଡେଥ୍ ସମ୍ପର୍କରେ ବିଧିବଦ୍ଧ ସୂଚନା ଦିଆଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ବାଲେଶ୍ୱର ଜିଲ୍ଲା ଭୋଗରାଇସ୍ଥିତ ବାସଭବନକୁ ନିଆଯିବା ପାଇଁ ପରିବାର ଲୋକ ନିଷ୍ପତ୍ତି ନେଇଥିଲେ। ମରଶରୀରକୁ ଭୁବନେଶ୍ୱର ମହାନଗର ନିଗମ ମହାପ୍ରୟାଣ ଗାଡ଼ିରେ ଭୋଗରାଇ ନିଆଯାଇଥିଲା। ସୌମ୍ୟାଶ୍ରୀଙ୍କ ମୃତଦେହ ପାଖାପାଖି ସକାଳ ୯ଟା ବେଳେ ତାଙ୍କ ପଳାସିଆ ଗ୍ରାମରେ ପହଞ୍ଚିଥିଲା। ଅତି ଉତ୍କଣ୍ଠାର ସହ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଲୋକମାନେ ସେମାନଙ୍କର ଲଢୁଆ ଝିଅର ଶେଷ ଦର୍ଶନ କରିବା ପାଇଁ ଚାତକ ▶▶ ୫

### ଆଜି ବିଜେଡିର ୮ଘଣ୍ଟିଆ ବାଲେଶ୍ୱର ବନ୍ଦ ଡାକରା

ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଓଡ଼ିଶାରେ ତୀବ୍ର ଆନ୍ଦୋଳନ ଦେଖାଦେଇଛି। ଘଟଣାର ପ୍ରତିବାଦରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଆସନ୍ତାକାଲି ବାଲେଶ୍ୱରରେ ୮ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ। ଏହି ଘଟଣାକୁ ବିଜେଡି 'ଆତ୍ମହତ୍ୟା ନୁହେଁ, ବରଂ ସରକାରୀ ଅବହେଳା ଓ ବ୍ୟବସ୍ଥାର ବିଫଳତା ଦ୍ୱାରା ପ୍ରାୟୋଜିତ ହତ୍ୟା' ବୋଲି ଅଭିଯୋଗ କରିଛି। ବିଜେଡି ନେତାମାନେ ଏହି ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ତୀବ୍ର ଆକ୍ରମଣ କରିଛନ୍ତି। ତେବେ ଏହି ବନ୍ଦ ଡାକରା ଭିତରେ ଜରୁରୀ ସେବା ଜାରି ରହିବ ବୋଲି ସୂଚନା ମିଳିଛି।

## ୧୭ରେ ମିଳିତ ବିରୋଧୀ ଦଳ ପକ୍ଷରୁ ଓଡ଼ିଶା ବନ୍ଦ୍

### ଘଟଣାର ନ୍ୟାୟିକ ତଦନ୍ତ ଦାବି

### ତିନିଦିନିଆ କ୍ୟାଣ୍ଡେଲ୍ ଶୋଭାଯାତ୍ରା, ଶ୍ରଦ୍ଧାଞ୍ଜଳି ସଭା

**ଭୁବନେଶ୍ୱର,୧୫।୭/ଏନ୍‌ଏନ୍‌ଏସ୍‌:**

ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଆତ୍ମହତ୍ୟା ନୁହେଁ, ଏହା ଏକ ବ୍ୟବସ୍ଥାକୃତ ହତ୍ୟା। ଏହି ଦୁଃଖଦ ଓ ଦୁର୍ଭାଗ୍ୟଜନକ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ କରାଯାଉ। ନୈତିକତା ଦୃଷ୍ଟିରୁ ଉଚ୍ଚ ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବାଲେଶ୍ୱର ବିଧାୟକ ଇସ୍ତଫା ଦିଅନ୍ତୁ। ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ଏହି ଦାବିରେ କଂଗ୍ରେସ ନେତୃତ୍ୱାଧୀନ ମିଳିତ ବିରୋଧୀ ଦଳ ୧୭ ଜୁଲାଇରେ ଓଡ଼ିଶା ବନ୍ଦ୍ ଡାକରା ଦେଇଛି।

ମଙ୍ଗଳବାର ପୂର୍ବାହ୍ଣରେ କଂଗ୍ରେସ ଭବନରେ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଜେପିର କୁଶାସନ ବିରୋଧରେ ରାଜ୍ୟର ସମସ୍ତ ସମଭାବାପନ୍ନ ଦଳ ଓ ସଂଗଠନ ଏକାଠି ହୋଇ ଓଡ଼ିଶା ବନ୍ଦ୍ ଡାକରା ଦେଇଛନ୍ତି। ଏହାକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। ତିନି ଦିନ ଧରି ସମଗ୍ର ରାଜ୍ୟରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଅୟୋଜନ କରାଯିବ।

ବିରୋଧୀ ଦଳର ନେତାମାନେ କହିଛନ୍ତି ଯେ ଛାତ୍ର-ଛାତ୍ରୀଙ୍କ ମନ୍ଦିର ହେଉଛି ଶିକ୍ଷାନୁଷ୍ଠାନ। ସେଠାରେ ଛାତ୍ର ଛାତ୍ରୀଙ୍କର ନିରାପତ୍ତା ନାହିଁ। ଭୟଙ୍କର ଦୁର୍ନୀତି, ଜାଲିଆତି, ପାତର ଅନ୍ତର, ମାର୍କ ପାଇଁ ମାନସିକ ଚାପ, କ୍ୟାରିୟର୍ ପାଇଁ ଯୌନ ନିର୍ଯାତନା ଭଳି ଘଟଣା ଘଟିବା ଅତ୍ୟନ୍ତ ଉଦ୍‌ବେଗଜନକ ଓ ଚିନ୍ତାଜନକ। ସମଗ୍ର ବ୍ୟବସ୍ଥାରେ ଦୁର୍ନୀତି କର୍କଟ ରୋଗ ଭଳି ଗ୍ରାସ କରିଛି। ସରକାରୀ ଶିକ୍ଷାନୁଷ୍ଠାନ ଠାରୁ ଘରୋଇ ଶିକ୍ଷାନୁଷ୍ଠାନର ▶▶ ୫

## ତଦନ୍ତ ପାଇଁ ୪ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ କମିଟି

**ନୂଆଦିଲ୍ଲୀ,୧୫।୭/ଏଜେନ୍ସି:**

ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏକ ୪ ଜଣିଆ ତଥ୍ୟ ଅନୁସନ୍ଧାନ କମିଟି (ଫ୍ୟାକ୍ଟ ଫାଇଣ୍ଡିଂ କମିଟି) ଗଠନ କରିଛି। ୟୁଜିସି ସଚିବ ସୁଦୀପ ସିଂହ ଜୈନ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, 'ଘଟଣାର ପାରିପାର୍ଶ୍ୱିକ ପରିସ୍ଥିତିର ତଦନ୍ତ ପାଇଁ ଏକ ୪ସଦସ୍ୟ ବିଶିଷ୍ଟ ପ୍ୟାନେଲ୍ ଗଠନ କରାଯାଇଛି। ଏହି ପ୍ୟାନେଲ୍ କଲେଜର ସଂସ୍ଥାଗତ ନୀତି, ଅଭିଯୋଗ ସମାଧାନ ବ୍ୟବସ୍ଥା, ଗ୍ରହଣ କରାଯାଇଥିବା ନିର୍ଯାତନା ବିରୋଧୀ ପଦକ୍ଷେପ ଏବଂ ଛାତ୍ର ସହାୟତା ବ୍ୟବସ୍ଥାର ଉପଲବ୍ଧତା ଏବଂ ପ୍ରଭାବଶାଳୀତା ଭଳି ପ୍ରସଙ୍ଗରେ ତଦନ୍ତ କରିବେ। ଏତଦ୍‌ବ୍ୟତୀତ ଏହି କମିଟି ନିୟାମକ ବ୍ୟବସ୍ଥାର ଅନୁପାଳନ ମୂଲ୍ୟାଙ୍କନ କରିବ ଏବଂ ଏପରି ଘଟଣା ପାଇଁ ପ୍ରତିରୋଧକ ପଦକ୍ଷେପ ସୁପାରିଶ ମଧ୍ୟ କରିବ। ଏହି ଫ୍ୟାକ୍ଟ ଫାଇଣ୍ଡିଂ କମିଟିର ନେତୃତ୍ୱ ଗୁରୁ ଗୋବିନ୍ଦ ସିଂହ ▶▶ ୫




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆନ୍ତର୍ଜାତିକ ସମବାୟ ବର୍ଷ

**୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ**

**ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ**

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC)**, **ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ। ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS)**, ବ୍ୟାଙ୍କ ଶାଖା କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ।

**ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ**

**ପଞ୍ଜିକରଣର ଶେଷ ତାରିଖ ୩୧ ଜୁଲାଇ ୨୦୨୫**

OIPR-39001/13/0028/2526 | ସମବାୟ ବିଭାଗ, ଓଡ଼ିଶା ସରକାର | DSPL-174

# ୟେମେନ୍‌ରେ ନିମିଶାଙ୍କ ଫାଶୀ ସ୍ଥଗିତ

**ନୂଆଦିଲ୍ଲୀ, ୟେମେନ୍, ୧୫।୭/ଏଜେନ୍ସି:** ୟେମେନ୍‌ରେ ଏକ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ଫାଶୀ ଦଣ୍ଡାଦେଶ ପାଇଥିବା କେରଳର ସ୍ଥାୟୀନିବାସୀ ନର୍ସ ନିମିଶା ପ୍ରିୟାଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ରିପୋର୍ଟ ଅନୁସାରେ ଧାର୍ଯ୍ୟ ତାରିଖ ଅନୁସାରେ ଆସନ୍ତା କାଲି ଅର୍ଥାତ୍ ୧୬ ଜୁଲାଇରେ ଫାଶୀ ଦିଆଯାଇଥାଆନ୍ତା। କିନ୍ତୁ ତାଙ୍କ ଫାଶୀକୁ ଏବେ ସ୍ଥଗିତ ରଖାଯାଇଛି। କେରଳର ପ୍ରଭାବଶାଳୀ ସୁନ୍ନି ମୁସଲିମ୍ ନେତା ତଥା ଭାରତର ଗ୍ରାଣ୍ଡ ମୁଫ୍‌ତି ସେଖ୍ କଂଥାପୁରମ୍ ଏପି ଅବୁବକର ଅହମଦ୍ ମୁସଲିୟାର୍ ଏବଂ ଭାରତ ସରକାରଙ୍କ ହସ୍ତକ୍ଷେପ ତଥା ୟେମେନ୍ ସରକାରଙ୍କ ସହ ଆଲୋଚନା ପରେ ୟେମେନ୍‌ର ସ୍ଥାନୀୟ କର୍ତ୍ତୃପକ୍ଷ ନିମିଶାଙ୍କ ଫାଶୀକୁ ସ୍ଥଗିତ ରଖିଛନ୍ତି।

ଏସମ୍ପର୍କରେ ସୂଚନା ଦେଇ ମୁସଲିୟାର୍ କହିଛନ୍ତି, ସେ ଯେଉଁ ୟେମେନ୍ ଇସଲାମିକ ବିଦ୍ୱାନମାନଙ୍କୁ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ଯୋଗାଯୋଗ କରିଥିଲେ ସେମାନେ ୟେମେନ୍ ସରକାର ତଥା ସ୍ଥାନୀୟ ପ୍ରଶାସନ ଏବଂ ସର୍ବୋପରି ମୃତକଙ୍କ ପରିବାର ଲୋକଙ୍କ ସହ ସାକ୍ଷାତ କରିବା ପୂର୍ବକ ଆଲୋଚନା କରିଛନ୍ତି। ନ୍ୟାୟିକ ପ୍ରକ୍ରିୟା ଅନ୍ତର୍ଗତ ସେମାନେ ଯାହା କରିପାରିବେ ତାହା କରିବେ ବୋଲି ସେମାନେ ତାଙ୍କୁ (ମୁସଲିୟାର୍) ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବର୍ତ୍ତମାନ ପରିସ୍ଥିତିରେ ଫାଶୀକୁ ସ୍ଥଗିତ ରଖାଯାଇଛି। ଏହା ପୀଡିତଙ୍କ ପରିବାର ସହିତ ଚାଲିଥିବା ଆଲୋଚନାକୁ ଆଗକୁ ବଢ଼ାଇବାର ଏକ ସୁଯୋଗ ଦେଇଥିବା ବେଳେ ନିମିଶାଙ୍କ ପାଇଁ ଆଶ୍ୱସ୍ତି ଦେଇଛି। ମୁସଲିୟାର କହିଛନ୍ତି ଯେ, ସେ ଏସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛନ୍ତି। ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏକ ଚିଠି ମଧ୍ୟ ପଠାଇଛନ୍ତି। ପ୍ରକାଶ, ଦିନକ ପୂର୍ବେ ସୁପ୍ରିମକୋର୍ଟଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସରକାର କହିଥିଲେ ଯେ,



ନିମିଶାଙ୍କ ଫାଶୀ ଦଣ୍ଡାଦେଶ ପ୍ରସଙ୍ଗରେ ୟେମେନ୍ ସରକାରଙ୍କ ସହ ସମସ୍ତ ପ୍ରକାର କୂଟନୈତିକ ଆଲୋଚନା ହୋଇସାରିଛି। ସର୍ବାଧିକ ପ୍ରୟାସ ମଧ୍ୟରେ ଯାହାକିଛି କରାଯାଇପାରିଥାନ୍ତା ସେସବୁକିଛି କରାଯାଇଛି। ଏହି ମାମଲାରେ ଅଧିକ କିଛି କରାଯାଇପାରିବନାହିଁ। ଭାରତ ସରକାର ଗତ କିଛି ଦିନ ଧରି ନିମିଶା ପ୍ରିୟାଙ୍କ ପରିବାରକୁ ଅନ୍ୟପକ୍ଷ ସହିତ ପାରସ୍ପରିକ ସହମତ ସମାଧାନର ବାଟ ଖୋଜିବାକୁ ଅଧିକ ସମୟ ଦେବା ପାଇଁ ନିରନ୍ତର ପ୍ରୟାସ କରିଥିଲେ। ଭାରତୀୟ ଅଧିକାରୀମାନେ ୟେମେନର ଜେଲ୍ କର୍ତ୍ତୃପକ୍ଷ ଏବଂ ପବ୍ଲିକ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟ ସହିତ ନିୟମିତ ଯୋଗାଯୋଗରେ ଏବେ ବି ରହିଛନ୍ତି। ଏସବୁ ମଧ୍ୟରେ ଦେଶର ଗ୍ରାଣ୍ଡ ମୁଫ୍‌ତି ସେଖ୍ କଂଥାପୁରମ୍ ଏପି ଅବୁବକର ମୁସଲିୟାର୍‌ଙ୍କ ପକ୍ଷରୁ ଆସିଥିବା ସୂଚନା ଭାରତ ପାଇଁ ଏକ ଆଶା ସଞ୍ଚାର କରିଛି। ନିମିଷା ପ୍ରିୟାଙ୍କୁ ଜୁଲାଇ ୨୦୧୭ରେ ତଲାଲ ଅବଦୋ ମହଦି ନାମକ ଜଣେ ୟେମେନ୍ ଯୁବକଙ୍କୁ ହତ୍ୟା କରିବା ଅଭିଯୋଗରେ ଗିରଫ କରାଯାଇଥିଲା ଯିଏ ତାଙ୍କ ବ୍ୟବସାୟିକ ଅଂଶୀଦାର ଥିଲେ। ୨୦୨୦ ମସିହାରେ ୟେମେନର ଏକ କୋର୍ଟ ତାଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ ଏବଂ ସ୍ଥାନୀୟ ସୁପ୍ରିମକୋର୍ଟ ନ୍ୟାୟିକ ପରିଷଦ ନଭେମ୍ବର ୨୦୨୩ରେ ପ୍ରିୟାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହାପରେ ୟେମେନର ରାଷ୍ଟ୍ରପତି ୨୦୨୪ରେ ମଧ୍ୟ ନର୍ସଙ୍କ ପରିବାରର ଆବେଦନକୁ ଖାରଜ କରି ମୃତ୍ୟୁଦଣ୍ଡକୁ ଅନୁମୋଦନ କରିଥିଲେ। ନର୍ସଙ୍କ ମୁକ୍ତି ତଲାଲ ଅବଦୋ ମହଦିଙ୍କ ପରିବାର ଏବଂ ତାଙ୍କ ଆଦିବାସୀ ନେତାଙ୍କ କ୍ଷମା ଉପରେ ନିର୍ଭରଶୀଳ ଥିଲା। ସେମାନେ କ୍ଷମା ନ ଦେବାରୁ ନିମିଶାଙ୍କ ମୃତ୍ୟୁଦଣ୍ଡ ଚୂଡାନ୍ତ ହୋଇଥିଲା।

# ରାଜସ୍ଥାନରେ ବର୍ଷା ପ୍ରଳୟ, ୧୬ ମୃତ



ମଧ୍ୟପ୍ରଦେଶରେ ବିପଦ ସଙ୍କେତ ଉପରେ ନର୍ମଦା

**ଜୟପୁର, ଭୋପାଳ, ୧୫।୭/ଏଜେନ୍ସି:** ପ୍ରବଳ ବର୍ଷା ଯୋଗୁଁ ରାଜସ୍ଥାନରେ କେବଳ ଯେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ତାହାନୁହେଁ ବରଂ ଏହା ଅନେକଙ୍କ ମୃତ୍ୟୁର କାରଣ ମଧ୍ୟ ସାଜିଛି। ରିପୋର୍ଟ ଅନୁସାରେ ରାଜ୍ୟରେ ବର୍ଷା ଯୋଗୁଁ ହୋଇଥିବା ବିଭିନ୍ନ ଦୁର୍ଘଟଣାରେ ଗତ ୨୪ ଘଣ୍ଟା ମଧ୍ୟରେ ପ୍ରାୟ ୧୬ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ବୁଡ଼ିଯିବା, ବଜ୍ରପାତ, କୋଠା ଭୁଶୁଡ଼ିବା ଏବଂ ବିଦ୍ୟୁତ୍ ଆଘାତ ଯୋଗୁଁ ମୃତ୍ୟୁ ଅନ୍ତର୍ଭୁକ୍ତ। ଚିତ୍ତୋରଗଡ଼ରେ ୪, କୋଟାରେ ୪, ପ୍ରତାପଗଡ଼ରେ ୩, ଚୁରୁରେ ୨, ରାଜସମନ୍ଦରେ ୧, ଭରତପୁରରେ ୧ ଏବଂ ପାଲିରେ ୧ ଜଣଙ୍କର ମୃତ୍ୟୁ ହୋଇଛି। ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ସୋମବାର କୋଟାରେ ରାଜ୍ୟରେ ସର୍ବାଧିକ ୧୯୮ ମିମି ବର୍ଷା ହୋଇଛି। ଏଠାରେ କୋଟା ବ୍ୟାରେଜର ୧୨ଟି ଗେଟ୍ ଖୋଲାଯାଇଛି।

ସେହିପରି ମଧ୍ୟପ୍ରଦେଶରେ ମଧ୍ୟ ଲଗାଣ ବର୍ଷା ଯୋଗୁ ନର୍ମଦା ନଦୀର ଜଳସ୍ତର ଏବେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଜବଲପୁର, ରେୱା ସମେତ ୧୦ଟି ଜିଲ୍ଲାରେ ଏକ ସପ୍ତାହ ଧରି ନିରନ୍ତର ବର୍ଷା ଚାଲିଛି। ଏହି ଜିଲ୍ଲାଗୁଡ଼ିକରେ ସଂଗୀନ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସୋମବାର ଶେଓପୁରର ଅନେକ ଅଞ୍ଚଳ ଏବଂ ଗାଁ ପାଣିରେ ଘେରି ରହିଛି। ଘର ଏବଂ ଦୋକାନଠାରୁ ହସ୍ପିଟାଲ ପର୍ଯ୍ୟନ୍ତ ପାଣି ଭର୍ତ୍ତି ହୋଇଯାଇଥିଲା। ଏତଦ୍‌ବ୍ୟତୀତ ଉତ୍ତରପ୍ରଦେଶରେ ବର୍ଷାଜନିତ ବିପ୍ରାତ ମଧ୍ୟ ଦେଖିବାକୁ ମିଳିଛି। ରାଜ୍ୟରୁ ମିଳିଥିବା ସୂଚନାନୁସାରେ ଲଗାଣ ବର୍ଷା ଯୋଗୁଁ ଲକ୍ଷ୍ନୌ, କାନପୁର, ବରେଲି ସମେତ ୟୁପିର ୧୫ଟି ସହରରେ ଜଳବନ୍ଦୀ-ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟର ଅନେକ ଡ୍ୟାମ୍ ଓଭରଫ୍ଲୋ ହେବା ଆରମ୍ଭ କରିଛି। ସୋମବାର ଲଳିତପୁରର ଗୋବିନ୍ଦ ସାଗର ଡ୍ୟାମର ୧୭ଟି ଗେଟ୍ ଖୋଲାଯାଇଛି। ଚିତ୍ରକୁଟରେ, ୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୪ଟି ସେତୁର ଆପ୍ରୋଚ୍ ରୋଡ୍ ଉଦଘାଟନ ପୂର୍ବରୁ ଧୋଇଯାଇଛି। ପ୍ରକାଶ, ହିମାଚଳପ୍ରଦେଶରେ, ଗତ ୨୪ ଦିନରେ ବର୍ଷାଜନିତ ଘଟଣାରେ ୧୦୫ ଜଣଙ୍କର ମୃତ୍ୟୁ ହୋଇଛି। ରାଜ୍ୟରେ ୨୦୦ରୁ ଅଧିକ ରାସ୍ତା ଏବେ ବି ବନ୍ଦ ଅଛି। ଗତ ୩ ଦିନ ଧରି ଭୂସ୍ଖଳନ ଯୋଗୁଁ ମନାଲି-ଚଣ୍ଡିଗଡ଼ ରାଜପଥ ପ୍ରତିଦିନ ବନ୍ଦ ରହିଛି।

# ସକୁଶଳେ ଫେରିଲେ ଶୁଭାଂଶୁ ଓ ତାଙ୍କ ଟିମ୍

**ନୂଆଦିଲ୍ଲୀ, ୧୫।୭/ଏଜେନ୍ସି:** ଆକ୍ସିଅମ୍-୪ ମିଶନ ସଫଳ ହୋଇଛି। ମିଶନରେ ସାମିଲ ଥିବା ଭାରତୀୟ ମହାକାଶଚାରୀ ତଥା ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲା ଏବଂ ଅନ୍ୟ ୩ ଅନ୍ତର୍ଜାତୀୟ ମହାକାଶଚାରୀ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ୍ (ଆଇଏସ୍‌ଏସ୍)ରେ ୧୮ ଦିନ ରହିବା ପରେ ୨୨.୫ ଘଣ୍ଟା ଯାତ୍ରାକରି ପରେ ମଙ୍ଗଳବାର (ଜୁଲାଇ ୧୫, ୨୦୨୫)ରେ ପୃଥିବୀପୃଷ୍ଠକୁ ସକୁଶଳେ ଫେରି ଆସିଛନ୍ତି। ସମସ୍ତ ମହାକାଶଚାରୀଙ୍କୁ ନେଇ ସ୍ପେସ୍ ଏକ୍ସ ଡ୍ରାଗନ ମହାକାଶଯାନ କାଲିଫର୍ଣ୍ଣିଆର ସାନ୍ ଡିଏଗୋରେ ଅବତରଣ କରିଥିଲା। ମହାକାଶଯାନରୁ ବାହାରିବା ପରେ ଶୁଭାଂଶୁ ଶୁକ୍ଲାଙ୍କ ପ୍ରଥମ ଫଟୋ ଏବେ ସାମ୍ନାକୁ ଆସିଛି। ପ୍ରଥମେ, କମାଣ୍ଡର ପେଗି ହ୍ୱିଟସନ ଗନ ମହାକାଶଯାନରୁ ବାହାରକୁ ଆସିଥିଲେ ଏବଂ ତା'ପରେ ମିଶନ ପାଇଲଟ୍ ଶୁଭାଂଶୁ ଶୁକ୍ଲା ଏବଂ ଅନ୍ୟମାନେ ଜଣକ ପରେ ଜଣେ ବାହାରକୁ ଆସିଥିଲେ।

## ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ଶୁଭାଂଶୁଙ୍କ ସଫଳ ପ୍ରତ୍ୟାବର୍ତ୍ତନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଶୁଭାଂଶୁ ଐତିହାସିକ ମହାକାଶ ଯାତ୍ରାରୁ ଫେରି ଆସିଛନ୍ତି। ସେ ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଏପରି ସଫଳତା ପାଇଛନ୍ତି। ତାଙ୍କ ତ୍ୟାଗ ଓ ସାହସ କୋଟି କୋଟି ଭାରତୀୟଙ୍କୁ ପ୍ରେରଣା ଯୋଗାଇଛି। ଆଗକୁ ହ୍ୟୁମାନ ସ୍ପେଶ ମିଶନ 'ଗଗନଯାନ' ପାଇଁ ଶୁଭାଂଶୁଙ୍କ ସଫଳ ପ୍ରତ୍ୟାବର୍ତ୍ତନ ମାଇଲଷ୍ଟୋନ ହେବ ବୋଲି ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ଉଲ୍ଲେଖ କରିଛନ୍ତି।

ସେହିପରି ଇସ୍ରୋ ଦିନକ ପୂର୍ବେ ସୂଚନା ଦେଇଥିଲା ଯେ, ଶୁଭାଂଶୁ ଶୁକ୍ଲାଙ୍କୁ ୭ଟି ପରୀକ୍ଷଣ ପାଇଁ ଇସ୍ରୋ ପକ୍ଷରୁ ପ୍ରୋଜେକ୍ଟ କରାଯାଇଥିବା ବେଳେ ଶୁଭାଂଶୁ ଏସବୁ ପରୀକ୍ଷଣକୁ ଶେଷ କରିଛନ୍ତି। 'ଭାରତୀୟ ପ୍ରକାରର ଟାର୍ଡିଗ୍ରେଡ୍ସ, ମାୟୋଜେନେସିସ୍, ମେଥି ଏବଂ ମୁଗ ବିହନର ଅଙ୍କୁରୀକରଣ, ସାଇନୋବ୍ୟାକ୍ଟେରିଆ, ମାଇକ୍ରୋ ଶୈବାଳ, ଫସଲ ବିହନ ଏବଂ ଭୋଏଜର ପ୍ରଦର୍ଶନ ଉପରେ ପରୀକ୍ଷଣ ଯୋଜନା ଅନୁଯାୟୀ ସମାପ୍ତ ହୋଇଛି ବୋଲି ଇସ୍ରୋ କହିଛି। ଏବେ ଅନ୍ୟ ୩ ମହାକାଶଚାରୀଙ୍କ ସହ ଶୁଭାଂଶୁ ମଧ୍ୟ ପୃଥିବୀର ଗୁରୁତ୍ୱାକର୍ଷଣ ସହିତ ଖାପଖୁଆଇବା ପାଇଁ ୭ ଦିନିଆ ପୁନର୍ବାସ କାର୍ଯ୍ୟକ୍ରମରେ ସାମିଲ ହେବେ। ଶୁଭାଂଶୁଙ୍କ ସଫଳ ପ୍ରତ୍ୟାବର୍ତ୍ତନରେ ଦେଶବ୍ୟାପୀ ଖୁସିର ଲହର ଖେଳିଯାଇଛି।

# ମହୁମାଛିଙ୍କୁ ମିଲିଟାରୀ ଟ୍ରେନିଂ ଦେଉଛି ଚୀନ୍ !


**ବେଜିଂ, ୧୫।୭/ଏଜେନ୍ସି:** ଚୀନ୍ ରାଜଧାନୀ ବେଜିଂ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ବୈଜ୍ଞାନିକମାନେ ମହୁମାଛିଙ୍କ ଏକ ଫୌଜ୍ (ସେନା) ଗଠନ ଦିଗରେ ପ୍ରୟାସ ଜାରି ରଖିଛନ୍ତି। ରିପୋର୍ଟ ଅନୁସାରେ ଚୀନ୍ ବୈଜ୍ଞାନିକମାନେ ଏବେ ମହୁମାଛିଙ୍କୁ ମିଲିଟାରୀ ଟ୍ରେନିଂ ଦେବା ଆରମ୍ଭ କରିଦେଇଛନ୍ତି। ମହୁମାଛିଙ୍କୁ ନିୟନ୍ତ୍ରଣ କରିବା ପାଇଁ ବୈଜ୍ଞାନିକମାନେ ସବୁଠାରୁ ଛୋଟ ମସ୍ତିଷ୍କ ନିୟନ୍ତ୍ରକ ତିଆରି କରିଛନ୍ତି। ଏହାର ଓଜନ ମାତ୍ର ୭୪ ମିଲିଗ୍ରାମ୍। ଏହି ଉପକରଣକୁ ମହୁମାଛିର ପଛପଟେ ଲଗାଯାଏ, ତା'ପରେ ମସ୍ତିଷ୍କରେ ଏକ ପିନ୍ ଲଗାଇ ଏକ ବୈଦ୍ୟୁତିକ ନାଡ଼ି ଦ୍ୱାରା ଦିଗ ନିୟନ୍ତ୍ରିତ ହୁଏ।



ଚୀନ୍ ବୈଜ୍ଞାନିକମାନେ କହିଛନ୍ତି ଯେ, ପ୍ରାୟ ୧୦ଟି ପରୀକ୍ଷଣରୁ ୯ ଥର, ମହୁମାଛିମାନେ ସଠିକ୍ ପ୍ରତିକ୍ରିୟା ଦେଖାଇଥିଲା। ଏହି ମହୁମାଛିମାନେ ମଣିଷ ଦ୍ୱାରା ତିଆରି ମିନି ଡ୍ରୋନ ଅପେକ୍ଷା ଭଲ କାମ କରୁଛନ୍ତି। ଏହାସହିତ, ସେମାନେ ଗୁପ୍ତ ସାମରିକ କାର୍ଯ୍ୟରେ ଅଧିକ ସକ୍ରିୟ ରହୁଥିବାରୁ ଆଗାମୀ ଦିନରେ ଏସବୁ ନିଶ୍ଚିତ ଭାବେ ପ୍ରଭାବଶାଳୀ ହେବେ। ଚୀନ୍ ଏହାକୁ ନିଜ ସେନାରେ ମଧ୍ୟ ନିୟୋଜିତ କରିପାରେ। ପ୍ରତିପକ୍ଷ ସୈନ୍ୟଙ୍କ ବିରୋଧରେ ଏହା ଏକ ବଡ଼ ମାରାତ୍ମକ ଅସ୍ତ୍ର ଭାବେ ମଧ୍ୟ ବ୍ୟବହାର ହୋଇପାରେ। ବ୍ୟାଟେରୀର ଆକାର ଛୋଟ ଥିବା ଯୋଗୁଁ, ଏହି ଡିଭାଇସ୍ ଅଧିକ ସମୟ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ତେବେ ଏହା ଉପରେ ଚୀନ୍ ବୈଜ୍ଞାନିକମାନେ କାମ ଆରମ୍ଭ କରିଦେଇଛନ୍ତି।

# ପୃଥିବୀ ଅଭିମୁଖେ ଆସୁଛି ଏଲିଅନ୍ ସ୍ପେସ୍‌ଶିପ୍ !

**କେମ୍ବ୍ରିଜ୍, ୧୫।୭/ଏଜେନ୍ସି:** ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ସମ୍ପ୍ରତି ଦାବି କରିଛନ୍ତି ଯେ, ସେମାନେ ସୌରମଣ୍ଡଳ ବାହାରେ ଏକ ଅନନ୍ୟ ସନ୍ଦିଗ୍ଧ ଉଡନ୍ତା ବସ୍ତୁକୁ ଦେଖିଛନ୍ତି। ଏହି ବସ୍ତୁ ଘଣ୍ଟା ପ୍ରତି ୨.୧୭ ଲକ୍ଷ କିଲୋମିଟର ବେଗରେ ପୃଥିବୀ ଆଡକୁ ଗତି କରୁଛି। ବିଶେଷଜ୍ଞମାନେ କହିଛନ୍ତି ଯେ, ଏହା ପଥର ନୁହେଁ ବରଂ ଏକ ଏଲିଅନ୍ ସ୍ପେସଶିପ୍ ହୋଇପାରେ।




ବୈଜ୍ଞାନିକମାନେ ଏହାକୁ ୩ଆଇ/ଆଟଲାସ୍ ନାମ ଦେଇଛନ୍ତି। ନାସା ଜୁଲାଇ ୧ରୁ ଏହି ଗତିଶୀଳ ବସ୍ତୁ ଉପରେ ନଜର ରଖିଛି। ନାସା ଅନୁଯାୟୀ, ଏହି ବସ୍ତୁ ଚଳିତ ବର୍ଷ ଅକ୍ଟୋବର ୩୦ରେ ସୂର୍ଯ୍ୟର ସବୁଠାରୁ ନିକଟତର ହେବ। ନାସା କହିଛି - ପ୍ରୋଜେକ୍ସନ ଅନୁସାରେ, ଏହି ବସ୍ତୁ ପୃଥିବୀ ଠାରୁ ୨୧ କୋଟି କିଲୋମିଟର ଦୂରତାରେ ଅତିକ୍ରମ କରିବ। ଆମକୁ ଚିନ୍ତା କରିବାର ଆବଶ୍ୟକତା ନାହିଁ। ତଥାପି, ବୈଜ୍ଞାନିକମାନେ ଏହା ଜାଣିବାକୁ ଚେଷ୍ଟା କରୁଛନ୍ତି ଯେ ଏହି ବସ୍ତୁ ଏକ ସ୍ପେସଶିପ୍ ନା ଧୂମକେତୁ।

ଦୀର୍ଘଦିନରୁ ଅନ୍ତରୀକ୍ଷରେ ସନ୍ଦିଗ୍ଧ ବସ୍ତୁମାନ ଠାବ କରାଯାଇଆସୁଛି। ତେବେ ଏସବୁ ଏଲିଅନ୍ ଭିତ୍ତିକ କାର୍ଯ୍ୟକ୍ରମ କିମ୍ବା ଅନ୍ୟ କିଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ତେବେ ଅନ୍ତରୀକ୍ଷରେ ଗତିଶୀଳ ବସ୍ତୁକୁ ନେଇ କିଛି ମାତ୍ରାରେ ସଂଶୟ ସୃଷ୍ଟି ହୋଇଛି। ଏବେ ଯେତେବେଳେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏପ୍ରକାର କିଛି ଦାବି କରିଛନ୍ତି ସେତେବେଳେ ନାସା ପକ୍ଷରୁ ଏହା ଉପରେ ସତର୍କ ଦୃଷ୍ଟି ରଖାଯିବା ସହ ଏହାର ଗତିବିଧି ଭଲଭାବେ ଅନୁଧ୍ୟାନ କରାଯାଉଛି। ଏପରିକି ଏହା ସହ ସମ୍ପର୍କ ସ୍ଥାପନ କରାଯିବା ପାଇଁ ମଧ୍ୟ ଚେଷ୍ଟା କରାଯିବ ବୋଲି ନାସା ଦର୍ଶାଇଛି।

## ସେନା ବିରୋଧୀ ଟିପ୍ପଣୀ ମାମଲା

# ଆତ୍ମସମର୍ପଣ ପରେ ରାହୁଲଙ୍କୁ ଜାମିନ୍

**ଲକ୍ଷ୍ନୌ, ୧୫।୭/ଏଜେନ୍ସି:** ୨୦୨୨ରେ କଂଗ୍ରେସର 'ଭାରତ ଯୋଡୋ ଯାତ୍ରା' ସମୟରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଭାରତୀୟ ସେନା ବିରୋଧରେ କିଛି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ତାଙ୍କ ବିରୋଧରେ ଏକ ମାନହାନୀ ମୋକଦ୍ଦମା ରୁଜୁ କରାଯାଇଥିଲା। ତେବେ ମଙ୍ଗଳବାର ଲକ୍ଷ୍ନୌସ୍ଥିତ ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟରେ ଏହି ମାମଲା ଉପରେ ଶୁଣାଣି ହୋଇଥିବା ବେଳେ କୋର୍ଟ ରାହୁଲଙ୍କୁ ୨୦ ହଜାର ଟଙ୍କା ବ୍ୟକ୍ତିଗତ ବଣ୍ଡ ଦାଖଲ ପ୍ରତିବଦଳରେ ଜାମିନ୍ ପ୍ରଦାନ କରିଛନ୍ତି।



ରିପୋର୍ଟ ଅନୁସାରେ ରାହୁଲ ଏହି ମାମଲାରେ କୋର୍ଟରେ ଉପସ୍ଥିତ ହୋଇ ଆତ୍ମସମର୍ପଣ କରିଥିଲେ। ପ୍ରକାଶ, ଏହି ମାମଲାରେ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ନିଜ ପକ୍ଷ ରଖିବାକୁ ରାହୁଲଙ୍କୁ କୋର୍ଟ ପକ୍ଷରୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିବା ସତ୍ତ୍ୱେ ରାହୁଲ ହାଜର ହୋଇନଥିଲେ। ପରେ କୋର୍ଟ ରାହୁଲ ଗାନ୍ଧୀଙ୍କୁ ଏହି ମାମଲାରେ ଅଭିଯୁକ୍ତ ଭାବରେ ସମନ କରିଥିଲେ। ଏହି ମାମଲାକୁ ଏବେ ପରବର୍ତ୍ତୀ ଶୁଣାଣି ପାଇଁ ଅଗଷ୍ଟ ୧୩, ୨୦୨୫ରେ ରଖାଯାଇଛି।

## କଲେଜ୍ ଛାତ୍ରୀଙ୍କୁ ଦୁଷ୍କର୍ମ, ବ୍ଲାକ୍‌ମେଲ୍ ଅଭିଯୋଗ

# ଦୁଇ ଅଧ୍ୟାପକଙ୍କ ସମେତ ୩ ଗିରଫ

**ବେଙ୍ଗାଲୁରୁ, ୧୫।୭/ଏଜେନ୍ସି:** ବେଙ୍ଗାଲୁରୁରେ ଜଣେ କଲେଜ ଛାତ୍ରୀଙ୍କୁ ଏକାଧିକ ଥର ଦୁଷ୍କର୍ମ ଏବଂ ବ୍ଲାକମେଲ୍ କରିବା ଅଭିଯୋଗରେ ୨ କଲେଜ ଅଧ୍ୟାପକ ଏବଂ ସେମାନଙ୍କର ଜଣେ ବନ୍ଧୁଙ୍କୁ ଗିରଫ କରିଛି ବେଙ୍ଗାଲୁରୁ ପୁଲିସ୍। ଏଭଳି ଏକ ଘଟଣା ସାମ୍ନାକୁ ଆସିବା ପରେ ଦେଶବ୍ୟାପୀ ଏକ ତୀବ୍ର ଆଲୋଡନ ସୃଷ୍ଟି ହୋଇଛି। ରିପୋର୍ଟ ଅନୁସାରେ ପୀଡ଼ିତା ଛାତ୍ରୀଜଣକ ସହରର ଏକ ଘରୋଇ କଲେଜ୍‌ରେ ଅଧ୍ୟୟନ କରନ୍ତି। ତେବେ ସେ ପଢୁଥିବା କଲେଜର ପଦାର୍ଥ ବିଜ୍ଞାନ, ଜୀବ ବିଜ୍ଞାନ ବିଭାଗର ଅଧ୍ୟାପକ ଦ୍ୱୟ ଜଣକ ପରେ ଜଣେ ଦୁଷ୍କର୍ମ କରିଥିଲେ। ପ୍ରଥମେ ନରେନ୍ଦ୍ର ନାମକ ପଦାର୍ଥ ବିଜ୍ଞାନ ଅଧ୍ୟାପକଜଣକ ପୀଡ଼ିତାଙ୍କୁ ନିଜ ବିଷୟର ନୋଟ୍ ଦେବା ବାହାନାରେ ସମ୍ପର୍କ ବଢ଼ାଇଥିଲେ। ପରେ ସେ ଧୀରେ ଧୀରେ ବାରମ୍ବାର ମେସେଜ୍ ମାଧ୍ୟମରେ ପୀଡ଼ିତାଙ୍କ ବିଶ୍ୱାସ ଜିତିଥିଲେ। ଥରେ ନରେନ୍ଦ୍ର ତାଙ୍କର ଜଣେ ବନ୍ଧୁ ଅନୁପ୍‌ଙ୍କ ରୁମ୍‌କୁ ପୀଡ଼ିତାଙ୍କୁ ନୋଟ୍ ଦେବା ବାହାନାରେ ଡକାଇଥିଲେ ଏବଂ ସେଠାରେ ବଳପୂର୍ବକ ତାଙ୍କୁ ଦୁଷ୍କର୍ମ କରିଥିଲେ। ସେ ଏସମ୍ପର୍କରେ କାହାକୁ କିଛି କହିଲେ ଭିଡିଓ ପ୍ରଘଟ କରିଦେବେ ବୋଲି ପୀଡିତାଙ୍କୁ ଧମକ ଦେଇଥିଲେ। ପୀଡ଼ିତା ମଧ୍ୟ ଲୋକଲଜ୍ଜା ଭୟରେ ଚୁପ୍ ରହିଥିଲେ। ତେବେ କିଛି ଦିନ ପରେ ଜୀବ ବିଜ୍ଞାନ ବିଭାଗର ଅଧ୍ୟାପକ ସନ୍ଦୀପ ମଧ୍ୟ ପୀଡ଼ିତାଙ୍କୁ ସୋସିଆଲ ମିଡିଆରେ ଭିଡିଓ ଲିକ୍ କରିଦେବାର ଧମକ ଦେଇ ସେହି ଅନୁପ୍‌ଙ୍କ ରୁମ୍‌କୁ ଡାକି ଦୁଷ୍କର୍ମ କରିଥିଲେ। ପରେ ଅନୁପ ମଧ୍ୟ ଏପରି କିଛି ଧମକ ଦେଇ ତାଙ୍କୁ ନିଜ ରୁମ୍‌ରେ ଦୁଷ୍କର୍ମ କରିଥିଲେ। ତେବେ ନିକଟରେ ପୀଡ଼ିତାଙ୍କ ବାପା ମା' ତାଙ୍କୁ ଭେଟିବା ପାଇଁ ସହରକୁ ଆସିଥିବା ବେଳେ ପୀଡ଼ିତା ଘଟଣା ସମ୍ପର୍କରେ ସେମାନଙ୍କୁ ଜଣାଇଥିଲେ। ପରିବାର ଲୋକ କର୍ଣ୍ଣାଟକ ରାଜ୍ୟ ମହିଳା କମିଶନଙ୍କ ପାଖକୁ ଯାଇଥିଲେ ଏବଂ ତା'ପରେ ମରାଠାହଲ୍ଲୀ ପୁଲିସ୍ ଷ୍ଟେସନରେ ଅଭିଯୋଗ କରିଥିଲେ। ପୁଲିସ୍ ଅନୁସାରେ ୨ ଅଭିଯୁକ୍ତ ଅଧ୍ୟାପକ ଏବଂ ସେମାନଙ୍କ ବନ୍ଧୁକୁ ଗିରଫ କରି କୋର୍ଟରେ ହାଜର କରିଛି। ଏହି ୩ ଅଭିଯୁକ୍ତ ଗୋଟିଏ କଲେଜ୍‌ରେ ହିଁ କର୍ମଚାରୀ ବୋଲି ପୁଲିସ୍ ଜାଣିବାକୁ ପାଇଛି।



# ମଣିପୁରରୁ ପୁଣି ବିପୁଳ ଅସ୍ତ୍ରଶସ୍ତ୍ର ଜବତ

**ଇମ୍ଫାଲ, ୧୫।୭/ଏଜେନ୍ସି:** ମଣିପୁରରେ ଉଗ୍ରବାଦୀଙ୍କ ବିରୋଧୀରେ ସେନା-ପୁଲିସ୍‌ର ସର୍ଚ୍ଚ ଅପରେସନ୍ ଜାରି ରହିଛି। ରିପୋର୍ଟ ଅନୁସାରେ ମଙ୍ଗଳବାର ହୋଇଥିବା ସର୍ଚ୍ଚ ଅପରେସନ୍‌ରେ ପ୍ରାୟ ୮୬ ଅସ୍ତ୍ରଶସ୍ତ୍ର ଏବଂ ୯୭୪ ଗୋଳାବାରୁଦ ଜବତ କରାଯାଇଛି। ଏହି ସର୍ଚ୍ଚ ଅପରେସନ କାଙ୍ଗପୋକପି, ଇମ୍ଫାଲ ପୂର୍ବ, ଇମ୍ଫାଲ ପଶ୍ଚିମ, ଥୌବାଲ ଏବଂ ବିଷ୍ଣୁପୁର ସମେତ ୫ଟି ଜିଲ୍ଲାରେ କରାଯାଇଥିଲା। ପ୍ରକାଶ, ସୁରକ୍ଷା ବାହିନୀ ଗତ ଏକ ସପ୍ତାହ ଧରି ରାଜ୍ୟରେ ଖୋଜାଖୋଜି କରୁଛନ୍ତି। ପୂର୍ବରୁ ୭ ଜୁଲାଇରୁ ୧୪ ଜୁଲାଇ ପର୍ଯ୍ୟନ୍ତ କରାଯାଇଥିବା ଅପରେସନରେ ୧୦ ଜଣ ଉଗ୍ରବାଦୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଏହି ସମୟ ମଧ୍ୟରେ, ସେନା ୩୫ଟି ଅସ୍ତ୍ରଶସ୍ତ୍ର, ୧୧ଟି ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍ (ଆଇଇଡି), ଗ୍ରେନେଡ୍ ଏବଂ ଗୁଳିଗୋଳା ମଧ୍ୟ ଜବତ କରିଛି। ଏହା ଗୋଟିଏ ମାସରେ ରାଜ୍ୟରେ ଅସ୍ତ୍ରଶସ୍ତ୍ର ଉଦ୍ଧାରର ଦ୍ୱିତୀୟ ପ୍ରମୁଖ ଘଟଣା। ପୂର୍ବରୁ ଜୁନ୍ ୧୫ ତାରିଖରେ ୩୨୮ଟି ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ଉଦ୍ଧାର କରାଯାଇଥିଲା। ଏଥିରେ ସେଲ୍ଫ ଲୋଡିଂ ରାଇଫଲ୍ସ (ଏସ୍‌ଏଲ୍‌ଆର୍) ଏବଂ ଇନ୍‌ସାସ୍ ଭଳି ରାଇଫଲ୍ ଅନ୍ତର୍ଭୁକ୍ତ ଥିଲା।

## ଟ୍ରମ୍ପ୍‌ଙ୍କ ୧୦୦% ଟାରିଫ୍ ଧମକ ପରେ ରୁଷ୍‌ର କଡ଼ା ପ୍ରତିକ୍ରିୟା

# ନୂଆ କଟକଣା ପାଇଁ ଆମେ ପ୍ରସ୍ତୁତ

**ୱାଶିଂଟନ୍, ମସ୍କୋ, ୧୫।୭/ଏଜେନ୍ସି:** ଆସନ୍ତା ୫୦ ଦିନ ମଧ୍ୟରେ ୟୁକ୍ରେନ୍ ସହ ଯୁଦ୍ଧ ବନ୍ଦ ନକଲେ ୧୦୦% ଟାରିଫ୍ ଲାଗୁ କରାଯିବ ବୋଲି ରୁଷ୍‌କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଧମକ ଦେବାର ଠିକ୍ ଦିନକ ପରେ ରୁଷ୍ ପକ୍ଷରୁ ପ୍ରତିକ୍ରିୟା ଆସିଛି। ରୁଷ୍ ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭ ମଙ୍ଗଳବାର କହିଛନ୍ତି ଯେ, ତାଙ୍କ ଦେଶ ନୂତନ କଟକଣାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ। ତେବେ ଟ୍ରମ୍ପ୍, ରୁଷ୍‌କୁ ଏପ୍ରକାର ଧମକ ଦେବାକୁ ସେ ଆଶ୍ଚର୍ଯ୍ୟ ହୋଇଛନ୍ତି ବୋଲି କହିଛନ୍ତି। ଲାଭରୋଭ୍‌ଙ୍କ କହିବାନୁସାରେ ପୂର୍ବରୁ ମଧ୍ୟ, ରୁଷ୍ ପକ୍ଷରୁ ଟ୍ରମ୍ପଙ୍କ ଶୁଳ୍କ ଧମକକୁ ଖାରଜ କରାଯାଇସାରିଛି। ନିକଟରେ ଟ୍ରମ୍ପ୍, ରୁଷ୍‌କୁ ୫୦ ଦିନିଆ ଅଲଟିମେଟମ୍ ଦେବାର ସାହସ ଦେଖାଇଛନ୍ତି। କିନ୍ତ ରୁଷ୍ ଏହାକୁ 'ଅଗ୍ରହଣୀୟ' ବୋଲି ସ୍ପଷ୍ଟ କରିସାରିଛି।



ଚୀନ୍‌ରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ୨୫ତମ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗଦେବା ଅବସରରେ ଲାଭରୋଭ କହିଛନ୍ତି, ଶୁଳ୍କ ଧମକକୁ ନେଇ ରୁଷ୍ ଚିନ୍ତିତ ନୁହେଁ। କାରଣ ରୁଷ୍ ଏକ ନୂଆ ପ୍ରତିବନ୍ଧକର ସମ୍ମୁଖୀନ ହେବ ବୋଲି ବହୁପୂର୍ବରୁ ନିଶ୍ଚିତ ରହିଛି। କିନ୍ତୁ ଆମେ ବୁଝିବାକୁ ଚାହୁଁଛୁ ଯେ ଆମେରିକା ରାଷ୍ଟ୍ରପତି ବାସ୍ତବରେ କ'ଣ ଚାହୁଁଛନ୍ତି ? 'ୱାଶିଂଟନ ପକ୍ଷରୁ ଜାରି ବିବୃତ୍ତିର ବିଶ୍ଳେଷଣ କରିବା ପାଇଁ ଆମକୁ ନିଶ୍ଚିତ ଭାବରେ ସମୟ ଆବଶ୍ୟକ ବୋଲି ସେ କହିଛନ୍ତି। ପ୍ରକାଶ, ଦିନକ ପୂର୍ବେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍‌ଙ୍କ ଉଦ୍ଦେଶ୍ୟରେ ଏକ କଡା ଚେତାବନୀ ଦେଇଥିଲେ। ସେ କହିଥିଲେ ଯେ, ଆଗାମୀ ୫୦ ଦିନ ମଧ୍ୟରେ ୟୁକ୍ରେନ ସହ ଯୁଦ୍ଧବିରତି ପାଇଁ ରାଜି ନହେଲେ ରୁଷ୍ ଉପରେ ୧୦୦% ଟାରିଫ୍ ଲଗାଯିବ। ଟ୍ରମ୍ପ୍, ପୁତିନଙ୍କ ୟୁକ୍ରେନ ଯୁଦ୍ଧ ନୀତିକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ କହିଥିଲେ ରୁଷ୍‌ର ମିସାଇଲ ଆକ୍ରମଣ ଜାରି ରହିଥିବା ବେଳେ ପୂର୍ବରୁ ହୋଇଥିବା ଯୁଦ୍ଧବିରତି ଆଲୋଚନା ସଫଳ ହୋଇପାରିନାହିଁ। ସେ ଏହାକୁ ନେଇ ଗଭୀର ଭାବେ ନିରାଶ ହୋଇଛନ୍ତି।

ଚଳିତ ବର୍ଷ ଜାନୁଆରୀରେ ହ୍ୱାଇଟ ହାଉସ୍‌କୁ ୨ୟ ଥର ପାଇଁ ରାଷ୍ଟ୍ରପତି ଭାବେ ଫେରିଥିବା ଟ୍ରମ୍ପ ନିର୍ବାଚନ ପ୍ରଚାର ସମୟରେ ରୁଷ-ୟୁକ୍ରେନ୍ ଯୁଦ୍ଧକୁ ଶୀଘ୍ର ଶେଷ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ତାଙ୍କର ପ୍ରୟାସ ସଫଳ ହୋଇପାରିନାହିଁ। ଏବେବି ରୁଷ୍-ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଜାରି ରହିଛି। ଏସବୁ ମଧ୍ୟରେ ଟ୍ରମ୍ପ ଘୋଷଣା କରିସାରିଛନ୍ତି ଯେ, ୟୁକ୍ରେନକୁ ସମର୍ଥନ କରିବା ପାଇଁ ଆମେରିକା ନାଟୋକୁ ପେଟ୍ରିଅଟ୍ ମିସାଇଲ ସିଷ୍ଟମ ଏବଂ ବ୍ୟାଟେରୀ ଯୋଗାଇବ। ଏସବୁ ଉପରେ ଏବେ ରୁଷ୍‌କୁ ୧୦୦% ଟାରିଫ୍ ଧମକ ଦେଇଛନ୍ତି ଟ୍ରମ୍ପ୍। ଏହି ଘଟଣା ୟୁକ୍ରେନ-ରୁଷ୍ ଯୁଦ୍ଧରେ ଏକ ନୂଆ ମୋଡ଼ ଆଣିପାରେ, ଯାହା ବିଶ୍ୱ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ପ୍ରକାଶ ରଏଟର୍ସ ରିପୋର୍ଟ ଅନୁଯାୟୀ, ୟୁକ୍ରେନ-ରୁଷ୍ ଯୁଦ୍ଧରେ ଏପର୍ଯ୍ୟନ୍ତ ୧.୨ ନିୟୁତ ଲୋକ ଆହତ କିମ୍ବା ମୃତାହତ ହୋଇଛନ୍ତି। ତେବେ ଦୁଇ ଦେଶ ମଧ୍ୟରୁ କେହି ସେମାନଙ୍କର କ୍ଷତିର ସମ୍ପୂର୍ଣ୍ଣ ରିପୋର୍ଟ ସାର୍ବଜନୀନ କରିନାହାନ୍ତି।

ନିତିଦିନ NITIDIN



## ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ

# ଆମର ଅନେକ ଭାଷା ଅଛି, କିନ୍ତୁ ଭାବନା ଗୋଟିଏ: ରାଷ୍ଟ୍ରପତି

### ‘କଳିଙ୍ଗ ରନ୍-୨୦୨୪’ ସମ୍ମାନ ପାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



**କଟକ,୧୫।୭/ଏନ୍ଏନ୍ଏସ୍:** ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି କଟକ ଠାରେ ଆଦିକବି ସାରଳା ଦାସଙ୍କ ଜୟନ୍ତୀ ସମାରୋହରେ ଅତିଥି ଭାବେ ଯୋଗଦାନ କରିଛନ୍ତି। ଏହି ଅବସରରେ ସେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଳିଙ୍ଗ ରନ୍ ପୁରସ୍କାର-୨୦୨୪ରେ ସମ୍ମାନିତ କରିଛନ୍ତି।

ରାଷ୍ଟ୍ରପତି ଆଦିକବି ସାରଳା ଦାସଙ୍କ ପ୍ରତି ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ କହିଛନ୍ତି, ଆଦିକବି ସାରଳା ଦାସ ମହାଭାରତ ରଚନା କରି ଭାରତୀୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଏହି ମହାନ କବିଙ୍କ ଜନ୍ମବାର୍ଷିକୀ ପାଳନ ଏବଂ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସେ ‘ସାରଳା ସାହିତ୍ୟ ସଂସଦ’କୁ ପ୍ରଶଂସା କରିଛନ୍ତି। କଳିଙ୍ଗ ରନ୍ ପୁରସ୍କାର ପାଇଥିବା ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଛନ୍ତି। ସେ ମଧ ‘ସାରଳା ସମ୍ମାନ’ ସାହିତ୍ୟ ପୁରସ୍କାର ପାଇଥିବା ଶ୍ରୀ ବିଜୟ ନାୟକଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଆମର ବିବିଧତା ଏକ ଇନ୍ଦ୍ରଧନୁ ପରି। ଆମର ଏକତା ଯୁଗ ଯୁଗ ଧରି ବହୁତ ସୁଦୃଢ଼ ରହିଛି। ଆମର ଅନେକ ଭାଷା ଅଛି, କିନ୍ତୁ ଭାବନା ଗୋଟିଏ। ଏତେ ସଂଖ୍ୟକ ଭାଷା ଏବଂ ଧର୍ମକୁ ନେଇ ଭାରତ ଯେପରି ଭାବେ ଏକଜୁଟ ଏବଂ ସଦ୍ଭାବନାର ସହ ରହିଆସିଛି ତାହା ଦେଖି ବିଶ୍ୱ ଚକିତ ହୋଇଥାଏ। ରାଷ୍ଟ୍ରପତି କହିଛନ୍ତି, ଭାରତୀୟ ଶିକ୍ଷା ପରମ୍ପରାକୁ ସମୃଦ୍ଧ କରିବାରେ ଭାରତୀୟ ଭାଷାଗୁଡ଼ିକର ବ୍ୟାପକ ଅବଦାନ ରହିଛି। ଜାତୀୟ ଶିକ୍ଷା ନୀତି ୨୦୨୦ରେ ମାତୃଭାଷାରେ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବା ଖୁସିର ବିଷୟ। ମାତୃଭାଷାରେ ଶିକ୍ଷା ପିଲାମାନଙ୍କୁ ସେମାନଙ୍କର ସଂସ୍କୃତି ଏବଂ ପରମ୍ପରା ସହିତ ଯୋଡ଼ିବାରେ ସହାୟକ ହେବ। ନିଜ ମାତୃଭାଷା ବ୍ୟତୀତ ଅନ୍ୟ ଭାଷା ମଧ ଶିଖିବା ଉଚିତ ବୋଲି ସେ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ଏକବିଂଶ ଶତାବ୍ଦୀରେ ଆମେ ଆମର ଓଡ଼ିଆ ଭାଷାକୁ ଶିଖରକୁ ନେବା ପାଇଁ ଉଦ୍ୟମ କରିବା ପାଇଁ ହେବ। ବର୍ତ୍ତମାନର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମରେ ଆମର ଭାଷା ଓ ସାହିତ୍ୟକୁ ସୁସମୃଦ୍ଧ କରିବା ପାଇଁ ବ୍ୟକ୍ତିଗତ ସ୍ତରରେ ପ୍ରଚେଷ୍ଟା କରିବାକୁ ହେବ। ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ପ୍ରତିଦିନ ଗୁଗୁଲ ପରି ପ୍ଲାଟଫର୍ମରେ ଓଡ଼ିଶାର ସଂସ୍କୃତି ଓ ଇତିହାସ ସମ୍ପର୍କରେ କିଛି ପ୍ରଶ୍ନ ପଚାରିବା ଆବଶ୍ୟକ। ଏହା ଦ୍ୱାରା ଆମର ଓଡ଼ିଶା ସମ୍ପର୍କରେ ଡିଜିଟାଲ ଜ୍ଞାନ ଭଣ୍ଡାର ସୁସମୃଦ୍ଧ ହେବ ବୋଲି କହିଛନ୍ତି। ଶ୍ରୀ ପ୍ରଧାନ ରାଷ୍ଟ୍ରପତିଙ୍କ କରକମଳରୁ ମର୍ଯ୍ୟାଦାଜନକ ‘କଳିଙ୍ଗ ରନ୍-୨୦୨୪’ ସମ୍ମାନରେ ବିଭୂଷିତ ହେବା ଅବସରରେ କହିଛନ୍ତି ଯେ ରାଷ୍ଟ୍ରପତିଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିବା ମୋ ପାଇଁ ଗର୍ବ ଓ ଅତ୍ୟନ୍ତ ଭାବାବେଗର ବିଷୟ। ପୂର୍ବରୁ ଏହି ସମ୍ମାନ ଭାରତର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ରଙ୍ଗନାଥ ମିଶ୍ର, ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟ, ଜଷ୍ଟିସ ଅରିଜିତ ପଶାୟତ, ପଦ୍ମଭୂଷଣ ରମାକାନ୍ତ ରଥ, ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର, ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଜଷ୍ଟିସ ଡ. ଅନଙ୍ଗ କୁମାର ପଟ୍ଟନାୟକ, ପଦ୍ମଭୂଷଣ ଡ. ପ୍ରତିଭା ରାୟ ଏବଂ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ମହୋଦୟଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବ, ବିଶିଷ୍ଟ ଲେଖିକା ପଦ୍ମଭୂଷଣ ପ୍ରତିଭା ରାୟ ପ୍ରମୁଖ ଯୋଗଦେଇଥିଲେ।

## ନିର୍ଭରଯୋଗ୍ୟ ଗ୍ରୀଡ୍ ପାଇଁ ସୌର ଏବଂ ପବନ ଶକ୍ତିର ମିଶ୍ରଣ ଜରୁରୀ: ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୫।୭/ଏନ୍ଏନ୍ଏସ୍:** ଉପମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତୀକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ନବୀକରଣୀୟ ଶକ୍ତି ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଭାରତର ପବନ ଶକ୍ତି ଉତ୍ପାଦନର ଇତିହାସ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ରହି ଆସିଛି। ଓଡ଼ିଶା ପବନ ଓ ସୌରଶକ୍ତି ଭଳି ନବୀକରଣୀୟ ଶକ୍ତି ଲକ୍ଷ୍ୟ ପଥରେ ଅଗ୍ରଗତି କରୁଛି। ଏହାର ପ୍ରାକୃତିକ ସମ୍ପଦ, ଲମ୍ବା ଉପକୂଳ ଓ ଅବ୍ୟବହୃତ ଶୂନ୍ୟ ପାହାଡ଼ ଶିଖରର ବ୍ୟବହାର କରି ପବନ ଶକ୍ତି ଉତ୍ପାଦନ କରିବା ଲକ୍ଷ୍ୟ ରଖିଛି। ନିର୍ଭରଯୋଗ୍ୟ ଗ୍ରୀଡ୍ ପାଇଁ ସୌର ଏବଂ ପବନ ଶକ୍ତିର ମିଶ୍ରଣ ଜରୁରୀ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମତବ୍ୟକ୍ତ କରିଛନ୍ତି। ବୈଠକରେ ଜାତୀୟ ସ୍ତରରେ ନିର୍ଦ୍ଧାରିତ ପ୍ରତିଶ୍ରୁତି ହାସଲ କରିବା ପାଇଁ ଅତ୍ୟାବଶ୍ୟକ ପବନ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି କରିବା, ଉତ୍ପାଦନ ସମ୍ଭାବନା, ଚ୍ୟାଲେଞ୍ଜ ଏବଂ ସମ୍ଭାବ୍ୟ ମାର୍ଗ ବିଷୟରେ ଆଲୋଚନା କରାଯାଇଥିଲା। ୨୦୩୦ ସୁଦ୍ଧା ଅଣ-ଜୀବାଶ୍ମ ଇନ୍ଧନ-ଆଧାରିତ ଶକ୍ତି ସମ୍ପଦରୁ ୫୦% ବିଦ୍ୟୁତ ଶକ୍ତି ସ୍ଥାପିତ କ୍ଷମତା ହାସଲ କରିବା ଏବଂ ୨୦୭୦ ସୁଦ୍ଧା ନେଟ୍ ଜିରୋ କାର୍ବନ ହାସଲ କରିବା ପାଇଁ ପବନ ଶକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭରେଡି ନାମକ ଏକ ଦକ୍ଷିଣ ଆଫ୍ରିକୀୟ କମ୍ପାନୀ ଓଡ଼ିଶାର କିଛି ଜିଲ୍ଲାରେ ପବନ ଟର୍ବାଇନ୍ ସ୍ଥାପନ ବିଷୟରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଥିଲା। ବୈଠକରେ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ କୁମାର ଦେବ, ଗ୍ରୀଡକୋ, ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ, ବିତ୍ତପରାମର୍ଶଦାତା-ତଥା-ସ୍ୱତନ୍ତ୍ର ସଚିବ ଦେବିଦତ୍ତ ତ୍ରିପାଠି, ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ, ଏଭରେଡି ଦକ୍ଷିଣ ଏସିଆ ବ୍ୟବସାୟ ମୁଖ୍ୟ ଅରିଜିତ ଦାସ, ଜଳସେଚନ ଓ ଜଳସମ୍ପଦ, କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ପଞ୍ଚଭୂତରେ ବିଲୀନ ହେଲା ବାଲେଶ୍ୱର ପୀଡ଼ିତା ସୌମ୍ୟାଶ୍ରୀ ବିଶିଙ୍କ ମରଶରୀର

## ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ବିଜେପିର ପ୍ରଦୀପ ପ୍ରଜ୍ୱଳନ

**ଭୁବନେଶ୍ୱର,୧୫।୭/ଏନ୍ଏନ୍ଏସ୍:** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ତିନି ଦିନ ଧରି ଜୀବନ ଓ ମୃତ୍ୟୁ ସଙ୍ଗେ ଯୁଦ୍ଧ କରି; ଅନେକ ବେଦନା, ଯନ୍ତ୍ରଣା ଓ ଆଶା-ନିରାଶା ମଧ୍ୟରେ ଲଢ଼େଇ କରିବା ପରେ ସେ ଶେଷରେ ଗତ କାଲି ରାତ୍ରି ସମୟରେ ଅଫେରା ରାଇଜକୁ ଚାଲିଯାଇଛନ୍ତି। ତାଙ୍କ ବିୟୋଗ ଆମ ସମସ୍ତଙ୍କୁ ଗଭୀର ମର୍ମାହତ କରିଛି। ସ୍ୱର୍ଗତ୍ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଦ୍ୱୀପ ପ୍ରଜ୍ୱଳନ କରାଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ବରିଷ୍ଠ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ, ଟଙ୍କଧର ତ୍ରିପାଠୀ, ଇରାଶିଶ୍ ଆଚାର୍ଯ୍ୟ, ବରିଷ୍ଠ ନେତା ବିରଞ୍ଚି ନାରାୟଣ ତ୍ରିପାଠୀ, ନିରଞ୍ଜନ ମିଶ୍ର, ଅରବିନ୍ଦ ଢ଼ାଲି, ପ୍ରିୟଦର୍ଶୀ ମିଶ୍ର ପ୍ରମୁଖଙ୍କ ସମେତ ଅନେକ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ।

## ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଘେରାଉ

**ଭୁବନେଶ୍ୱର,୧୫।୭/ଏନ୍ଏନ୍ଏସ୍:** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ମାମଲାକୁ ନେଇ ଚାରିଆଡ଼େ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ନେଇ ମଧ କଂଗ୍ରେସ ବିରୋଧ ପ୍ରଦର୍ଶନ କରିଛି। ଛାତ୍ର କଂଗ୍ରେସ ଆଜି ସନ୍ଧ୍ୟାରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବାସଭବନ ଘେରିଛି। ଛାତ୍ର କଂଗ୍ରେସର ସଦସ୍ୟମାନେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଉପରକୁ ଅଣ୍ଡା ମାଡ଼ କରିଛନ୍ତି। ଏଥି ସହିତ ସରକାରଙ୍କ ବିରୋଧରେ ନାରାବାଜି କରିଛନ୍ତି। କଂଗ୍ରେସ ଘଟଣାର ନ୍ୟାୟିକ ତଦନ୍ତ ଦାବି ସହିତ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ସୂଚନାଯୋଗ୍ୟ, କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଗତ ୧୨ ତାରିଖ ମଧ୍ୟାହ୍ନରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପ୍ରଥମେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଶରୀରର ୯୫ ପ୍ରତିଶତ ଅଂଶ ପୋଡ଼ି ଯାଇଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିଲା। ଏକ ୧୦ ଜଣିଆ ବିଶେଷଜ୍ଞ ଡାକ୍ତରୀ ଟିମ୍ ୬୦ ଘଣ୍ଟା ଧରି ଦିଲ୍ଲୀ ଏମ୍ସର ବିଶେଷଜ୍ଞ ଦଳଙ୍କ ସହାୟତାରେ ନିରନ୍ତର ଯୋଗାଯୋଗରେ ରହି ଚିକିତ୍ସା କରାଯାଉଥିଲା। ହେଲେ ଗତକାଲି ରାତିରେ ତାଙ୍କର ମୃତ୍ୟୁ ହୋଇଛି।

## ବିଦ୍ୟୁତ୍ ଆଘାତରେ ମାମୁ-ଭଣଜା ମୃତ

**ଭଦ୍ରକ,୧୫।୭/ଏନ୍ଏନ୍ଏସ୍:** ବିଦ୍ୟୁତ୍ ଆଘାତ ପାଇ ଛଟପଟ ହେଉଥିବା ଭଣଜାକୁ ବଞ୍ଚାଇବା ପାଇଁ ଯାଇ ମାମୁଙ୍କର ମୃତ୍ୟୁ ଘଟିଛି। ବିଦ୍ୟୁତ୍ ତାରରେ ପାଦ ପକାଇଦେବାରୁ ଚାଲିଯାଇଛି ଜୀବନ। ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅଧୀନ ଦଇସିଂ ଆଦିବାସୀ ସାହିରେ ଘଟିଛି ଅଘଟଣ। ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ଦଇସିଂ ପଞ୍ଚାୟତ ଆଦିବାସୀ ସାହିରେ ୫ ବର୍ଷୀୟ ନବ ମୁଣ୍ଡା ଗାଁ ନିକଟ ରେ ମାଙ୍କଡ ଗୋଡାଉଥିଲେ। ଏହି ସମୟରେ ତଳେ ପଡ଼ିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇ ବିଦ୍ୟୁତ୍ ଆଘାତରେ ତଳେ ପଡ଼ିଯାଇଥିଲେ। ତାଙ୍କ ମାମୁ ନିଧି ମୁଣ୍ଡା ଭଣଜାକୁ ବଞ୍ଚାଇବା ପାଇଁ ଯାଇ ନିଜେ ମଧ ବିଦ୍ୟୁତ୍ ଆଘାତରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ବିଦ୍ୟୁତ୍ ସଂଯୋଗ କାଟି ଦୁଇ ଜଣଙ୍କୁ ମେଡିକାଲ ଆଣିଥିଲେ। ଭଦ୍ରକ ମେଡିକାଲରେ ଉଭୟଙ୍କୁ ମୃତ ଘୋଷଣା କରାଯାଇଛି।

## ଓ୍ୱାର୍ଲଡ୍ ସ୍କିଲ୍ ସେଣ୍ଟର୍‌ରେ ବିଶ୍ୱ ଯୁବ ଦକ୍ଷତା ଦିବସ

# କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ୍ ସ୍କିଲ୍‌ରେ ସୁଦକ୍ଷ କରିବା ପାଇଁ ସରକାର ସଂକଳ୍ପବଦ୍ଧ: ମନ୍ତ୍ରୀ



**ଭୁବନେଶ୍ୱର,୧୫।୭/ଏନ୍ଏନ୍ଏସ୍:** ରାଜ୍ୟର ଯୁବ ଶକ୍ତିଙ୍କୁ ପର୍ଯ୍ୟାପ୍ତ ସୁବିଧା-ସୁଯୋଗ ଯୋଗାଇ ଦେଇ ପ୍ରତିଭାମାନଙ୍କର ସମୁଚିତ ପ୍ରସ୍ଫୁଟନ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ଆଜିର ପ୍ରଗତିଶୀଳ ଓ ପ୍ରତିଯୋଗିତା ମୂଳକ ସମୟରେ ଓଡିଶାକୁ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ହେଲେ ଆମକୁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ ଦକ୍ଷତାରେ ପାରଙ୍ଗମ ହେବାକୁ ପଡ଼ିବ, ଯାହାଦ୍ୱାରା ବିଶ୍ୱରେ ଆମେ ଆମ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବା। ଏବଂ ଆମ ନିଜର ତାସହ ରାଜ୍ୟ ତଥା ଦେଶର ବାସ୍ତବ ଉନ୍ନତି ସାଧିତ ହୋଇପାରିବ ବୋଲି ସ୍ଥାନୀୟ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଆୟୋଜିତ ବିଶ୍ୱ ଯୁବ ଦକ୍ଷତା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଚଳିତ ବର୍ଷ ବିଶ୍ୱ ଯୁବ ଦକ୍ଷତା ଦିବସର ଶୀର୍ଷକ ରହିଛି ୟୁଥ୍ ଏମପାୱାରମେଣ୍ଟ ଥ୍ରୁ ଆର୍ଟିଫିସିଆଲ ଇନ୍‌ଟେଲିଜେନ୍ସ ଆଣ୍ଡ ଡିଜିଟାଲ ସ୍କିଲ୍ସ୍ ଏହି ଅବଲମ୍ବନରେ ଆପଣମାନଙ୍କୁ ପ୍ରସ୍ତୁତ ହେବାକୁ ପଡ଼ିବ ତାହା ହେଲେ ପାଇଁ ଆମେ ଆମର ସ୍ୱପ୍ନର ସମୃଦ୍ଧ ଓ ସମ୍ଭ୍ରାନ୍ତ ଓଡ଼ିଶା ଗଠନ କରିପାରିବା ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରଶିକ୍ଷାର୍ଥୀମାନଙ୍କୁ କହିଛନ୍ତି।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଭୁପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଅଭିଭାଷଣରେ ପ୍ରତିଭାକୁ ଦକ୍ଷତାରେ ରୂପାନ୍ତରିତ କରିପାରିଲେ ହିଁ ବିଶ୍ୱ ଦରବାରରେ ଆମର ଚାହିଦା ବଢ଼ିବ। ଦିନକୁ ଦିନ ପ୍ରତିଯୋଗିତା ବଢ଼ିବାରେ ଲାଗିଛି ସେହି ଅନୁଯାଇ ପ୍ରଶିକ୍ଷାର୍ଥୀମାନେ ପରିଶ୍ରମ ଓ ପ୍ରଚେଷ୍ଟା ଅବ୍ୟାହତ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ କୋର୍ସ ମ୍ୟାନେଜର ତରଫରୁ ମହାକାଶ ପ୍ରଯୁକ୍ତିବିଦ୍ୟା ଦକ୍ଷତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ସମାରୋହରେ ସଫଳତାର ସହ ତାଲିମ୍ ଶେଷ କରିଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ତା’ ସହ ଓ୍ୱାର୍ଲଡ ସ୍କିଲ୍ ସେଣ୍ଟର୍‌ରେ ତାଲିମ୍ ହାସଲ କରି, ଜର୍ମାନୀ ଏବଂ ଜର୍ମାନ ଭାଷାଭାଷୀ ରାଷ୍ଟ୍ରରେ ନିଯୁକ୍ତି ପାଇବା ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ରାଜ୍ୟର ଉତ୍ସାହୀ ଉଦ୍ୟମୀମାନଙ୍କୁ ପ୍ରୋତ୍ସାହିତ କରିବାପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ତିନି ଜଣ ଯୁବ ନାନୋ ୟୁନିକର୍ଣ୍ଣ ଉଦ୍ୟୋଗୀଙ୍କୁ ଏକ ଲକ୍ଷ ଟଙ୍କାର ସିଡ଼ ଫଣ୍ଡିଙ୍ଗ ପ୍ରଦାନ କରିଥିଲେ। ବିମାନ ଚଳାଚଳ କ୍ଷେତ୍ରରେ ତାଲିମପ୍ରାପ୍ତ ପ୍ରଶିକ୍ଷାର୍ଥୀମାନଙ୍କର ଏକ ପ୍ରେରଣାଦାୟୀ କ୍ଷୁଦ୍ର ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ବିଦେଶରେ ନିଯୁକ୍ତି ପାଇବାକୁ ଚୟନ ହୋଇଥିବା ପ୍ରଶିକ୍ଷାର୍ଥୀ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରରେ ସଫଳତାର ସହ ତାଲିମ ଶେଷ କରିଥିବା ୭୦୦ ପ୍ରଶିକ୍ଷାର୍ଥୀଙ୍କୁ ମଧ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବିଦେଶରେ ନିଯୁକ୍ତି ପାଇଁ ୫୦ରୁ ଅଧିକ ପ୍ରଶିକ୍ଷାର୍ଥୀ ମନୋନୀତ ହୋଇଛନ୍ତି। ସମାରୋହ ପରିପ୍ରେକ୍ଷୀରେ ଆୟୋଜିତ ଏଣ୍ଟରପ୍ରେନିଓରସିପ୍ ପିଚ୍ ଫେଷ୍ଟରେ ପ୍ରଶିକ୍ଷାର୍ଥୀଙ୍କ ସୃଜନଶୀଳତା ଓ ଦକ୍ଷତାକୁ ପ୍ରତିବିମ୍ବିତ କରୁଥିବା ୪୯ଟି ନବୀନତାମୂଳକ ପ୍ରକଳ୍ପ ଉପସ୍ଥାପିତ ହୋଇଥିଲା। ସେଥିମଧ୍ୟରୁ ୬ ଟି ପ୍ରକଳ୍ପକୁ ଉତ୍କୃଷ୍ଟତା ଓ ସୃଜନଶୀଳତା ପାଇଁ ସମ୍ମାନିତ କରାଯାଇଥିଲା। ମନ୍ତ୍ରୀ ଶ୍ରୀ ସ୍ୱାଇଁ ରାଜ୍ୟର ଯୁବ ଶକ୍ତିଙ୍କ ପ୍ରତିଭା ଓ ସାମର୍ଥ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ତଥା ଓ୍ୱାର୍ଲଡ ସ୍କିଲ୍ ସେଣ୍ଟର୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିତା ପଣ୍ଡା ଧନ୍ୟବାଦ୍ ଦେଇଥିଲେ।

## କାଳ ସାଜିଲା ଲଗାଣ ବର୍ଷା, କାନ୍ଥ ପଡ଼ି ବୃଦ୍ଧବୃଦ୍ଧାଙ୍କ ମୃତ୍ୟୁ



**ସୁନ୍ଦରଗଡ଼,୧୫।୭/ଏନ୍ଏନ୍ଏସ୍:** ଗତ ଦୁଇଦିନ ହେଲା ସୁନ୍ଦରଗଡ଼ରେ ଲାଗି ରହିଥିବା ଲଗାଣ ବର୍ଷା ଦୁଇଟି ପରିବାର ପାଇଁ ଅଭିଶାପ ପାଲଟିଛି। ଜିଲ୍ଲାର କୋଇଡ଼ା ଅଞ୍ଚଳରେ ଦୁଇଟି ସ୍ଥାନରେ ମାଟି କାନ୍ଥ ଭୁଶୁଡ଼ି ଜଣେ ବୃଦ୍ଧା ଓ ଅନ୍ୟ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବନଦୁଇ ବାଗେ (୭୦) ଓ ଦମାଣି ସେଠ୍। କୋଇଡ଼ା ବ୍ଲକ କାଲଟା ଫାଣ୍ଡି ଲୋହାରତୋଡ଼ା ଗାଁରେ ଜଣେ ବୟସ୍କ ବ୍ୟକ୍ତି ବନଦୁଇ ବାଗେ ଘରେ ଶୋଇଥିବା ବେଳେ ପ୍ରବଳ ବର୍ଷାରେ ଘରର ମାଟି କାନ୍ଥ ଭୁଶୁଡ଼ି ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ସେହିପରି ମୋଟୁହନୁମାନ ଗ୍ରାମରେ ବର୍ଷା ଯୋଗୁଁ କାନ୍ଥ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଉଛନ୍ତି ମୋଟୁହନୁମାନ ଗ୍ରାମର ଦମାଣି ସେଠ୍। ଦମାଣି ଶୋଇଥିବା ବେଳେ ପ୍ରବଳ ବର୍ଷାରେ ଭିଜିଥିବା ଘରର ମାଟି କାନ୍ଥ ତାଙ୍କ ଉପରେ ପଡ଼ିଯିବାରୁ ଚାପି ହୋଇ ତାଙ୍କର ମୃତ୍ୟୁ ହୋଇଛି।

DSPL-171



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଡେଙ୍ଗୁ ନିରାକରଣ ସଚେତନତା ମାସ
ଜୁଲାଇ ୨୦୨୫

ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ଡେ଼ଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଡେଙ୍ଗୁ ଏକ ଋତୁକାଳୀନ ଭୁତାଣୁ ଜନିତ ରୋଗ। ଏଡ଼ିସ୍ ମଶା କାମୁଡିବା ଦ୍ୱାରା ଏହି ରୋଗ ସଂକ୍ରମିତ ହୋଇଥାଏ।ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ଆଖପାଖରେ ଜମିରହୁଥିବା ସ୍ଥିର ଓ ପରିଷ୍କାର ପାଣିରେ ଏଡିସ୍ ମଶା ଡିମ୍ବ ଦେଇ ବଂଶ ବିସ୍ତାର କରିଥାଏ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ଓ୍ୱାଟର ଗ୍ରେ଼ର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଷଢ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଏଡିସ୍ ମଶା ସାଧାରଣତଃ ଘର ଭିତରେ ସୋଫା, ଖଟ, ଆଲମିରା ଓ ଥାକ ତଳେ ଅନ୍ଧାରୁଆ ସ୍ଥାନରେ ବିଶ୍ରାମ ନେଇଥାଏ
- ଏହି ମଶା ସାଧାରଣତଃ ସକାଳ ଏବଂ ଅପରାହ୍ନ (ଗୋଧୂଳି) ସମୟରେ କାମୁଡ଼ିଥାଏ। ମନୁଷ୍ୟ ଶରୀରର ବାହାର ଅଙ୍ଗ ଯଥା; ଗୋଡ, ହାତ, ମୁହଁ, ନାକ ଏବଂ କାନକୁ ଏହି ମଶା କାମୁଡିଥାଏ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର ସହିତ ଆଣ୍ଠୁ-ଗଣ୍ଠି ବିନ୍ଧା, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ, ଡେଙ୍ଗୁ ରୋଗରୁ ନିଜକୁ ସୁରକ୍ଷିତ ରଖନ୍ତୁ

OIPR-10003/13/0234/2526

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
http://www.health.odisha.gov.in/
@HFWOdisha

# ସର୍ପାଘାତରେ ଜଣେ ମୃତ



**କୁକୁଡ଼ାଖଣ୍ଡି,୧୫।୭/ଏନ୍‌ଏନ୍‌ଏସ୍:** ନିମଖଣ୍ଡି ଥାନା ଅନ୍ତର୍ଗତ ଗୁରୁଣ୍ଡି ଗ୍ରାମରେ ସୋମବାର ବିଳମ୍ବିତ ରାତ୍ରରେ ସାପ କାମୁଡ଼ାରେ ହରିଜନ ସାହିର ଜଣକ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ କୃଷ୍ଣ ଦାସ(୪୫) ବୋଲି ଜଣାପଡ଼ିଛି। ସେ ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ସବୁଦିନ ଭଳି ସୋମବାର ଦିନ ମଧ୍ୟ କାର୍ଯ୍ୟ ସାରି ଘରେ ପହଞ୍ଚିଥିଲେ। ଖାଇ ସାରି ଶୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ସର୍ପ ତାଙ୍କୁ କାମୁଡ଼ିଥିଲା। କୃଷ୍ଣଙ୍କୁ ଯନ୍ତ୍ରଣା ହେବାରୁ ସେ ଚିତ୍କାର କରିଥିଲେ। ପରିବାର ଲୋକେ ଦୌଡ଼ି ଆସି ଗୁରୁତର କୃଷ୍ଣଙ୍କ ଡାହାଣ ଗୋଡରେ ବିଷାକ୍ତ ସର୍ପ କାମୁଡ଼ିଥିବା ଦେଖିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ମେଡିକାଲ୍ ନେଇଥିଲେ। ଡାକ୍ତରଖାନାରେ ଚିକିତ୍ସା ହେଉଥିବା ବେଳେ ମଙ୍ଗଳବାର ପୂର୍ବାହ୍ନରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କୃଷ୍ଣଙ୍କର ଦୁଇ ସନ୍ତାନ ଥିବା ବେଳେ ଜଣକ ରୋଜଗାରରେ ପରିବାର ପ୍ରତିପୋଷଣ ହେଉଥିବାରୁ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି।

# ବିଧାୟକଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା



**କନ୍ଧମାଳ,୧୫।୭/ଏନ୍‌ଏନ୍‌ଏସ୍:** ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ବ୍ଲକ ଗସ୍ତରେ ଆସି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଧାୟକ ବ୍ଲକ କାର୍ଯ୍ୟାଳୟରେ ଫୁଲବାଣୀ ବିଡିଓ ସୌମ୍ୟ ରଞ୍ଜନ ପାତ୍ରଙ୍କ ସହ ଆଲୋଚନା କରିଥିଲେ। ପରେ ବ୍ଲକ ସଭାଗୃହରେ ବ୍ଲକର ସମସ୍ତ କର୍ମଚାରୀ ମାନଙ୍କ ସହିତ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ବିଧାୟକଙ୍କ ଫୁଲବାଣୀ ନିର୍ବାଚନ ମଣ୍ଡଳୀ ସଂଯୋଜକ ଦେବାଶିଷ ପ୍ରିୟଦର୍ଶନ ସାହୁ, ବିଜେପିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀତ ମଣ୍ଡଳ, ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁର, ଫୁଲବାଣୀ ନଗର ସଭାପତି ତଥା ସଂସଦ ପ୍ରତିନିଧି ଜଗନ୍ନାଥ ସାହୁ, ବିଧାୟକଙ୍କ ଫୁଲବାଣୀ ବ୍ଲକ ପ୍ରତିନିଧି ଲଳିତ ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ହତ୍ୟା ଘଟଣାରେ ପୁଣି ୩ ଗିରଫ

**ଛତ୍ରପୁର,୧୫।୭/ଏନ୍‌ଏନ୍‌ଏସ୍:** ଛତ୍ରପୁର ଥାନା ଅଧୀନ ଗୋବା ଗ୍ରାମରେ ଗୋଷ୍ଠୀ ସଂଘର୍ଷରେ ତୋଫାନ୍ ସ୍ୱାଇଁଙ୍କ ମୃତ୍ୟୁ ଘଟଣାରେ ପୂର୍ବରୁ ୫ ଜଣ ଗିରଫ ହୋଇଥିବା ବେଳେ ଆଜି ପୁଣି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ୍। ମୋଟ ଗିରଫ ସଂଖ୍ୟାରେ ୮ରେ ପହଞ୍ଚିଛି। ପୂର୍ବରୁ ହତ୍ୟା ଘଟଣାରେ ନିରଞ୍ଜନ ସ୍ୱାଇଁ, ହର୍ଷ ସାହୁ, ଗୌରୀ ଶଙ୍କର ସ୍ୱାଇଁ, ଅଖିଳ ସ୍ୱାଇଁ ଓ ତପନ ସାହୁ ଗିରଫ ହୋଇଥିବା ବେଳେ ଆଜି ସମିର ସାହୁ (୨୨), ବିଭୂତି ସ୍ୱାଇଁ (୩୭), କେଦାର ସ୍ୱାଇଁ(୨୫)କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଅତିରିକ୍ତ ଏସ୍‌ପି ରଂଜିତ କୁମାର ପୃଷ୍ଟି ସୂଚନା ଦେଇଛନ୍ତି । ଗୋଟିଏ ଠେଙ୍ଗା, ୩ ହଳ ଚପଲ ଓ ବାଉଁଶ ଜବତ ହୋଇଛି। ପୁଲିସ ଅଧିକ ତଦନ୍ତ ଜାରି ରଖିଛି । ଆକ୍ରମଣରେ ଅନ୍ୟ ଜଣେ ଆହତ ସୁଧୀର ସ୍ୱାଇଁ ଛତ୍ରପୁର ଥାନାରେ ୨୦ ଜଣଙ୍କ ନାମରେ ଅଭିଯୋଗ କରିଥିବା ବେଳେ ଅନ୍ୟମାନଙ୍କୁ ମଧ୍ୟ ପୁଲିସ୍ ଖୋଜୁଛି। କୋଠ ସମ୍ପତ୍ତି ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା କୁହାଯାଇଛି। ସୂଚନାଥାଉକି ପୂର୍ବରୁ ଗୋବା ଗ୍ରାମ ବିଦ୍ୟୁତ୍ ସବ୍‌ଷ୍ଟେସନ ନିକଟରେ କିଛି ଦୁର୍ବୃତ୍ତ ଗୋଟିଏ ବାଇକ୍‌ରେ ଆସି ଅଞ୍ଚଳର ତୋଫାନ ସ୍ୱାଇଁଙ୍କୁ ଆକ୍ରମଣ କରିଥିଲେ । ଗୁରୁତର ତୋଫାନ ସ୍ୱାଇଁଙ୍କ ମୃତ୍ୟୁ ଘଟିଥିବା ବେଳେ ନନ୍ଦ ବାରିକ, ଆଦିତ୍ୟ ସାହୁ, ରାହୁଲ ସ୍ୱାଇଁ, ସୁଧୀର ସ୍ୱାଇଁ ଆହତ ହୋଇଥିଲେ । ଦୀର୍ଘ ବର୍ଷ ଧରି ଦୁଇ ଗୋଷ୍ଠୀ ମଧ୍ୟରେ ତିକ୍ତତା ଲାଗି ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା । ଏବେ ବି ଆହୁରି ଅନେକ ଅଭିଯୁକ୍ତ ଫେରାର ଅଛନ୍ତି । ସେମାନଙ୍କୁ ମଧ୍ୟ ଧରିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ରଞ୍ଜିତ କୁମାର ପୃଷ୍ଟି ସୂଚନା ଦେଇଛନ୍ତି । ଏସ୍‌ଡିପିଓ ଚନ୍ଦନ ଘଡ଼େଇ ଓ ଛତ୍ରପୁର ଥାନାଧିକାରୀ ଦେବାଶିଷ ମହାନ୍ତି ଉପସ୍ଥିତ ଥିଲେ।



**ରେଲୱେରେ ଚାକିରି ନାମରେ ଠକେଇ ଘଟଣା**

# ଅଭିଯୁକ୍ତ ମହିଳା ଗିରଫ, ସ୍ୱାମୀ ଫେରାର୍

**ବ୍ରହ୍ମପୁର,୧୫।୭/ଏନ୍‌ଏନ୍‌ଏସ୍:** ରେଲୱେରେ ଚାକିରି ଦେବା ନାମରେ ଏକାଧିକ ବ୍ୟକ୍ତିଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ ଘଟଣାରେ ପୁଣି ଜଣେ ଗିରଫ ହୋଇଛନ୍ତି। ପୂର୍ବରୁ ଜଣେ ମଧ୍ୟସ୍ଥି ବ୍ୟକ୍ତି କୁକୁଡ଼ାଖଣ୍ଡି ଅଞ୍ଚଳର ଏ. ବିଘ୍ନେଶ୍ୱର ରାଓ ଗିରଫ ହୋଇଥିବା ବେଳେ ଗତକାଲି ଭୁବନେଶ୍ୱରରୁ ଜଣେ ମହିଳା ଯାଜପୁର ବରୀରାମଚନ୍ଦ୍ରପୁର ବନ୍ଧପଡ଼ାର ବିଜୟଲକ୍ଷ୍ମୀ ରାଉତ(୨୮)କୁ ସଦର ଥାନା ପୁଲିସ୍ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ତଥା ଅନ୍ୟତମ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଗିରଫ ମହିଳାଙ୍କ ସ୍ୱାମୀ ସମରଜିତ ରାଉତ ଓରଫ୍ ବସନ୍ତ ସିଂହ ଫେରାର୍ ହୋଇଯାଇଛନ୍ତି। ଗିରଫ ମହିଳାଙ୍କ ନିକଟରୁ ଦୁଇଟି ପାସବୁକ୍ ଜବତ ହୋଇଛି। ଗତ ୨୦୨୩ ମସିହାରେ ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ଏସ୍ କୃଷ୍ଣଚନ୍ଦ୍ର ଦୋରା(୩୨) ଓ ତାଙ୍କର କିଛି ବନ୍ଧୁ ଚାକିରୀ ସନ୍ଧାନରେ ଥିଲେ । ଏ. ବିଘ୍ନେଶ୍ୱର ରାଓଙ୍କ ଦ୍ୱାରା ସେମାନଙ୍କୁ ରେଳ ବିଭାଗରେ ଚାକିରୀ କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ପ୍ରତ୍ୟେକଙ୍କୁ ୧୨ଲକ୍ଷ ୫୦ହଜାର ଲେଖାଏଁ ଦେବାକୁ ପଡ଼ିବ ବୋଲି କହିଥିଲେ। କିଛି ଦିନ ପରେ ବିଘ୍ନେଶ୍ୱର ଅଭିଯୋଗକାରୀ କୃଷ୍ଣ ଏବଂ ତାଙ୍କ ବନ୍ଧୁମାନଙ୍କୁ ଭୁବନେଶ୍ୱର ନେଇ ସମରଜିତ ରାଉତ ଓରଫ ବସନ୍ତ ସିଂହ ଏବଂ ତାଙ୍କ ପତ୍ନୀ ବିଜୟଲକ୍ଷ୍ମୀ ରାଉତଙ୍କ ସହିତ ପରିଚୟ କରାଇଥିଲେ । ବସନ୍ତ ନିଜକୁ ରେଳବାଇର ସ୍କାଉଟ୍ ଏବଂ ଗାଇଡ୍‌ରେ ଟିଟିଇ ଭାବେ କାର୍ଯ୍ୟରତ ବୋଲି କହିବା ସହ ସେ ବିଭିନ୍ନ ବ୍ୟକ୍ତିଙ୍କ ନିଯୁକ୍ତିପତ୍ର ଦେଖାଇ ସେମାନଙ୍କ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥିଲେ। ପରେ ଏହି ଦମ୍ପତି ଭୁବନେଶ୍ୱରର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବିଘ୍ନେଶ୍ୱରଙ୍କ ମାଧ୍ୟମରେ କୃଷ୍ଣଙ୍କ ସମେତ ୫ଜଣ ଚାକିରୀ ଆଶାୟୀଙ୍କଠାରୁ ୧୨ଲକ୍ଷ ୫୦ହଜାର ଟଙ୍କା ଲେଖାଏଁ ମୋଟ ୬୨ଲକ୍ଷ ୫୦ହଜାର ଟଙ୍କା ନେଇଥିଲେ । ଟଙ୍କା ନେବା ପରେ ଡାକ ମାଧ୍ୟମରେ ନିଯୁକ୍ତିପତ୍ର ମଧ୍ୟ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାହା ନକଲି ବୋଲି ଜଣାପଡ଼ିବା ପରେ ଠକେର ଶିକାର କୃଷ୍ଣ ସଦର ଥାନାରେ ଅଭିଯୋଗ କରିଥିଲେ। ସଦର ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ୍ ପ୍ରଧାନଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଗଠନ କରି ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚଢଉ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜଣାପଡିଛି।

# ତାରାତାରିଣୀ କଲେଜର ଉନ୍ନତି ନେଇ ଆଲୋଚନା କଲେ ବିଧାନସଭା ଷ୍ଟାଣ୍ଡିଙ୍ଗ୍ କମିଟି ସଦସ୍ୟ



**ପୁରୁଷୋତ୍ତମପୁର,୧୫।୭/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ତାରାତାରିଣୀ କଲେଜ ପରିଦର୍ଶନ କରିଛନ୍ତି ଚତୁର୍ଥ ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି ସଦସ୍ୟ। କମିଟି ସଦସ୍ୟ ପ୍ରଥମେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠକୁ ଯାଇ ଦର୍ଶନ କରିଥିଲ। ସେଠାରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ବିଭାଗୀୟ ମହାବିଦ୍ୟାଳୟର ଅଧିକାରୀ, ଷ୍ଟାଣ୍ଡିଙ୍ଗ କମିଟି ସଦସ୍ୟ ଏବଂ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିଲେ। କମିଟିର ପୂର୍ଣ୍ଣ ଚନ୍ଦ୍ର ସେଠୀ (ଖଲିକୋଟ ବିଧାୟକ ତଥା ଓଡିଶା ଶିକ୍ଷା କମିଟିର ଅଧକ୍ଷ ), ଗଣେଶ୍ୱର ବେହେରା(ବିଧାୟକ କେନ୍ଦ୍ରାପଡ଼ା) ରୋମାଞ୍ଚ ରଞ୍ଜନ ବିଶ୍ୱାଳ(ବିଧାୟକ ଦେବଗଡ଼) ଅଖିଳ ଚନ୍ଦ୍ର ନାଏକ(ପାଟଣା କେନ୍ଦୁଝର ବିଧାୟକ) ଜଲେନ ନାଏକ(ରାଇରଙ୍ଗପୁର ବିଧାୟକ) ପ୍ରମୁଖ କଲେଜ କର୍ତ୍ତୃପକ୍ଷ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ସହିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ବୈଠକରେ ମୁଖ୍ୟତଃ ଶିକ୍ଷାନୁଷ୍ଠାନର ବିକାଶ ସ୍ଥିତି, ଭିତ୍ତିଭୂମି ଆବଶ୍ୟକତା ଏବଂ ଶୈକ୍ଷିକ ପ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। କମିଟି ସଦସ୍ୟ ଶିକ୍ଷାନୁଷ୍ଠାନର ଉଚ୍ଚଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଗୁଣାତ୍ମକ ଶୈକ୍ଷିକ ସୁବିଧା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ତାରାତାରିଣୀ କଲେଜ ଅଧକ୍ଷ ଡ. ସୁରେନ୍ଦ୍ର ନାଥ ପଣ୍ଡାଙ୍କ ନେତୃତ୍ୱ ଏବଂ ପ୍ରଶାସନିକ କର୍ତ୍ତୃପକ୍ଷ ସନ୍ଧ୍ୟାରାଣୀ ପାତ୍ରଙ୍କ ଦ୍ୱାରା କଲେଜର ଉନ୍ନତି ଦିଗରେ ହେଉଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ। ଏ ଦିଗରେ ସହଯୋଗୀ ପ୍ରଶାସନିକ କର୍ତ୍ତୃପକ୍ଷ ଡ. ପ୍ରଦୀପ କୁମାର ସାହୁ, ପ୍ରତିଷ୍ଠାନ ଅଧିକାରୀ ଡ. ରମେଶ ଚନ୍ଦ୍ର ସେନାପତି ଏବଂ କଲେଜର ସମସ୍ତ କର୍ମଚାରୀଙ୍କ ସହଯୋଗକୁ ନେଇ ମଧ କମିଟି ସଦସ୍ୟ ଖୁସି ପ୍ରକଟ କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଶୁଭାଶିଷ ବରାଳ, ସ୍ଥାନୀୟ ବିଡ଼ିଓ ଶରତ ଚନ୍ଦ୍ର ପାତ୍ର, ତହସିଲଦାର ବିନୋଦ କୁମାର ବେହେରା, ସ୍ଥାନୀୟ ବିଧାୟକ ପ୍ରତନିଧି ସୁଦର୍ଶନ ବେହେରା, ଏସ୍‌ଡିପିଓ ସୁଜିତ କୁମାର ନାୟକ, ଥାନା ଅଧିକାରୀ ରାଜେଶ କୁମାର ନାୟକ ଏବଂ ଥାନାର ସମସ୍ତ ଷ୍ଟାଫ୍ ଉପସ୍ଥିତ ଥିଲେ।

# ବଜ୍ରପାତ ସୁରକ୍ଷା ସଂକ୍ରାନ୍ତ ସଚେତନତା



**ଆସିକା,୧୫।୭/ଏନ୍‌ଏନ୍‌ଏସ୍:** ଆସିକା ବ୍ଲକ ଅନ୍ତର୍ଗତ ଗୁଣ୍ଡପଡାସ୍ଥିତ ଜଗଦଳପୁର ହାଇସ୍କୁଲ ପରିସରରେ ବଜ୍ରପାତ ସୁରକ୍ଷା ସଂକ୍ରାନ୍ତୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଗଦଳପୁର ଉଚ୍ଚ ବିଦ୍ୟାଳୟ ଗୁଣ୍ଡପଡାର ପ୍ରଧାନଶିକ୍ଷକ ନାରାୟଣ ମହାପାତ୍ର ଏହି ବଜ୍ରପାତ ସୁରକ୍ଷା ସଂକ୍ରାନ୍ତୀୟ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ବଜ୍ରପାତ ପ୍ରତି ସାବଧାନ ରହିବା ସହ କଣ କରିବା ଉଚିତ୍ ଓ କଣ କରିବା ଅନୁଚିତ୍ ସେ ସଂପର୍କରେ ବହୁ ଶିକ୍ଷଣୀୟ ତଥା ଉପାଦେୟ ମାର୍ଗଦର୍ଶନ କରିଥିଲେ । ଘଡଘଡି ଶବ୍ଦ ଶୁଣିଲେ ଖୋଲାସ୍ଥାନରୁ ଯଥାଶୀଘ୍ର କୌଣସି ପକ୍କାଘର ଭିତରକୁ ଯାଇ ଆଶ୍ରୟ ନେବା, ଗଛତଳେ କିମ୍ବା ବୁଦା ନିକଟରେ ଆଶ୍ରୟ ନ ନେବା, ଖୋଲାପଡିଆ ବା କ୍ଷେତରେ ବୁଲାବୁଲି ନକରିବା, ବିଦ୍ୟୁତ ପ୍ରବାହିତ ବସ୍ତୁ ଠାରୁ ସଂପୂର୍ଣ୍ଣ ରୂପେ ଦୂରେଇ ରହିବା ସମେତ ବଜ୍ରପାତ ପ୍ରତି ସାବଧାନତା ଅବଲମ୍ବନ କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସହକାରୀ ଶିକ୍ଷକ ସୁଶିଲ୍ ମୋହନ ପାତ୍ର, ଇଶ୍ୱରୀ ମହାପାତ୍ର, ମନ୍ଦାକିନୀ ପ୍ରଧାନ, ସନ୍ଧ୍ୟାରାଣୀ ବେହେରା, ଜି.ଆନନ୍ଦ ପାତ୍ର ପ୍ରମୁଖ ଯୋଗଦେଇ ବଜ୍ରପାତରୁ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀ ହିମାଂଶୁ ନାହାକ ଓ ସୋନାଲି ବାଡତ୍ୟା ବଜ୍ରାଘାତରୁ ରକ୍ଷା ପାଇବା ପାଇଁ ମକ୍‌ଡ୍ରିଲ୍ ମାଧ୍ୟମରେ କୌଶଳ ଦେଖାଇଥିଲେ । ଶିକ୍ଷାବିଭାଗର ପରାମର୍ଶକ୍ରମେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମା ତାରିଣୀ ଏସ୍‌ଏଚ୍‌ଜି, ମା ମହାମାୟୀ ଏସ୍‌ଏଚ୍‌ଜି, ଜୟ ମା ସନ୍ତୋଷୀ ଏସ୍‌ଏଚ୍‌ଜି, ରାମେଶ୍ୱର ଏସ୍‌ଏଚ୍‌ଜି, ଠାକୁରାଣୀ ଏସ୍‌ଏଚ୍‌ଜି, ଭୋଳାଶଙ୍କର ଏସ୍‌ଏଚ୍‌ଜି, ସତ୍ୟମ୍ ଏସ୍‌ଏଚ୍‌ଜି, ମା ଲକ୍ଷ୍ମୀ ଏସ୍‌ଏଚ୍‌ଜିର ସଦସ୍ୟଙ୍କ ସମେତ ବହୁ ଛାତ୍ରଛାତ୍ରୀ, ସଚେତନ ନାଗରିକ ଉପସ୍ଥିତ ଥିଲେ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଆଞ୍ଚଳିକ ସମ୍ମିଳନୀ

**ଶେରଗଡ,୧୫।୭/ଏନ୍‌ଏନ୍‌ଏସ୍:** ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଶେରଗଡ଼ ଜୋନ ସମ୍ମିଳନୀ ତାକରଡା ଗୋବିନ୍ଦ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । କବିରାଜ ବିଷୋୟୀ ପାର୍ଟି ପତାକା ଉତ୍ତୋଳନ ପରେ ଶହୀଦ ବେଦୀରେ ପୁଷ୍ପାଞ୍ଜଳି ସହ ହର ପ୍ରସାଦ ଆଚାରୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଜୋନ ସମ୍ପାଦକ ପଞ୍ଚାନନ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା । ଗଞ୍ଜାମ ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର ଯୋଗଦେଇ ଦେଶର ଚାଷୀ ସମସ୍ୟା ଓ ଜଳ ସେଚନ ସମସ୍ୟାକୁ ନେଇ ଜନ ଆନ୍ଦୋଳନ କରିବା ପାଇଁ ଅବଗତ କରିଥିଲେ। ବୈଠକରେ ଜିଲ୍ଲା ସହ ସମ୍ପାଦକ ପ୍ରଦୀପ ସେଠି, ଅଳକନାଥ ମିଶ୍ର, ଶିବରାମ ପାଣିଗ୍ରାହୀ, ଭୀମସେନ ସ୍ୱାଇଁ, ସିମାଞ୍ଚଳ ପ୍ରଧାନ, ଜଗନ୍ନାଥ ପାଢ଼ୀ, ବଳରାମ ଗୌଡ଼, ମୁରଲୀ ସାମଲଙ୍କ ସମେତ ବିଭିନ୍ନ ଶାଖା ସଦସ୍ୟମାନେ ଯୋଗ ଦେଇଥିଲେ।

# ପଞ୍ଚାୟତସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା



**କନ୍ଧମାଳ,୧୫।୭/ଏନ୍‌ଏନ୍‌ଏସ୍:** ମାନସିକ ସ୍ୱାସ୍ଥ୍ୟ ସାଧାରଣତଃ ପରିବାର ହେଉ କି ସମାଜରେ ବହୁଗୁଣରେ ଅଣଦେଖା ହୋଇଥିବାରୁ, ଅସୁସ୍ଥ ବ୍ୟକ୍ତି ଓ ତାହାର ପରିବାର ପରବର୍ତ୍ତୀ ସମୟରେ ବହୁ ଅସୁବିଧା ସମ୍ମୁଖୀନ ଦେଖିବାକୁ ମିଳେ। ଏହାକୁ ଆଖି ଆଗରେ ରଖି ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯକ୍ରମ ପକ୍ଷରୁ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅବସରରେ ଆଜି କଇଁଝରଠାରେ ଅନୁଷ୍ଠିତ ହୋଇଯାଇଛି। ଡିଏମ୍‌ଏଚ୍‌ପିର କର୍ମକର୍ତ୍ତା ମାଳତୀ ବେହେରା ମାନସିକ ସ୍ୱାସ୍ଥ୍ୟ ବିଷୟରେ ଲୋକମାନଙ୍କ ସହିତ ଆଲୋଚନା କରିଥିବା ବେଳେ ଏହାର ଲକ୍ଷଣ, ଚିକିତ୍ସା, ପରିବାର ଓ ସମାଜର ଦାୟିତ୍ୱର ସମସ୍ତ ଦିଗ ଉପରେ ଲୋକମାନଙ୍କୁ ଅତି ସରଳ ଭାବରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ରୁନିତା କହଁର, ଆଶା, ଅଙ୍ଗନବାଡି, ସ୍ୱାସ୍ଥ୍ୟ କର୍ମୀ, ସ୍ୱୟଂ ସହାୟକ ମହିଳା, ଅସୁସ୍ଥ ବ୍ୟକ୍ତି ପରିବାରର ଯତ୍ନକାରୀ ମାନେ ଯୋଦେଇଥିଲେ। ତୃଣମୂଳ ସ୍ତରରେ ଏଭଳି ସଚେତନତା କାର୍ଯ୍ୟକ୍ରମ ମାନସିକ ସ୍ୱାସ୍ଥ୍ୟସେବାକୁ ଆହୁରି ମଜଭୁତ କରିବ ବୋଲି ନିମନ୍ତ୍ରିତ ଅତିଥି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜକ ଗିରିସ ଚନ୍ଦ୍ର ସାମଲ ପରିଚାଳନା କରିଥିଲେ। କ୍ଷେତ୍ର ସଂଯୋଜକ ଆଲୋକ ସାମନ୍ତରାଏ, ଦିପେସ ମହାକୁଡ, ସ୍ୱାସ୍ଥ୍ୟ କର୍ମୀ ରାମେଶ୍ୱରୀ, ନିରୁପମା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ, କନ୍ଧମାଳ ଜିଲ୍ଲା ବନ୍ଦ ଡାକରା




**କନ୍ଧମାଳ,ଫୁଲବାଣୀ,୧୫।୭/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ସ୍ୱୟଂଶାସିତ ଫକିର ମୋହନ କଲେଜରେ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ଆଜି କନ୍ଧମାଳ ଛାତ୍ର କଂଗ୍ରେସ ପକ୍ଷରୁ ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଏକ ଦାବିପତ୍ର କଲେଜ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ଅବଦୁଲ୍ ସାକିର, ପୂର୍ବତନ ଜିଲା ସଭାପତି ଅନାମ ନାୟକ, ଶ୍ରମିକ ନେତା ଘନ କୁମାର ଶବର, ଯୁବନେତା ସୂର୍ଯ୍ୟକାନ୍ତ ଦାସ, ଚନ୍ଦନ ପଣ୍ଡା, ଗୌର ଚରଣ ବେହେରା, ରଞ୍ଜିତ ବେହେରା, ମିଳନ ନାୟକଙ୍କ ସମେତ ଛାତ୍ର ନେତା ଅନୁପମ କହଁର ଓ ଅନ୍ୟମାନେ ଏହାର ନେତୃତ୍ୱ ନେଇଥିଲେ। ସେହିଭଳି ଛାତ୍ରୀ ଆତ୍ମାହୁତି ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି କନ୍ଧମାଳ ଜିଲ୍ଲା କଂଗ୍ରେସ। ଏହାର ପ୍ରତିବାଦରେ ଆସନ୍ତା ୧୭ ତାରିଖ ଗୁରୁବାର କନ୍ଧମାଳ ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି। ରାଜ୍ୟରେ ନାରୀ ନିର୍ଯାତନା ସୀମା ଅତିକ୍ରମ କରିଛି। ଏଭଳି ଘଟଣା ସାରା ଦେଶରେ ଓଡିଶାକୁ ନିନ୍ଦିତ କରିଛି ବୋଲି ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି ଜିଲ୍ଲା କଂଗ୍ରେସ ସଂଯୋଜକ ଚନ୍ଦ୍ର ଶେଖର ପରିଡା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶ କ୍ରମେ ଆସନ୍ତା ୧୭ ତାରିଖରେ ଦଳ ପକ୍ଷରୁ ଜିଲ୍ଲା ବନ୍ଦ ଡାକରା ଦିଆଯାଇଥିବା ସେ ସୂଚନା ଦେଇଛନ୍ତି। ଏଥିରେ ସହଯୋଗ କରିବା ପାଇଁ ସେ ସମସ୍ତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ, ବସ, ଟ୍ରକ, ଅଟୋ ରିକ୍ସା, ଟ୍ୟାକ୍ସି ଆସୋସିଏସନ, ବଣିକ ସଂଘ ଓ ନାଗରିକ ସମାଜର କର୍ମକର୍ତ୍ତାମାନଙ୍କୁ ନିବେଦନ କରିଛନ୍ତି।

# ସିଙ୍ଗାବାଡ଼ି ହତ୍ୟାକାଣ୍ଡ ଘଟଣାର ଅନ୍ୟ ଅଭିଯୁକ୍ତ ଚେନ୍ନାଇରୁ ଗିରଫ

**ରଙ୍ଗେଇଲୁଣ୍ଡା,୧୫।୭/ଏନ୍‌ଏନ୍‌ଏସ୍:** ଗୋଳନ୍ଥରା ଥାନା ଅନ୍ତର୍ଗତ ସିଙ୍ଗାବାଡି ଗ୍ରାମରେ ଗତ ୬ ତାରିଖ ରବିବାର ରାତିରେ ଦିଲୀପ କୁମାର ପାତ୍ରଙ୍କୁ ଘରୁ ଟାଣିଆଣି ଅତି ବିଭତ୍ସ ଭାବେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିବା ଘଟଣାରେ ଆଜି ଗୋଳନ୍ଥରା ପୋଲିସ ହତ୍ୟାକାଣ୍ଡର ଅନ୍ୟ ଅଭିଯୁକ୍ତକୁ ଗିରଫ କରିଛି। ତା'ଠାରୁ ହତ୍ୟାରେ ବ୍ୟବହୃତ ଖଣ୍ଡା, ରକ୍ତଭିଜା ପୋଷାକ ଓ ମୋବାଇଲ ପୋଲିସ ଜବତ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସିଙ୍ଗାବାଡି ଗାଁ ମାନସ ଗୌଡ଼ ଓରଫ କାମନା (୨୪) ବୋଲି ପୋଲିସ ସୂଚନା ଦେଇଛି । ସୂଚନା ଅନୁଯାଇ, ମୃତ ଦିଲୀପ ପାତ୍ର ସିଙ୍ଗାବାଡି ଗ୍ରାମରେ ହାର୍ଡୱେର ବ୍ୟବସାୟ କରୁଥିବା ବେଳେ ଏକାକୀ ରହି ଆସୁଥିଲେ । ଗତ କିଛି ଦିନ ପୂର୍ବେ କନିଷି ହାଟରେ ମୃତ ଦିଲୀପ ପାତ୍ରଙ୍କ ମୋଟର ସାଇକେଲ ସହ ଅଭିଯୁକ୍ତ ପୀତବାସଙ୍କ ମୋଟର ସାଇକେଲ ଧକ୍କା ହୋଇଥିଲା । ଏଥିର ପୀତବାସଙ୍କ ଗାଡି ଭାଙ୍ଗିଯିବା ସହ ଆଘାତ ଲାଗିଥିଲା । ପୀତବାସ କ୍ଷତି ପୂରଣ ଦାବି କରିଥିବା ବେଳେ ଦିଲୀପ ମଧ୍ୟ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ପୀତବାସ କ୍ଷତିପୂରଣ ମାଗିବାରୁ ଦିଲୀପ କ୍ଷତି ପୂରଣ ଦେବାକୁ କୁଆଡେ ମନା କରିଦେଇଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ମାନାନ୍ତର ରହିଥିଲା । ଗତ ରବିବାର ରାତି ୧୦ଟା ବେଳେ ପୀତବାସ ସହ ମାନସ ଏକ ମୋଟର ସାଇକେଲରେ ଦିଲୀପଙ୍କ ଘରେ ପହଞ୍ଚି ତାଙ୍କୁ ଡାକିବା ସହ କ୍ଷତି ପୂରଣ ଦାବି ଯୁକ୍ତି ତର୍କ କରିଥିଲେ। ଦିଲୀପ ମନା କରିବାରୁ ତାଙ୍କୁ ବାରଣ୍ଡାରୁ ଘୋଷାଡ଼ି ଆଣି ସାଙ୍ଗରେ ଆଣିଥିବା ଖଣ୍ଡାରେ ଆକ୍ରମଣ କରିଥିଲେ। ପ୍ରବଳ ରକ୍ତସ୍ରାବ ହୋଇ ଦିଲୀପ ପଡ଼ିଥିବା ବେଳେ ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ ତଥା ଡ଼ିଏପି ବିବେକାନନ୍ଦ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ମୃତ ଦିଲୀପଙ୍କ ଭାଇ ହରିଶ ଚନ୍ଦ୍ର ପାତ୍ର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାରେ କେସ୍ ନଂ ୨୮୬/୨୫ରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ ତଦନ୍ତ କରୁଥିବା ବେଳେ ଟାମଣା ଛକରୁ ପୀତବାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଘଟଣାପର ଠାରୁ ମାନସ ଫେରାର ହୋଇଯାଇଥିଲା। ତଦନ୍ତ ଅଧିକାରୀ ସିଲୁ ଧଳ ଅଭିଯୁକ୍ତ ମାନସଙ୍କ ମୋବାଇଲ ଟ୍ରାକ କରି ଏକ ତିନି ଜଣିଆ ପୋଲିସ ଟିମ ସହ ଚେନ୍ନାଇର ବେଲୁଭାଡୁ ଥାନା ଅଧୀନ କୁଥାମ ବାଗ ଅଞ୍ଚଳରେ ଚଢ଼ାଉ କରି ମାନସକୁ ଗିରଫ କରିଥିଲା। ଆଜି ପୋଲିସ ମାନସକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ତଥା ଡ଼ିଏସପି ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

# ଅରବିନ୍ଦ ନଗର ରାସ୍ତା ଶୋଚନୀୟ, ପ୍ରତିକାର ଦାବି

**ବୁଗୁଡ଼ା,୧୫।୭/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ଏନଏସିର ୱାର୍ଡ ନଂ-୨ ଅନ୍ତର୍ଗତ ଅରବିନ୍ଦ ନଗର-୩ରୁ କେନାଲ ସାହିକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବହୁ ବର୍ଷ ତଳେ ତିଆରି ହୋଇଥିବା କଂକ୍ରିଟ ରାସ୍ତାଟି ଭାଙ୍ଗିଯାଇ ତାହା ଉପରେ ମାଟି ଜମାଟ ବାନ୍ଧି ଥିବାରୁ ସାମାନ୍ୟ ବର୍ଷାରେ ସେହି ଖାଲଖମା ରାସ୍ତାଟି କାଦୁଅରେ ପଚପଚ ହୋଇଯାଉଛି। ସେହି ରାସ୍ତା ଦେଇ କେନାଲ ସାହି ଏବଂ ଅନ୍ୟ ସାହିର ଲୋକେ ଯାତାୟତ କଲାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏଣୁ, ଏନ୍‌ଏସି କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।



**ଆରମ୍ଭ ହେଲା ଅର୍‌ଫାନ୍ ସର୍ଭେ-୨୦୨୫**

# 'ଆମରି ଶିଶୁ' ପୋର୍ଟାଲ୍‌ରେ ରହିବ ଶିଶୁଙ୍କ ତଥ୍ୟ

**ଆସିକା,୧୫।୭/ଏନ୍‌ଏନ୍‌ଏସ୍:** ଶିଶୁ ଅଧିକାର ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆସିକା ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଯାଇଛି ଅର୍‌ଫାନ୍ ସର୍ଭେ ୨୦୨୫ କାର୍ଯ୍ୟକ୍ରମ । ଆସିକା ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଇନ୍ଦିରା ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନ ସାଙ୍ଗକୁ ଅଞ୍ଚଳ ପରିଦର୍ଶିକା ଦିପ୍ତୀ ଧୋବା, କୁମୁଦିନୀ ଶତପଥୀ, ବିଷ୍ଣୁ ବେହେରା, ପ୍ରମିଳା ବେହେରା, ସଂଯୁକ୍ତା ବେହେରା, ଗୀତାଞ୍ଜଳୀ ଗୌଡ, ଟଂଜୁକ୍ତା ଗୌଡଙ୍କ ତତ୍ତ୍ୱାବଧାରକରେ ଅଙ୍ଗନବାଡି କର୍ମୀମାନେ ଏହି ସର୍ଭେ କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି। ପିତୃମାତୃହୀନ ଶିଶୁଙ୍କୁ ଚିହ୍ନଟ ସହିତ ନିର୍ଦ୍ଦିଷ୍ଟ ଫର୍ମରେ ସବିଶେଷ ତଥ୍ୟ ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି । ପ୍ରତ୍ୟେକ ଶିଶୁର ତଥ୍ୟ ଆମରି ଶିଶୁ ପୋର୍ଟାଲ୍‌ରେ ଦାଖଲ କରାଯିବା କାର୍ଯ୍ୟକ୍ରମ ରହିଛି। ଆସିକା ବ୍ଲକ ପରିସରଭୁକ୍ତ ୨୭ଟି ପଞ୍ଚାୟତରେ ଥିବା ୨୨୪ଟି ଓ ଏନ୍‌ଏସି ଅଧୀନସ୍ଥ ୧୮ଟି ୱାର୍ଡରେ ଥିବା ୨୭ଟି ଅଙ୍ଗନବାଡି କେନ୍ଦ୍ରରେ ଏହି ଅର୍‌ଫାନ୍ ସର୍ଭେ ୨୦୨୫ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ। ସର୍ଭେ କାର୍ଯ୍ୟକ୍ରମରେ ଉଭୟ ପିତାମାତାଙ୍କୁ ହରାଇଥିବା ଶିଶୁ, ପିତାଙ୍କୁ ହରାଇ ମାତାଙ୍କ ସହିତ କିମ୍ବା ମାତାଙ୍କୁ ହରାଇ ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ/ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ କାରଣରୁ ରୋଜଗାରହୀନ ପିତାଙ୍କ ସହିତ ରହୁଥିବା ଶିଶୁମାନଙ୍କୁ ଚିହ୍ନଟ କରାଯିବା ଲକ୍ଷ୍ୟ ରହିଛି। ୨୦୨୫ ମସିହା ଜୁନ୍ ମାସ ୧ ତାରିଖ ସୁଦ୍ଧା ଜନ୍ମଗ୍ରହଣ କରିଥିବା ଶିଶୁଙ୍କ ଠାରୁ ୧୮ ବର୍ଷ ବୟସ ଯାଏଁ ଶିଶୁ ଓ ନାବାଳକମାନଙ୍କୁ ଏହି ଅର୍‌ଫାନ୍ ସର୍ଭେ ୨୦୨୫ ଅଭିଯାନରେ ଚିହ୍ନଟ କରାଯିବ । ପରବର୍ତ୍ତୀ ସମୟରେ ଚିହ୍ନଟ ଶିଶୁମାନଙ୍କୁ ଆବଶ୍ୟକତା ଅନୁଯାୟୀ ଯତ୍ନ, ସୁରକ୍ଷା ତଥା ଥଇଥାନ ଯୋଜନା ପ୍ରସ୍ତୁତିରେ ସହାୟକ ହେବ ବୋଲି କୁହାଯାଉଛି। ଯଶୋଦା ଯୋଜନାରେ ପ୍ରତି ୪ ବର୍ଷରେ ଥରେ ସାରା ରାଜ୍ୟରେ ଏହି ସର୍ଭେ କରିବାର ବ୍ୟବସ୍ଥା ରହିଥିବା ଜଣାପଡିଛି।

# ବ୍ଲକ୍‌ସ୍ତରୀୟ 'ନିଷ୍ଠା' ତାଲିମ୍ ଶିବିର ଉଦ୍‌ଘାଟିତ




**ଆସିକା,୧୫।୭/ଏନ୍‌ଏନ୍‌ଏସ୍:** ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବାବନପୁର କ୍ଲଷ୍ଟରର ଦି ଆସିକା ସୁଗର ଇଣ୍ଡଷ୍ଟ୍ରିଜ୍ ଉଚ୍ଚ ବିଦ୍ୟାଳୟ ପରିସରରେ ତୃତୀୟ ପର୍ଯ୍ୟାୟ ପଞ୍ଚଦିବସୀୟ ନିଷ୍ଠା ତାଲିମ୍ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ୍‌ରାଣୀ ମହାନ୍ତିଙ୍କ ପରାମର୍ଶକ୍ରମେ ଦି ଆସିକା ସୁଗର ଇଣ୍ଡଷ୍ଟ୍ରିଜ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନିଶିକ୍ଷକ ପ୍ରଦୀପ୍ତ କୁମାର ସାମନ୍ତରାୟ, ବାବନପୁର କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରାଧାମୋହନ ଡାକୁଆ, ନଳବଣ୍ଟା କ୍ଲଷ୍ଟରର ସିଆର୍‌ସିସି ସରୋଜ କୁମାର ପ୍ରଧାନ ଏହି ତାଲିମ୍ ଶିବିରର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଶିକ୍ଷା କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡିକ ଉପରେ ଆଲୋକପାତ କରିଥିଲେ । ସମଗ୍ର ଶିକ୍ଷା ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ବ୍ଲକସ୍ତରୀୟ ନିଷ୍ଠା ତାଲିମ୍ ଶିବିରରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ କେନ୍ଦୁପଦର, ନିମିନା, ବାଲିସିରା, ଗଙ୍ଗାପୁର, କେ.ନୁଆଁପଲ୍ଲୀ, ଆସିକା ସଦର, ନଳବଣ୍ଟା, କାଳଷଣ୍ଡପୁର, ହରିଡାପଦର, ଖାରିଆ, ବାବନପୁର, ଭେଟନଇ, ବଡଖୋଲି କ୍ଲଷ୍ଟର ଅଧୀନସ୍ଥ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ୫୫ ଜଣ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ୍ ଦିଆଯାଉଥିଲା । ସମ୍ବଳ ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାବେ ମନ୍ଦାକିନୀ ରଥ, ମନୋଜ କୁମାର ତ୍ରିପାଠୀ, ଶୁଭେନ୍ଦୁ ଶେଖର ଜେନା, ଶିବଶଙ୍କର ସ୍ୱାଇଁ ପ୍ରମୁଖ ଯୋଗଦେଇ ଭାରତୀୟ ପୁନର୍ବାସ ସଂସ୍ଥାନ ଅଧିନିୟମ, ଜାତୀୟ ନ୍ୟାସ ଅଧିନିୟମ, ସଂଶୋଧିତ ଶିକ୍ଷା ଅଧିନିୟମ, ଅକ୍ଷମତା ଥିବା ବ୍ୟକ୍ତିମାନଙ୍କର ଅଧିକାର ଏବଂ ଅଧିନିୟମ, ଜାତୀୟ ଶିକ୍ଷାନୀତି ଅର୍ନ୍ତନିବେଶୀ ଶିକ୍ଷା ସହ ଭିନ୍ନକ୍ଷମ ବିଭାଗୀକରଣ, ଭିନ୍ନକ୍ଷମମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ, ବିଭିନ୍ନ ଅକ୍ଷମତା ଥିବା ଛାତ୍ରଛାତ୍ରୀମାନଙ୍କ ସମସ୍ୟା, ପାଠ୍ୟକ୍ରମ ଅନୁକୂଳନ, ସାର୍ବଜନୀନ ଶିକ୍ଷା ଢାଞ୍ଚା, ଅର୍ନ୍ତନିବେଶୀ ଶ୍ରେଣୀ ଗୃହରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଆଦି ବିଭିନ୍ନ ବିଷୟ ଉପରେ ତାଲିମ୍ ପ୍ରଦାନ କରୁଥିବା ଲକ୍ଷ୍ୟ କରାଯାଇଛି । ସମଗ୍ର ଶିକ୍ଷା ଆସିକାର ଗୋଷ୍ଠୀ ସମ୍ବଳ ଶିକ୍ଷକ ହେମନ୍ତ କୁମାର ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ତାଲିମ୍ ଶିବିରକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀକାନ୍ତ ପଟ୍ଟନାୟକ, ପ୍ରଜ୍ଞାପରମିତା ପ୍ରଧାନ, ଅନିଲ୍ କୁମାର ନାୟକ, ଏଲିନା ପିରିଆ, ମିତା ବେହେରାଙ୍କ ସମେତ ଶିକ୍ଷା ବିଭାଗର ବହୁ କର୍ମଚାରୀ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

### ଟୋକନ୍ ଥାଇ ମଣ୍ଡିରେ ଧାନ ଦେଇପାରିଲେନି ଚାଷୀ

# ସମବାୟ ସମିତି ସମ୍ମୁଖରେ ଧାରଣା

**ଡେଲାଙ୍ଗ, ୧୫।୭/ଏନ୍‌ଏନ୍‌ଏସ୍:** ଟୋକନ୍ ଥାଇ ସରକାରୀ ଧାନକ୍ରୟ କେନ୍ଦ୍ରରେ ଶତାଧିକ ଚାଷୀ ଧାନ ଦେଇପାରି ନଥିବାରୁ ଶହଶହ ଧାନବସ୍ତା ଘରେ ପଡ଼ିରହିଛି। ଯାହାଫଳରେ ଚାଷୀମାନେ ଏ ନେଇ ଚିନ୍ତା ପ୍ରକଟ କରିଥିବା ବେଳେ ଧାନକେରା ପଞ୍ଚାୟତର ସରଧାପୁର ସେବା ସମବାୟ ସମିତି ସମ୍ମୁଖରେ ୬୦ରୁ ଊର୍ଦ୍ଧ୍ୱ ଚାଷୀ ଧାରଣାରେ ବସିରହିଛନ୍ତି। ଚଳିତ ରବି ଋତୁରେ ସରଧାପୁର ସେବା ସମବାୟ ସମିତି ଅଧୀନରେ ଧାନ ବିକ୍ରି କରିବା ପାଇଁ ମୋଟ ୩୪୯ଜଣ ଚାଷୀ ପଞ୍ଜିକରଣ କରିଥିଲେ। ଧାନ ବିକ୍ରୟ ନିମନ୍ତେ ଚାଷୀଙ୍କ ମୋବାଇଲ ଫୋନ୍‌କୁ ସରକାରଙ୍କ ପକ୍ଷରୁ ମେସେଜ୍ ଜରିଆରେ ଟୋକନ ପ୍ରାପ୍ତ ହୋଇଥିଲା। ଟୋକନ ପ୍ରାପ୍ତ ହୋଇଥିବା ଚାଷୀମାନଙ୍କ ମଧ୍ୟରୁ ମାତ୍ର ୨୦୮ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିଥିବା ବେଳେ ବଳକା ୧୪୧ଜଣ ଚାଷୀ ଟୋକନ ପାଇ ମଧ୍ୟ ମଣ୍ଡିରେ ଧାନ ବିକ୍ରି କରିପାରି ନଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ସମବାୟ ସମିତିର ସମ୍ପାଦକ ମନମୁଖୀ କାର୍ଯ୍ୟକରି ନିଜର ପରିଚିତ ଲୋକମାନଙ୍କ ଧାନ ଆଗେ ଉଠାଇବା, ଟୋକନର କ୍ରମିକ ନମ୍ବରରେ ହେରଫେର୍ କରି ଆଖି ଠାରେ କରିବା ଆଦି ଅଭିଯୋଗ ହୋଇଛି। ଯାହାଫଳରେ ହଜାର ହଜାର ବସ୍ତା ଧାନ ଘରେ ରହି ନଷ୍ଟ ହେଉଥିବା ଅଭିଯୋଗ କରି ଚାଷୀ ବିଜୟ କୁମାର ପଣ୍ଡା, ମଙ୍ଗୁଳି ଚରଣ ସ୍ୱାଇଁ, କୃଷ୍ଣଚନ୍ଦ୍ର ପରିଡା, ବିଚିତ୍ର ନାୟକ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ହରିହର ପ୍ରଧାନ, ଜନାର୍ଦ୍ଦନ ସାହୁ,

## ଧାନକ୍ରୟ କରିବାକୁ ଦାବି, ନଚେତ୍ ଆନ୍ଦୋଳନ ଚେତାବନୀ

ବସନ୍ତ କୁମାର ପ୍ରଧାନ ପ୍ରମୁଖଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ଚାଷୀ ସମବାୟ ସମିତି ସମ୍ମୁଖରେ ଧାରଣାରେ ବସିବା ସହିତ ସେମାନଙ୍କର ଧାନ ବିକ୍ରି ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଆନ୍ଦୋଳନ ଉଗ୍ରରୂପ ଧାରଣ କରିବ ଏବଂ ଚାଷୀକୁଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସରଧାପୁର ସେବା ସମବାୟ ସମିତିର ସଭାପତି କୃପାସିନ୍ଧୁ ବିଶ୍ୱାଳ ଆନ୍ଦୋଳନକୁ ସମର୍ଥନ ଜଣାଇବା ସହିତ ସେବା ସମବାୟ ସମିତି ଅଧୀନରେ ଜିଲ୍ଲା ବାହାରୁ ଆସି ବେପାରୀ ଧାନ କିଣି ନେଉଥିବା ବେଳେ ଡାଟା ଏଣ୍ଟ୍ରି ଅପରେଟରମାନେ ଚାଷୀଙ୍କ ହିତକୁ ଅଣଦେଖା କରି ତାଙ୍କ କାଗଜପତ୍ର କାର୍ଯ୍ୟ ସୁବିଧାରେ କରିଦେଉଥିବା ଅଭିଯୋଗ କରିଛନ୍ତି। ବୋର୍ଡ ମେମ୍ବରଙ୍କୁ କିଛି ନ ଜଣାଇ ସମ୍ପାଦକ ମନମୁଖୀ କାର୍ଯ୍ୟ କରୁଥିବାରୁ ପ୍ରକୃତ ଚାଷୀ ମଣ୍ଡିରେ ଧାନ ଦେଇପାରି ନାହାନ୍ତି ବୋଲି ଆନ୍ଦୋଳନରତ ଚାଷୀମାନେ ଅଭିଯୋଗ କରିଥିଲେ। ସରଧାପୁର ସେବା ସମବାୟ ସମିତି ସମ୍ପାଦକ ସତ୍ୟରଞ୍ଜନ ଛାଟୋଇଙ୍କୁ ପଚାରିବାରେ ସେ କୁହନ୍ତି ଜୁନ୍ ୩୦ ତାରିଖ ଧାନକ୍ରୟର ଶେଷ ତାରିଖ ଥିବା ବେଳେ ଆମ୍ଭ ସମିତି ଅଧୀନରେ ମୋଟ ୧୧ହଜାର ୪୮୭କ୍ୱିଣ୍ଟାଲ ଧାନ କ୍ରୟ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଅଦ୍ୟାବଧି ୧୦ହଜାର ୭୫୩ କ୍ୱିଣ୍ଟାଲ ଧାନ କ୍ରୟ ସରିଛି। ତେବେ କ୍ଷୁଦ୍ରଚାଷୀଙ୍କୁ ଅଗ୍ରାଧିକାର ଦିଆଯାଇ ସେମାନଙ୍କ ଧାନ ପ୍ରଥମେ ଧାନ କ୍ରୟ କରାଯାଇଥିଲା। ସାଇଟ୍ ବନ୍ଦ ହୋଇଯିବାରୁ ବଳକା ଚାଷୀମାନେ ସେମାନଙ୍କ ଧାନ ଦେଇପାରି ନଥିଲେ। ବଳକା ଥିବା ୭୩୪ କ୍ୱିଣ୍ଟାଲ ଧାନ ଦେବା ନିମନ୍ତେ ସେବା ସମବାୟ ସମିତିର ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରିଥିବା ସମ୍ପାଦକ ଶ୍ରୀ ଛାଟୋଇ କହିଥିଲେ। ଡେଲାଙ୍ଗ ବ୍ଲକ ସେବା ସମବାୟ ସମିତି ଆଞ୍ଚଳିକ ଅଧିକାରୀ ସୁଶାନ୍ତ ରାଉତ କହିଛନ୍ତି ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ଲିଖିତ ଅଭିଯୋଗ ପହଞ୍ଚିନାହିଁ, ଅଭିଯୋଗ ପାଇବା ପରେ ନିୟମ ମୁତାବକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ।

# ସାକ୍ଷୀଗୋପାଳ ରେଳ ଓଭରବ୍ରିଜ୍ ସର୍ଭେକୁ ବ୍ୟବସାୟୀଙ୍କ ବିରୋଧ



**ସାକ୍ଷୀଗୋପାଳ, ୧୫।୭/ଏନ୍‌ଏନ୍‌ଏସ୍:** ସାକ୍ଷୀଗୋପାଳ-ମନ୍ଦିର-ଅଳଗୁମ ରାସ୍ତାରେ ରେଳ ଓଭର ବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରିବା ପାଇଁ ସର୍ଭେ ଦଳ ମାପଚୁପ କରିବା ବେଳେ କେତେକ ବ୍ୟବସାୟୀମାନେ ବିରୋଧ କରିଥିଲେ। ଏପରି କି ପୁରୀରୁ ଆସିଥିବା ଅଧିକାରୀଙ୍କ ସହିତ ଉଚ୍ଚବାଚ ହୋଇଥିବା ଦେଖା ଯାଇଥିଲା। ଶେଷରେ କିଛି ବ୍ୟବସାୟୀ ମାନେ ରାସ୍ତାରେ ବସିରହିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆସିଥିବା ଅଧିକାରୀ ମାନେ ନିରୁପାୟ ହୋଇପଡ଼ିଥିଲେ। ଶେଷରେ ବ୍ୟବସାୟୀ ମାନଙ୍କ ନିକଟରେ ଅଧିକାରୀ ମାନେ ମୁଣ୍ଡ ନୁଆଇଁ ସର୍ଭେ ବନ୍ଦରଖି ଫେରିଯାଇଥିଲେ। ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଡ଼ାକବାଜି ଯନ୍ତ୍ର ଦ୍ୱାରା ଘୋଷଣା କରାଯାଇଥିଲା ରେଳ ଓଭର ବ୍ରିଜ ନିର୍ମାଣ ନିମନ୍ତେ ଜମି ସର୍ଭେ ୧୫ ତାରିଖ ଠାରୁ ହେବ। ସତ୍ୟବାଦୀ ତହସିଲ ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡା, ଜିଲ୍ଲା ଲ୍ୟାଣ୍ଡଆକ୍ୟୁଜିସନ ଅଫିସର ପ୍ରଶାନ୍ତ କୁମାର ଜେନା, ଅମିନ ଓ କର୍ମଚାରୀମାନେ ବସଷ୍ଟାଣ୍ଡ ଠାରୁ ମାପଚୁପ ଆରମ୍ଭ କରିଥିଲେ। ନଡ଼ିଆ ମାର୍କେଟ ଠାରେ କେତେକ ବ୍ୟବସାୟୀ ପ୍ରଥମେ କ୍ଷତିପୂରଣ ଓ ପୁନର୍ବାସ କରାଯାଇ ମାପଚୁପ କରିବାକୁ କହି ସର୍ଭେ ଦଳଙ୍କୁ ବିରୋଧ କରିଥିଲେ। ମୁଖ୍ୟ ରାସ୍ତାର ମଝିରୁ ଉଭୟ ପାର୍ଶ୍ୱକୁ ୪୩ ଫୁଟ ମାପ କରାଯାଇ ଚିହ୍ନଟ କରାଯାଉଥିଲା। ତହସିଲଦାର ଶ୍ରୀ ପାଣିଗ୍ରାହୀ କହିଲେ ଯେ ଆମେ କେବଳ ମାପଚୁପ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବୁ। ଜିଲ୍ଲାପାଳ ରିପୋର୍ଟ ପାଇଲା ପରେ ଏସମ୍ପର୍କରେ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ। କିନ୍ତୁ ବିରୋଧ କରୁଥିବା ଲୋକମାନେ ରାସ୍ତା ଅବରୋଧ କରି ବସିଥିଲେ। ଖବର ପାଇ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଘଟଣାସ୍ଥଳରେ ପହଞ୍ଚି ବ୍ୟବସାୟୀ ମାନଙ୍କ ସହିତ ଆଲୋଚନା କରିଥିଲେ। ବିଧାୟକଙ୍କ ସହିତ ଏସମ୍ପର୍କରେ ଆଲୋଚନା ଆଜି କରାଯିବ ଏହାପରେ ଏହାର ନିଷ୍ପତ୍ତି ହେବ ଓ ପରେ ମାପଚୁପ କରାଯିବାକୁ ବ୍ୟବସାୟୀ ଦାବି ରଖିଥିଲେ। ଆସନ୍ତାକାଲି ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ସ୍ଥଗିତ ରଖି ସର୍ଭେ ଦଳ ଫେରି ଯାଇଥିଲେ। ଯାହାକୁ ନେଇ ସତ୍ୟବାଦୀ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି

**ବାଣପୁର, ୧୫।୭/ଏନ୍‌ଏନ୍‌ଏସ୍:** ଦୀର୍ଘ ୫୦ବର୍ଷ ଧରି ବାଣପୁରକୁ ଉପଖଣ୍ଡ ମାନ୍ୟତା ଦାବି କରି ବାଣପୁରବାସୀ ଯେଉଁ ସଂଘର୍ଷଜାରିରଖିଛନ୍ତି ଆଜି ତା'ର ପୂର୍ତ୍ତି ଉପଲକ୍ଷେ ମା' ମେଘାମ୍ବରୀ ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପଠାରେ ଚିଲିକା-ବାଣପୁର-ବାଲୁଗାଁ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ତରଫରୁ ଏକ ସମ୍ମିଳନୀର ଆୟୋଜନ କରାଯାଇ ଆଗାମୀ ଦିନରେ ଏହି ସଂଘର୍ଷକୁ କିପରି ଜୋରଦାର୍ କରାଯାଇ ଏହାର ପ୍ରାପ୍ତି ନିମନ୍ତେ ଉପସ୍ଥିତ ବାଣପୁରବାସୀଙ୍କ ତରଫରୁ ବିଭିନ୍ନ ପ୍ରସ୍ତାବ ମାନଆହ୍ୱାନକରାଯାଇଥିଲା। କମିଟିର ସଭାପତି ପ୍ରଫେସର ନଳିନୀ କାନ୍ତ ପଟ୍ଟ ନାୟକଙ୍କ ଏହାକୁ ପରିଚାଳନା କରିଥିବା ବେଳେ ସଂପାଦକ ଆଡ଼ଭୋକେଟ ମୁରଲୀଧର ସାମନ୍ତସିଂହାର ଏହାକୁ ସହଯୋଗ କରିଥିଲେ। ବୈଠକରେ ବାଣପୁର ବାଲୁଗାଁ ଚିଲିକା ଅଞ୍ଚଳର ଶତାଧିକ ବୃଦ୍ଧିଜୀବୀ, ଅବସରପ୍ରାପ୍ତ ସେନା କର୍ମଚାରୀ, ପତ୍ରକାର, ଓକିଲ, ରାଜନୈତିକ ବ୍ୟକ୍ତି ବିଶେଷ, ବ୍ୟବସାୟୀ, କଳାକାର, ମହିଳା ସଂଗଠନର କର୍ମକର୍ତ୍ତା ଯୋଗଦାନ କରିଥିଲେ। ମହେଶ୍ୱର ଜେନା ଏହାକୁ ସଂଯୋଜନା କରିଥିବା ବେଳେ ବିକ୍ରମ କେଶରୀ ମହାରଥୀ, ଗୋଲକ ବିହାରୀ ପରୀଡ଼ା, ଶକ୍ତି ପ୍ରସାଦ ମହାପାତ୍ର, ଅମିତାଭ ପଟ୍ଟଯୋଶୀ, ଆର୍ତ୍ତତ୍ରାଣ ଜାଲି, ଡଃ. ଚିନ୍ତାମଣି ମିଶ୍ର, ମଦନ ମୋହନ ମହାପାତ୍ର, ପ୍ରଦୀପକୁମାର ସ୍ୱାଇଁ, ବାଳମୁକୁନ୍ଦ ଦାସ, ପ୍ରକାଶ ଚନ୍ଦ୍ରପ୍ରଧାନ, ସଂଗ୍ରାମ କେଶରୀ ସାହୁ, ଇଂ. ଶେଷଦେବ ବରାଳ, ଭବାନୀଶଙ୍କର ହୋତା, ଅମରେନ୍ଦ୍ର ରଣସିଂ, ଜିତେନ୍ଦ୍ର କୁମାର ଭୋଳପ୍ରମୁଖ ବିଭିନ୍ନ ପ୍ରସ୍ତାବ ମାନ ରଖି ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ପଦଯାତ୍ରା କରି, ସଂଗଠନର ଆନ୍ଦୋଳନକୁ ଆହୁରି ଜୋରଦାର କରି ଚକା ବନ୍ଦ ଅଖବନ୍ଦ ଏପରିକି ସମଗ୍ର ନିର୍ବାଚନ ମଣ୍ଡଳୀର ବଜାର ବନ୍ଦ ଏବଂ ଆବଶ୍ୟକ ପଡିଲେ ଆମରଣ ଅନଶନ ଆରମ୍ଭ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କ୍ରିୟାନୁଷ୍ଠାନ କମିଟିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନୂତନ ସଭ୍ୟ ଭାବେ ବହୁ ଯୁବବର୍ଗଙ୍କୁ ଏଥିରେ ସାମିଲ କରାଯାଇଥିଲା। ଶେଷରେ ସହ ସଂପାଦକ ଜୟକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଗୋଚରଜମି ଜବରଦଖଲ ଉଦ୍ୟମ

# ୬ ପଞ୍ଚାୟତବାସୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ



**ନୟାହାଟ, ୧୫।୭/ଏନ୍‌ଏନ୍‌ଏସ୍:** ପୁରୀ ଜିଲା ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଗୋଚରଜମିକୁ ଜନୈକ ବ୍ୟକ୍ତି ନିଜ ନାମରେ ଥିବା କହି ଜବରଦଖଲ ପାଇଁ ଉଦ୍ୟମ କରିବା ନେଇ ଅଭିଯୋଗ ହୋଇଛି। ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜବରଦଖଲରୁ ନିବୃତ୍ତ ରଖାଯିବା ଏବଂ ତାଙ୍କ ନାମରେ ରେକର୍ଡ ନ କରାଯିବା ପାଇଁ ସ୍ଥାନୀୟ ୬ଟି ପଞ୍ଚାୟତର ଲୋକେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଜମିଟି ବ୍ରହ୍ମକୁଣ୍ଡି ମୌଜାର ଗୋଚରକିସମ ହୋଇଥିବା ବେଳେ ଏହି ପ୍ଲଟ୍ ଉପରେ ଚାରିଛକ ଡାକ୍ତରଖାନା ଓ ଥାନା ଅବସ୍ଥିତ। ସମ୍ପୃକ୍ତ ଜବରଦଖଲକାରୀ ନିମାପଡ଼ା ଚକବନ୍ଦୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚକବନ୍ଦୀ ମାଧ୍ୟମରେ ୨ଡିସିମିଲି ଜମି ପାଇଁ ଆବେଦନ ହୋଇଛି ବୋଲି ଦର୍ଶାଇ ଏହି ପ୍ଲଟ୍ ଆଗରେ ଥିବା ରାସ୍ତାପାର୍ଶ୍ୱ ସରକାରୀ ଜାଗା ଉପରେ ଏକ କ୍ୟାବିନ୍ ପକାଇ ପଛରେ ଏହି ପ୍ଲଟ୍‌କୁ ଦଖଲକରି ରଖିବା ସହିତ ନିଜ ନାମରେ ଏହି ପ୍ଲଟ୍‌କୁ କରାଇନେବାକୁ ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇଛି। ଏହି ପ୍ଲଟ୍‌ର କିସମ ଗୋଚର ବୋଲି ରେକର୍ଡ଼ ରହିଛି। ସମ୍ପୃକ୍ତ ବ୍ୟକ୍ତିଜଣକ ଏହି ଜମିକୁ ଜବରଦଖଲ କରିବାକୁ ଚକ୍ରାନ୍ତ କରୁଥିବାରୁ ନିକଟସ୍ଥ ଭୋଦର, ତୁଳସୀପୁର, ଛଣିଜଙ୍ଗ, ତମ୍ପାଲୋ, ବାହାରଣା, କଳାପାଞ୍ଚଣ ୬ଟି ପଞ୍ଚାୟତବାସୀ ଜବରଦଖଲ ଉଦ୍ୟମକୁ ବିରୋଧକରି ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଚ୍ଚନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିବା ଜଣାପଡ଼ିଛି। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୃହ, ଗାଡ଼ି ରହଣି ପାଇଁ ଜମିର ଆବଶ୍ୟକତା ରହିଛି। ଯଦି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଗୋଚରଜମିକୁ ଏଭଳି ଭାବେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜବରଦଖଲ କରି ଅକ୍ତିଆର କରିନେବେ ତେବେ ଆଗକୁ ସ୍ୱାସ୍ଥ୍ୟସେବାରେ ବହୁ ବିଭ୍ରାଟ ହେବ ବୋଲି ସଚେତନ ନାଗରିକ କୃଷ୍ଣଚନ୍ଦ୍ର ରାଉତ, ବିଶ୍ୱନାଥ ତ୍ରିପାଠୀ, ସରପଞ୍ଚ ଅଜୟ କୁମାର ପରିଡା, ଦିନେଶ ବେହେରା କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ତୁରନ୍ତ ଜବରଦଖଲ ହଟା ନ ଗଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମୁଖ୍ୟମନ୍ତ୍ରୀ, ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟସଚିବ, ରାଜସ୍ୱ ସଚିବଙ୍କ ନିକଟକୁ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ଦାବି କରିଛନ୍ତି।

# ବୋଲବମ୍ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ୮ଜଣିଆ ଅଗ୍ନିଶମ ବିଭାଗ ମହଜୁଦ୍



**କଣ୍ଟିଲୋ, ୧୫।୭/ଏନ୍‌ଏନ୍‌ଏସ୍:** ପବିତ୍ର ଶ୍ରାବଣ ମାସରେ ବୋଲବମ୍ ଭକ୍ତମାନେ ଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ପ୍ରଭୁ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋ ମହାନଦୀରୁ ପାଣି ଭାର ନେଇ ନିଜର ମାନସିକ ଅନୁଯାୟୀ ବିଭିନ୍ନ ଶୈବପୀଠରେ ଦେବ ଦେବ ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ପ୍ରଥମ ପାଳିରେ ପ୍ରାୟ ୪୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ ପାଣି ଭାର ନେଇଥିବା ନଜରକୁ ଆସିଛି।

ମହାନଦୀର ସ୍ରୋତ ତଥା ଗଭୀରତାକୁ ଦୃଷ୍ଟିରେ ରଖି ଭକ୍ତ ତଥା ଅନ୍ୟାନ୍ୟ ପର୍ଯ୍ୟଟକ ମାନଙ୍କ ସୁରକ୍ଷା ପାଇଁ, ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଦୁଇ ସପ୍ତାହ ପୂର୍ବରୁ ଦୈନିକ ଓଡ଼ିଆ ଖବର କାଗଜ 'ନିତିଦିନ'ରେ ଖବର ପ୍ରସାରିତ ହୋଇଥିଲା। ସେହି ଅନୁଯାୟୀ ବ୍ଲକ, ତହସିଲ ଓ ଜିଲ୍ଲା ପ୍ରଶାସନ ଉକ୍ତ ଖବରକୁ ଗୁରୁତ୍ୱ ସହକାରେ ହୃଦୟଙ୍ଗମକରି, ଗତ ଶୁକ୍ରବାରଠାରୁ ମୋଟର ବୋଟ ସହ ୭/୮ ଜଣିଆ ଅଗ୍ନିଶମ ବିଭାଗ ଟିମ୍ ଉପସ୍ଥିତ ରହି ସୁରକ୍ଷା ଦେବା ସହ ଅବଶିଷ୍ଟ ତିନି ସୋମବାର ବୋଲବମ୍ ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ମହାନଦୀରେ ସୁରକ୍ଷା ଦେବା ପାଇଁ କଣ୍ଟିଲୋରେ ମହଜୁଦ ହୋଇ ରହିଥିବା ସୂଚନା ମିଳିଛି।

# ଦଣ୍ଡ ଠାକୁରଙ୍କ ପାଟ ପରୀକ୍ଷାଙ୍କ ପରଲୋକ

**ଖଣ୍ଡପଡ଼ା, ୧୫।୭/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଖଲିସାହି ଗ୍ରାମ ଦଣ୍ଡ ଠାକୁରଙ୍କ ପାଟ ଭୋକତା ଓ ଦେଉଳ ପରୀକ୍ଷା କାର୍ଯ୍ୟ ଦୀର୍ଘ ବର୍ଷ ଧରି ଠାକୁରଙ୍କ ସେବା କରି ଆସୁଥିଲେ। ସୋମବାର ରାତିରେ ତାଙ୍କର ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଖବର ଜାଣିବା ପରେ ନିଜ ଗ୍ରାମ ଓ ଆଖପାଖ ଗ୍ରାମରୁ ଶହଶହ ଦଣ୍ଡୁଆ ଭାଇମାନେ ତାଙ୍କ ବାସଭବନରେ ପହଞ୍ଚି ଦୁଃଖପ୍ରକାଶ କରିଥିଲେ। ସେମାନଙ୍କ ସାଙ୍ଗେରେ ଆସିଥିବା ପାଟଦଣ୍ଡୁଆ ଭଗବାନ ବାରିକ ମୁଖ୍ୟ ପରୀକ୍ଷା ମାନସ କୁମାର ସାହୁ କାର୍ଜି ଶରତ କୁମାର ସାହୁଙ୍କ ଗହଣରେ ଗ୍ରାମ ଶ୍ମଶାନରେ ଶବ ସତ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପୁଅ ବିଭୁତି ମୁଖାଗ୍ନି ଦେଇଥିଲେ।



# ନାରାୟଣ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଯୁବଦକ୍ଷତା ଦିବସ



**ଶରଣକୁଳ, ୧୫।୭/ଏନ୍‌ଏନ୍‌ଏସ୍:** ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ଆନୁକୁଲ୍ୟରେ ଶରଣକୁଳସ୍ଥିତ ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୫ ମଙ୍ଗଳବାର ପାଳିତ ହୋଇଯାଇଛି। ଚଳିତବର୍ଷର ବିଶ୍ୱ ଯୁବ ଦକ୍ଷତା ଦିବସ, କୃତ୍ରିମ ବୁଦ୍ଧିମତା ଏବଂ ଡିଜିଟାଲ ଦକ୍ଷତା ଦ୍ୱାରା ଯୁବ ସଶକ୍ତିକରଣ ବିଷୟବସ୍ତୁ ଉପରେ ଆଧାରିତ ଥିଲା। ଏହି ଦିବସ ପାଳନ ଅବସରରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ, ରାଷ୍ଟ୍ରୀୟ ବୃତ୍ତି ସେବାର ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଗବେଷଣା ଫେଲୋ ରବି କୁମାର, ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ମିଶ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶରଣକୁଳର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାଗୁଡ଼ିକର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ସ୍ତରରେ ଧନ୍ଦାମୂଳକ ଶିକ୍ଷାର ପ୍ରଚାର ଓ ପ୍ରସାର ଦିଗରେ କରିଥିବା ଦୃଷ୍ଟାନ୍ତମୂଳକ କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ରୋଜାଲିନ ମିଶ୍ର ଏବଂ ଗୌରାଙ୍ଗ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଦକ୍ଷତା ରୋଡ୍ ଶୋ' ପରେ ନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଚେତନତାମୂଳକ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ହସ୍ତଶିଳ୍ପ ସାମଗ୍ରୀ ଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ ସଭାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋଦାବରୀ ବାସନ୍ତିଆ, ଜନାର୍ଦ୍ଦନ ପରିଡ଼ା, ପ୍ରଶାନ୍ତ ଦାଶ, ଦାମୋଦର ସାହୁ, ପ୍ରଜ୍ଞା ପାରମିତା ସାହୁ, ରଶ୍ମିତା ବେହେରା, ସସ୍ମିତା ସାହୁ, ଚନ୍ଦନ ମଲିକ, ନିରୁପମା ସାହୁ, ଶୁଭସ୍ମିତା ସାହୁ, ରଶ୍ମିତା ବେହେରା, ରାଜେଶ୍ୱରୀ ଡାକୁଆ, ମମତା ମିଶ୍ର, ସଚ୍ଚିଦାନନ୍ଦ ପାତ୍ର, ସୁନିତା ସାହୁ, ପ୍ରତିଭା ମଞ୍ଜରୀ ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ମାଙ୍କଡ଼ା ବୋଝେଇ ଟ୍ରକ୍ ଜବତ, ଚାଳକ କୋର୍ଟଚାଲାଣ

**ମାହାଙ୍ଗା, ୧୫।୭/ଏନ୍‌ଏନ୍‌ଏସ୍:** ମାହାଙ୍ଗା ଥାନା ଅଧିନ କୁମୁଡା ଜୟପୁର ଫାଣ୍ଡି ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଏକ ଚୋରା ମାଙ୍କଡ଼ା ବୋଝେଇ ଟ୍ରକ ଜବତ କରିବା ସହ ଗାଡି ଚାଳକଙ୍କୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ସୂଚନା ମୁତାବକ ଆଇଆଇସି ତପନ କୁମାର ରାଉତଙ୍କ ନିର୍ଦ୍ଦେଶକ୍ରମେ କୁମୁଡା ଜୟପୁର ଫାଣ୍ଡି ଅଧିକାରୀ ମନୋଜ କୁମାର ବେହେରାଙ୍କ ନେତୃତ୍ୱରେ ସନ୍ଧ୍ୟାକଳୀନ ପାଟ୍ରୋଲିଂ କରାଯାଉଥିବା ବେଳେ କୋଠପଦା ବଜାର ନିକଟରୁ ଏକ ମାଙ୍କଡା ବୋଝେଇ ଟାଟା ଆଇଚର ଗାଡିକୁ ଜବତ କରି ଥାନାକୁ ଆଣିଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯାଇ ଗାଡିକୁ ଅଟକ ରଖିବା ସହ ଗାଡ଼ି ଚାଳକଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି।



# ବାହାଡ଼ାଝୋଲା ଫାଣ୍ଡିକୁ ଥାନା ମାନ୍ୟତା ଦାବି

**ଓଡ଼ଗାଁ, ୧୫।୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ଆଦିବାସୀ ବହୁଳ ବାହାଡ଼ାଝୋଲା ଫାଣ୍ଡିକୁ ଥାନାର ମାନ୍ୟତା ଦେବାପାଇଁ ଅଞ୍ଚଳର ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ ବାହାଡ଼ାଝୋଲା ଫାଣ୍ଡି ୧୯୪୦ ମସିହାରୁ ବ୍ରିଟିଶ୍ ଅମଳର ହୋଇଥିବାବେଳେ ସେହି ସମୟର ଅନେକ ଫାଣ୍ଡି ଆଜିର ଦିନରେ ଥାନାର ମାନ୍ୟତା ପାଇ ସାରିଲେଣି। ଏହି ଫାଣ୍ଡି ଉପରେ ୬ଗୋଟି ଆଦିବାସୀ ବହୁଳ ପଞ୍ଚାୟତ ତଥା କାପ୍ତାପଲ୍ଲୀ, ଗୁମି, ହରିପୁର, ବେରୁଆଁବାରୀ, ସିଙ୍ଗାର ପଲ୍ଲୀ ଭଳି ପଞ୍ଚାୟତର ୯୭ଟି ରେଭିନ୍ୟୁ ଭିଲେଜ ସହିତ ବାହାଡ଼ାଝୋଲା ଡେଲି ମାର୍କେଟ ଓ ସାପ୍ତାହିକ ହାଟ, ଦୁଇଟି କଲେଜ,ଦୁଇଟି ମଦଦୋକାନ ଠାରୁ ଆରମ୍ଭକରି ବିଭିନ୍ନ ଅଫିସ୍ ଓ ୫୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ବାହାଡ଼ାଝୋଲା ଫାଣ୍ଡି ଉପରେ ସୁରକ୍ଷା ପାଇଁ ନିର୍ଭର କରିଥାନ୍ତି। ଏହି ବିଷୟରେ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏଣୁ ଆଜି ସ୍ଥାନୀୟ ସାମ୍ବାଦିକ ନିରଞ୍ଜନ ସାହୁଙ୍କ ଆବାହକତ୍ୱରେ ଫାଣ୍ଡି ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଅଞ୍ଚଳର ବୁଦ୍ଧିଜୀବୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ସାହୁ, ବଂଶୀଧର ସାହୁ, ଭିକ୍ଷାକାରି ବକ୍ସି, ମହେନ୍ଦ୍ର କୁମାର ସାହୁ, ସତ୍ୟନାରାୟଣ ସାହୁ, ସୁରେଶ କୁମାର ସାହୁଙ୍କ ସହିତ ଅଞ୍ଚଳର ବିଜେପି ମଣ୍ଡଳ ସଭାପତି ଦିଲିପ୍ କୁମାର ନାୟକ ଯୋଗଦେଇ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସ୍ୱାଗତ କରିବା ସହିତ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସହମତି ଦେଇଥିଲେ। ଏଭଳି ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଅଂଚଳର ଯୁବ ସାମ୍ବାଦିକ ନିରଂଜନ ସାହୁ, ପ୍ରଦିପ କୁମାର ସାହୁ, ବିରଞ୍ଚି ନାରାୟଣ ବେହେରା, ଦୟା ସାହୁ, ଲୋକନାଥ ମହାପାତ୍ର, ପ୍ରମୋଦ କୁମାର ନାୟକ ନେତୃତ୍ୱ ନେଇଥିବା ବେଳେ ଆଗାମୀ ଦିନରେ ଜିଲ୍ଲାପାଳ, ଏସ୍‌ପି, ଡିଜି, ବିଧାୟକ, ସାଂସଦ ଓ ମୁଖ୍ୟମନ୍ତ୍ରୀଙ୍କୁ ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ଦୃଷ୍ଟି ଆକର୍ଷଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।



**ନିତି ଭାରତୀ**

ମହାନ ବ୍ୟକ୍ତିମାନଙ୍କ ପାଇଁ ଧର୍ମ ବନ୍ଧୁତ୍ୱ ସୃଷ୍ଟି କରିବାର ଏକ ମାଧ୍ୟମ; ନୀଚ ଲୋକମାନେ ଧର୍ମକୁ ଏକ ଲଢ଼େଇ କରିବାର ଉପକରଣରେ ପରିଣତ କରିଥାନ୍ତି।
- ଡକ୍ଟର ଏପିଜେ ଅବଦୁଲ କଲାମ୍

ନିତିଦିନ NITIDIN
ବୁଧବାର, ୧୬ ଜୁଲାଇ, ୨୦୨୫

# ସ୍ୱପ୍ନରେ ବୈଜ୍ଞାନିକ ଆବିଷ୍କାର



ନିଖିଳାନନ୍ଦ ପାଣିଗ୍ରାହୀ

ଫ୍ରେଡେରିକ୍ ଅଗଷ୍ଟ କେକୁଲେ (୧୮୨୯-୧୮୯୬, ଜନ୍ମସ୍ଥାନ- ଡାର୍ମଷ୍ଟେଟ, ଜର୍ମାନୀ) ଜଣେ ବିଖ୍ୟାତ ରସାୟନଶାସ୍ତ୍ରୀ ଥିଲେ। ତାଙ୍କୁ ସଂରଚନାତ୍ମକ ଜୈବ ରସାୟନ ବିଜ୍ଞାନର ପ୍ରତିଷ୍ଠାତା ଭାବେ ଅଭିହିତ କରାଯାଏ। ବିଶେଷତଃ ବେଞ୍ଜିନ୍ ପାଇଁ 'କେକୁଲେ-ସଂରଚନା' ଏକ ଚମତ୍କାର ଅବଦାନ ଭାବେ ବିବେଚିତ।

ଆଲକାତରାରେ ନାପ୍‌ଥାଲିନ, ଫେନୋଲସ, ଏନିଲିନ ବେଞ୍ଜିନ୍ ଇତ୍ୟାଦି ଅଙ୍ଗାରକଯୁକ୍ତ ଜୈବ ପଦାର୍ଥ ଦେଖିବାକୁ ମିଳେ। ବେଞ୍ଜିନ୍ ଏକ ଉପାଦେୟ ଜୈବ ଯୌଗିକ ବସ୍ତୁ। ପ୍ରବଳ ଜ୍ୱଳନଶୀଳ ତଥା ସାଧାରଣ ତାପମାତ୍ରାରେ ତରଳ ଅବସ୍ଥାରେ ଥିବା ଏହି ପଦାର୍ଥଟି ପଲିମର, ପ୍ଲାଷ୍ଟିକ୍ ସମେତ ବିଭିନ୍ନ ରବର, ବିଶୋଧକ ରଙ୍ଗ, ବିସ୍ଫୋରକ, କୀଟନାଶକ ଭାବେ ଉପଯୋଗୀ ହୋଇଥାଏ। ଏହାର ଅଣୁ (ମଲିକ୍ୟୁଲ)ର ସଂରଚନାରେ ଛଅଟି କାର୍ବନ ଓ ଛଅଟି ହାଇଡ୍ରୋଜେନ ପରମାଣୁ ଅଛି। ଏଗୁଡ଼ିକ ଏକ ବଳୟ ରୂପେ ବିଦ୍ୟମାନ, ଯାହା କେକୁଲେ ପ୍ରଥମେ ପ୍ରତିପାଦନ କରିଥିଲେ। ପ୍ରତି ଅଙ୍ଗାରକ ପରମାଣୁ (ଆଟମ୍) ପାଇଁ ଗୋଟିଏ ଲେଖାଏଁ ଉଦ୍‌ଜାନ ପରମାଣୁ ସଂଯୁକ୍ତ ହୋଇଥାଏ। ଏଗୁଡ଼ିକ ଏକ ସମତଳରେ ରହିଥାନ୍ତି। ଏହି ସଂରଚନାଟି ଷଟ୍‌କୋଣୀୟ କ୍ଷେତ୍ର (ହେକ୍‌ସାଗୋନାଲ) ସଦୃଶ। ଏଥିରେ ତିନୋଟି ଦ୍ୱିବନ୍ଧ ଓ ତିନୋଟି ଏକବନ୍ଧ (ବଣ୍ଡ) ଏକାନ୍ତର ଭାବେ ବିଦ୍ୟମାନ। ବେଞ୍ଜିନ୍‌ର ବଳୟ ପ୍ରତିଭାତ ହେବା ପରେ ଆରୋମେଟିକ ଜୈବ ରସାୟନ ବିଜ୍ଞାନର ପ୍ରାଧାନ୍ୟ ବିଶ୍ୱବ୍ୟାପି ହୋଇଥିଲା (ବୈଜ୍ଞାନିକ ଜ୍ଞାନକୋଷ, ଗୋକୁଳାନନ୍ଦ ମହାପାତ୍ର)।

ଆମେରିକାନ କେମିକାଲ ସୋସାଇଟି ୧୯୮୮ର ତାଲିକାରେ ଅନ୍ତର୍ଭୁକ୍ତ କରିଥିବା ରାସାୟନିକ ପଦାର୍ଥ ମଧ୍ୟରୁ ଦୁଇ-ତୃତୀୟାଂଶ ଦ୍ରବ୍ୟରେ ଅନ୍ତତଃ ଗୋଟିଏ ବେଞ୍ଜିନ୍ ବଳୟ ରହିଛି। ଏଥିରୁ ଏହାର ପ୍ରମୁଖତା ସ୍ପଷ୍ଟ ହୁଏ।

ତେବେ ଏହି ବଳୟର ଆବିଷ୍କାର କେକୁଲେ କେମିତି କରିଥିଲେ, ତାହା ପଛରେ ଏକ ରୋଚକ ଘଟଣା ବିଦ୍ୟମାନ। କହିବା ବାହୁଲ୍ୟ ଯେ, କେକୁଲେଙ୍କ ପୂର୍ବରୁ ମାଇକେଲ ଫାରାଡ଼େ (୧୭୯୧-୧୮୬୭) ସର୍ବପ୍ରଥମେ ବେଞ୍ଜିନ୍ ଆବିଷ୍କାର କରିଥିଲେ। ପରବର୍ତ୍ତୀ କାଳରେ ଜର୍ମାନୀର ଏଲହାର୍ଟ ମିଟ୍‌ସଚେରଲିକ ୧୮୩୪ରେ ଏହା ବିଜ୍ଞାନାଗାରରେ ପ୍ରସ୍ତୁତ କରି 'ବେଞ୍ଜିନ୍' ବୋଲି ଏହାର ନାମକରଣ କରିଥିଲେ। ଭନ୍ ହୋଫମାନ ୧୮୪୫ରେ ଆଲକାତରାରୁ ଏହାକୁ ପୃଥକ୍ କରିବାରେ ସମର୍ଥ ହୋଇଥିଲେ। ବାସ୍ତବରେ ଆନୁଭୂତିକ (ଏମ୍ପିରିକାଲ) ଜ୍ଞାନ ଅନୁସାରେ ଏହି ଯୌଗିକର ଅଣୁ (ମଲିକ୍ୟୁଲ)ରେ ସମ ସଂଖ୍ୟକ ହାଇଡ୍ରୋଜେନ ଓ କାର୍ବନ ପରମାଣୁ (ଆଟମ୍) ରହିଛି। ଏହାର ଆଣବିକ ସଙ୍କେତ ହେଉଛି ସି୬ଏଚ୍୬। କିନ୍ତୁ ଉକ୍ତ ଯୌଗିକରେ ଏହି ପରିମାଣୁଗୁଡ଼ିକ କେଉଁ ପ୍ରକାରେ ସଜ୍ଜୀକରଣ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରେ ରାସାୟନିକ ସଂଯୁକ୍ତି ସକାଶେ ବିଦ୍ୟମାନ ବନ୍ଧ (ବଣ୍ଡ)ର ସ୍ୱରୂପ ନିର୍ଦ୍ଧାରଣ କରିବା ଏକଦା କାଠିକର ପାଠ ହୋଇଥିଲା। ଦୁଇଟି କାର୍ବନ୍ ପରମାଣୁ ମଧ୍ୟରେ କେଉଁ ଧରଣର ବନ୍ଧ ରହିଛି, ଯାହାଦ୍ୱାରା ବେଞ୍ଜିନ୍‌ର ସ୍ଥାୟିତ୍ୱକୁ ବୁଝାଇ ପାରିବ ଏବଂ ଆଲ୍‌କେନେସ ପରି ସାମଞ୍ଜସ୍ୟ ଥିବା ଅନେକ ଅସଂପୂର୍ଣ୍ଣ (ଅନ୍‌ସାଚ୍ୟୁରେଟେଡ୍)ଠାରୁ କାହିଁକି ଏହା କମ୍ ପ୍ରତିକ୍ରିୟାଶୀଳ (ରିଆକ୍ଟିଭ୍), ତାର କାରଣ ସୂଚାଇବ- ଏହା ଏକ ସମସ୍ୟା ଭାବେ ଦେଖା ଦେଇଥିଲା।

ଜୈବ ରାସାୟନିକ ଯୌଗିକ ବେଞ୍ଜିନ୍‌ର ପ୍ରୀତିପ୍ରଦ ଆଘ୍ରାଣ ଶକ୍ତି ସାଧାରଣ ବ୍ୟକ୍ତିଙ୍କୁ ମୋହିତ କରିଥାଏ। କିନ୍ତୁ ରସାୟନ ଶାସ୍ତ୍ରରେ ଗବେଷଣାରତ ବ୍ୟକ୍ତିମାନେ ଏହାର ରହସ୍ୟ ଉଦ୍‌ଘାଟନ କରିବାକୁ ଅବିରତ ପ୍ରୟାସ ଜାରି ରଖିଥିଲେ ଊନବିଂଶ ଶତାବ୍ଦୀରେ। ତନ୍ମଧ୍ୟରେ ଅଗ୍ରଣୀ ଥିଲେ ଜର୍ମାନୀରେ ଜନ୍ମିତ କେକୁଲେ। ଏହି ବସ୍ତୁରେ ଅନ୍ତର୍ନିହିତ ସୁଗନ୍ଧ ପାଇଁ ତା'ର ସଂରଚନାର ଭୂମିକା ମୁଖ୍ୟ ବୋଲି ସେ ବିଚାର କରିଥିଲେ।


କେକୁଲେଙ୍କୁ ବାଇଶ ବର୍ଷ ହୋଇଥିବା ବେଳେ ସେ ଜର୍ମାନୀରେ ଶିକ୍ଷା ସମାପ୍ତ କରି ଆର୍ଥିକ ସହାୟତା ପାଇ ଦୁଇ ବର୍ଷ ପାଇଁ ପ୍ୟାରିସ ଏବଂ ତା' ପରେ ଦୁଇ ବର୍ଷ ସ୍ୱିଜରଲ୍ୟାଣ୍ଡରେ ରହି ଉଚ୍ଚତର ଅଧ୍ୟୟନ କଲେ। ୧୮୫୪ରୁ ୧୮୫୬ ପର୍ଯ୍ୟନ୍ତ ଲଣ୍ଡନରେ ବାର୍ଥୋଲୋମିଉ ହସପିଟାଲରେ କାର୍ଯ୍ୟରତ ରସାୟନଶାସ୍ତ୍ରଜ୍ଞ ଷ୍ଟୋନହାଉସଙ୍କ ସହାୟକ ଭାବେ ନିଯୁକ୍ତ ହୋଇଥିଲେ। ଏହି ଅବଧିରେ ଇଥର ସିନ୍ଥେସିସ ପାଇଁ ବିଖ୍ୟାତ ରସାୟନବିତ୍ ଆଲେକ୍‌ଜାଣ୍ଡର ଉଇଲମସନ (୧୮୨୪-୧୯୦୪)ଙ୍କ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହେଲେ।

ଲଣ୍ଡନରେ ସମୟ ଅତିବାହିତ କରିଥିବା ସମୟରେ କେକୁଲେଙ୍କ ଜୀବନରେ ଏକ ସ୍ମରଣୀୟ ଘଟଣା ଘଟିଥିଲା। ଏକଦା ଖରାଦିନେ ସନ୍ଧ୍ୟାବେଳେ ସେ ବସ୍‌ରେ କ୍ଲାଫାମ ରୋଡ୍‌ସ୍ଥିତ ତାଙ୍କ ଘରକୁ ଫେରୁଥିଲେ। ତାଙ୍କୁ ସାମାନ୍ୟ ନିଦ ମାଡ଼ିଲା। ସେତେବେଳେ ସେ ଦେଖିଲେ ଯେ ପରମାଣୁଗୁଡ଼ିକ ଡେଇଁଛନ୍ତି, ଧାଉଁଛନ୍ତି। ସତେ ଯେମିତି ସେମାନେ କ୍ରୀଡ଼ାରତ। ପୁଣି ତାଙ୍କୁ ଦୃଶ୍ୟ ହେଲା ଯେ ଦୁଇଟି ଛୋଟ ପରମାଣୁ ଯୋଡ଼ି ହେଉଛନ୍ତି। ସବୁଗୁଡ଼ିକ ପରମାଣୁ ଏକ ଅସ୍ଥିର ନୃତ୍ୟ (ଗିଡ୍ଡି ଡ୍ୟାନ୍ସ)ରେ ମାତିଛନ୍ତି। ଏହି ପ୍ରକାରେ ସ୍ୱପ୍ନାବିଷ୍ଟ ଥିବା ସମୟରେ ବସ୍ କଣ୍ଡକ୍ଟର 'କ୍ଲାଫାମ ରୋଡ୍' ବୋଲି ପାଟି କରିବାରୁ ତାଙ୍କ ନିଦ ଭାଙ୍ଗିଗଲା। ତା' ପରେ ସେ ଘରକୁ ଫେରି ସ୍ୱପ୍ନାନୁଭୂତିକୁ ଭିତ୍ତି କରି କେତେକ ଆକୃତି (ଫର୍ମ)ର ସ୍କେଚ୍ ଅଙ୍କନ କଲେ। ଏଥିରୁ ଆରମ୍ଭ ହେଲା ପ୍ରସିଦ୍ଧ ସଂରଚନାତ୍ମକ ତତ୍ତ୍ୱ (ଷ୍ଟ୍ରକ୍‌ଚୁରାଲ ଥିଓରୀ)।

ଉକ୍ତ ମାନସିକ ସ୍ଥିତକୁ କେହି କେହି ସ୍ୱପ୍ନ ନ କହି ଦିବାସ୍ୱପ୍ନ, ଅଳୀକ କଳ୍ପନା ବା କଳ୍ପନାରେ ନିମଜ୍ଜିତ ଅବସ୍ଥା (ରିଭେରି) ବୋଲି ମତ ଦିଅନ୍ତି। ତେବେ କେକୁଲେଙ୍କ କ୍ଷେତ୍ରରେ ଉକ୍ତ କଳ୍ପନା ଜାତ ହେବା ପଛରେ କାରଣ ହେଉଛି, ସେ ରସାୟନ ଶାସ୍ତ୍ରର ଏହି ବିଷୟ ଉପରେ ଗଭୀର ଭାବେ ମନୋନିବେଶ କରିଥିଲେ। ଲଣ୍ଡନରେ ଥିବା ବେଳେ ସେ ଉଇଲିଅମ୍‌ସନଙ୍କ ସମେତ ଫ୍ରାଙ୍କଲ୍ୟାଣ୍ଡ ଓଡଲିଙ୍ଗ ପରି ବହୁ ରସାୟନବିତ୍‌ଙ୍କ ସଂସ୍ପର୍ଶରେ ଆସିଥିଲେ। ଏହି ପୃଷ୍ଠଭୂମିରେ ତାଙ୍କ ଦୀର୍ଘକାଳୀନ ଆଗ୍ରହର ଭୂମିକା ମହତ୍ତ୍ୱପୂର୍ଣ୍ଣ।

ଉପର ବର୍ଣ୍ଣିତ ଆବେଗ-ଜନିତ ଧାରଣାଟି ତାଙ୍କୁ ଅଧିକ ଚିନ୍ତା ପାଇଁ ଖୋରାକ ଯୋଗାଇଲା। ୧୮୫୮ରେ ସେ ବେଲଜିୟମର ଘେଣ୍ଟ ବିଶ୍ୱବିଦ୍ୟାଳୟରେ ଫରାସୀ ଭାଷାରେ ଶିକ୍ଷାଦାନ ପାଇଁ ଅଧ୍ୟାପକ ଭାବେ ଯୋଗ ଦେଲେ। ୧୮୫୭ ଓ ୫୮ରେ ପ୍ରକାଶିତ ଦୁଇଟି ଆଲୋଡ଼ନକାରୀ ନିବନ୍ଧ ପରମାଣୁର ଭାଲେନ୍ସ ଉପରେ ଆଲୋକପାତ କରିଥିଲା। କାର୍ବନ୍‌ର ଚାରୋଟି ଭାଲେନ୍ସ ଅଛି। ଭାଲେନ୍ସ କୌଣସି ପରମାଣୁରେ ଉପଲବ୍ଧ ଇଲେକ୍ଟ୍ରୋନର ସଂଖ୍ୟା ସୂଚିତ କରେ, ଯାହା ବୃଦ୍ଧି, ହ୍ରାସ ବା ଅଂଶୀଦାର (ଶେୟାରିଂ) ମାଧ୍ୟମରେ ରାସାୟନିକ ବନ୍ଧ ସୃଷ୍ଟି କରେ। କେକୁଲେଙ୍କ ତତ୍ତ୍ୱାନୁସାରେ କାର୍ବନ୍ ପରମାଣୁର ଭାଲେନ୍ସ-ଇଲେକ୍ଟ୍ରୋନ ଶେୟାରିଂ କରି କୋଭାଲେଣ୍ଟ ବନ୍ଧ ନିର୍ମାଣ କରିଥାଏ, ଯେଉଁଥିରୁ ପରମାଣୁମାନଙ୍କ ମଧ୍ୟରେ ବଳୟ, ଶୃଙ୍ଖଳ ସୃଷ୍ଟି ହୁଏ। ଏହି ପ୍ରକ୍ରିୟା 'କାଟିନେସନ' ଭାବେ ଅଭିହିତ। ଜୈବ ଯୌଗିକମାନଙ୍କର ଆକାର ଓ ସଂରଚନା ବିଷୟରେ ଜ୍ଞାତ ହେବା ପାଇଁ ଶୃଙ୍ଖଳର ଦୈର୍ଘ୍ୟ ଉପାଦେୟ।

ପରବର୍ତ୍ତୀ କାଳରେ ସେ ଦ୍ୱିତୀୟ ସ୍ୱପ୍ନ ଦେଖିଲେ। ସେତେବେଳକୁ ଘେଣ୍ଟ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦବୀକୁ ତାଙ୍କର ପଦୋନ୍ନତି ହୋଇ ଯାଇଥିଲା। ୧୮୬୫ ମସିହାର ଘଟଣା। ସେ ବର୍ଣ୍ଣନା କରିଛନ୍ତି ଯେ ଏକଦା ପଢ଼ାଇବା ପାଇଁ ଘରେ ପ୍ରସ୍ତୁତ ହେଉଥିଲେ। କିନ୍ତୁ ସେଥିରେ କୌଣସି ଅଗ୍ରଗତି ହେଉ ନଥିଲା। ତାଙ୍କ ମନ ଅନ୍ୟତ୍ର ଥିଲା। ସେ ନିଆଁ ପୁଇଁବା ପାଇଁ ଚୁଲି ପାଖରେ ଥିବା ଗୋଟିଏ ଚୌକିରେ ବସିଲେ। କିଛି ସମୟ ପରେ ସେ ଢୁଳାଇବାକୁ ଆରମ୍ଭ କଲେ। ସେତେବେଳେ ପରମାଣୁମାନଙ୍କର ବଡ଼ ଆକାର ବିଶିଷ୍ଟ ଗଠନ ଦୃଶ୍ୟମାନ ହେଲା। ସେଗୁଡ଼ିକ ସାପ ଚାଲିବା ପରି ମୋଡ଼ି ହେଉଥିଲେ। ଗୋଟିଏ ସାପ ତା' ଲାଙ୍ଗୁଡ଼କୁ ଧରି ଉପହାସ କରିବା ପରି ଘୂରୁଛି (ହ୍ୱିର୍ଲଡ୍ ମକିଙ୍ଗଲି)। ଏହି ଆଶ୍ଚର୍ଯ୍ୟଜନକ ଘଟଣା ହଠାତ୍ ବିଜୁଳି ଚମକିବା ଦୃଶ୍ୟ ପରି ତାଙ୍କୁ ଆକର୍ଷିତ କଲା। ସେ ତୁରନ୍ତ ସଚେତନ ହୋଇଗଲେ ଏବଂ ରାତିସାରା ଏହାକୁ ଆଧାର କରି ଉପକଳ୍ପନା (ହାଇପୋଥେସିସ୍) ଲେଖିବାରେ ଲାଗିଲେ। ଏହା ବେଞ୍ଜିନ୍‌ର ସଂରଚନା ପଛରେ ଥିବା ରହସ୍ୟ ଉଦ୍‌ଘାଟନ କରିବାରେ ସମର୍ଥ ହେଲା।




ଏହି ପ୍ରସଙ୍ଗରେ ସେ କହିଛନ୍ତି ଯେ କେବଳ ସ୍ୱପ୍ନକୁ ଆଧାର କରି କୌଣସି ନିବନ୍ଧ ପ୍ରକାଶ କରିବା ପୂର୍ବରୁ ଜଣେ ଜାଗ୍ରତ ହେବା ଦରକାର। ଏହାର ଯଥାଯଥ ପ୍ରମାଣ ଯୋଗାଡ଼ କରିବା ଅପରିହାର୍ଯ୍ୟ, ନଚେତ୍ ଏହା ଅଗ୍ରହଣୀୟ ହେବ (ଫ୍ରେଡେରିକ ଅଗଷ୍ଟ କେକୁଲେ: ଏ ସର୍ଟ ବାୟୋଗ୍ରାଫିକାଲ ସ୍କେଚ୍; ଜି.ନଗେନ୍ଦ୍ରପ୍ପ; ସେଣ୍ଟ୍ରାଲ କଲେଜ କ୍ୟାମ୍ପସ୍, ବାଙ୍ଗାଲୋର ବିଶ୍ୱବିଦ୍ୟାଳୟ)। ଏହି ଦୁଇଟି ଘଟଣାକୁ ସାଧାରଣ ଭାବେ ସ୍ୱପ୍ନ ବୋଲି ନାମିତ କଲେ ଏହାର ଅର୍ଥ ଠିକ୍ ହେବ ନାହିଁ। ସଠିକ୍ ଭାବେ କହିଲେ, ଏହା ହେଉଛି ତନ୍ଦ୍ରାଳୁତା (ହିପ୍ନାଗୋଗିଆ); ଯାହା ଗୋଧୂଳି ପରି ଆଲୋକ ଓ ଅନ୍ଧକାରର ସନ୍ଧିସ୍ଥଳ। ନିଦ୍ରିତ ଓ ଜାଗ୍ରତ ଅବସ୍ଥାର ଅନ୍ତର୍ବର୍ତ୍ତୀ ସ୍ଥିତି। ପ୍ରକାରାନ୍ତରେ ଏହା କଳ୍ପନା-ନିମଜ୍ଜିତ ମନ। ଏମିତି ସନ୍ଧିକ୍ଷଣରେ ଡ୍ରିମ ହୋଇଯାଏ ହିପ୍ନାଗୋଗିଆ, ଯାହାକୁ ଗବେଷକମାନେ କୁହନ୍ତି 'କ୍ରିଏଟିଭିଟିସ୍ ସୁଇଟ୍ ସ୍ପଟ୍' ଅର୍ଥାତ୍ ସୃଜନାତ୍ମକ କୃତି ପାଇଁ ଅନୁକୂଳ ଜାଗା।

କେକୁଲେ ବେଞ୍ଜିନ୍ ପାଇଁ ଯେଉଁ ସଂରଚନା ପ୍ରକାଶ କରିଥିଲେ, ସେଥିରେ କିଛି ଅପୂର୍ଣ୍ଣତା ଓ ଦୁର୍ବଳତା ରହିଥିଲା। ଅବଶ୍ୟ ବିଜ୍ଞାନର କୌଣସି ପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ପଡ଼ି ନଥାଏ। ଅଧିକ ଗବେଷଣା ଦ୍ୱାରା ଏହା ମାର୍ଜିତ ହୁଏ। ଠିକ ସେମିତି କେକୁଲେଙ୍କ ବେଞ୍ଜିନ୍ ସଂପର୍କିତ ସଂରଚନା ୧୯୫୪ରେ କେମିଷ୍ଟ୍ରି ପାଇଁ ନୋବେଲ ବିଜୟୀ ଲିନ୍‌ସ ପାଉଲିଙ୍ଗଙ୍କ (୧୯୦୧-୧୯୯୪, ଜନ୍ମସ୍ଥାନ: ପୋର୍ଟଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା) ସୁବାସିତ ହାଇଡ୍ରୋ କାର୍ବନ୍ ସକାଶେ ପ୍ରଦତ୍ତ ତତ୍ତ୍ୱାନୁସାରେ ଅଧିକ ଉନ୍ନତ ହୋଇ ପାରିଥିଲା। ସେ କ୍ୱାଣ୍ଟମ ମେକାନିକ୍ସ ଓ ଅନୁନାଦ (ରିଜୋନାନ୍ସ) ପ୍ରୟୋଗ କଲେ। ଏଥିରେ କେକୁଲେଙ୍କର ଦୁଇଟି ସଂରଚନାର ସଙ୍କରଣ (ହାଇବ୍ରିଡାଇଜେସନ) କରାଗଲା। ପୂରା ବଳୟରେ ଇଲେକ୍ଟ୍ରୋନମାନ ନିର୍ଦ୍ଦିଷ୍ଟ ସ୍ଥାନରେ ସନ୍ନିବିଷ୍ଟ କରାଗଲା ନାହିଁ। ବରଂ ଅଣୁର ପୂରା ବଳୟ ମଧ୍ୟରେ ସେମାନେ ସ୍ଥାନାନ୍ତରିତ ହେଲେ। ଏହା ଯୌଗିକକୁ ଅଧିକ ସ୍ଥିରତା ଦେଲା। ପୁଣି ଅନୁନାଦ ଦ୍ୱାରା ଏହା ସୁବାସିତ ହୋଇ ପାରିଲା। ଫଳରେ ଚକ୍ରାକାର ଅଣୁଠାରେ ସ୍ଥାୟିତ୍ୱ ଓ ସୁଗନ୍ଧ ପରି ଯେଉଁ ଧର୍ମମାନ ପରିଲକ୍ଷିତ ହେଉଛି, ତାର ସନ୍ତୋଷଜନକ ତତ୍ତ୍ୱ ନିର୍ଦ୍ଧାରିତ ହେଲା।❒

ମୋ: ୯୦୭୮୭୪୩୮୪୩

# ଲୋକ ଚରିତ୍ର



ଯଚିଦାନନ୍ଦ ଦାଶ

ଭାରତର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ୍ କଲାମ୍‌ଙ୍କ ଭାଷାରେ, 'ଜଣେ ମଣିଷର ଅନ୍ତରର ସ୍ୱଚ୍ଛତା, ସୁଲଭତା, ଏବଂ ନୈତିକ ସଚ୍ଚୋଟତାର ମୂଲ୍ୟବୋଧ ସେହି ମଣିଷର ଚରିତ୍ରକୁ ସୌନ୍ଦର୍ଯ୍ୟମୟ ଓ ପ୍ରଶଂସନୀୟ କରି ଗଢ଼ି ତୋଳେ।' ଲୋକ ଚରିତ୍ରକୁ ନେଇ ଅବଦୁଲ୍ କଲାମ୍ ଆହୁରି ଏକ ଭଲ କଥା ମଧ୍ୟ କହିଥିଲେ- 'ଯେଉଁଠି ହୃଦୟଭରା ନୈତିକ ସଚ୍ଚୋଟତା ଅଛି, ସେଠି ଚରିତ୍ରରେ ସ୍ୱଚ୍ଛତା ଅଛି।' ପାଠକେ, ଅବଦୁଲ୍ କଲାମ୍‌ଙ୍କର ଚରିତ୍ରର ସଂଜ୍ଞା ଉପରେ ଦୁଇଟି ଉଦ୍ଧୃତାଂଶରୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇ ପାରିବା ଯେ ଆଜିର ଦୁନିଆରେ ଲୋକ ଚରିତ୍ର ହେଉଛି ସବୁଠୁ ଏକ ବଡ଼ ଉପାଦାନ। ଏହି ଲୋକ ଚରିତ୍ର ସକାରାତ୍ମକ ହୋଇପାରେ ନତୁବା ନକାରାତ୍ମକ ହୋଇପାରେ। ସକାରାତ୍ମକ ଲୋକ ଚରିତ୍ରଗୁଡ଼ିକ ହେଲା, ଜ୍ଞାନ, ବୁଦ୍ଧି, ସାହସ, ମାନବିକତା, ସାଧୁତା, ସୃଜନଶୀଳତା, ଦୟାଭାବ, ସଚ୍ଚୋଟତା, ଧୈର୍ଯ୍ୟ, ବିଶ୍ୱସ୍ତତା, ନ୍ୟାୟବାନ ହେବା ଇତ୍ୟାଦି। ଠିକ୍ ସେହିପରି ବିପରୀତ କ୍ରମେ ନକାରାତ୍ମକ ଲୋକ ଚରିତ୍ରଗୁଡ଼ିକ ହେଲା- ଅସାଧୁତା, ଅଭିମାନୀ, ସ୍ୱାର୍ଥପରତା, ଅଳସୁଆମି, ଦୁର୍ଦ୍ଧର୍ଷଭାବ, ଅଧୈର୍ଯ୍ୟପଣିଆ, ଈର୍ଷାପରାୟଣତା, ଉଦାସୀନତା, କର୍କଶ ବ୍ୟବହାର ଇତ୍ୟାଦି। ଆଜିକାଲି ଲୋକ ଚରିତ୍ରରେ ନକାରାତ୍ମକତାର ପ୍ରାଦୁର୍ଭାବ ଅଧିକାଂଶ କ୍ଷେତ୍ରରେ ଦେଖିବାକୁ ମିଳୁଛି। ଫଳରେ ଲୋକ ଚରିତ୍ର କ୍ରମେ କ୍ରମେ କଳୁଷିତ ଓ କଳଙ୍କିତ ହେବାରେ ଲାଗିଛି। ଲୋକ ଚରିତ୍ରକୁ ନେଇ ମହାନ୍ ବିଦ୍ୱାନ ମାର୍ଟିନ ଲୁଥର ଏକଦା କହିଥିଲେ- କୌଣସି ଭୂଖଣ୍ଡ ବା ଦେଶର ଭାଗ୍ୟ ଓ ଭବିଷ୍ୟତ ସେଠିକାର ଭୂମିର ସଂପଦ ବା ସମୃଦ୍ଧି ଉପରେ ନିର୍ଭର କରେ ନାହିଁ; ବରଂ ନିର୍ଭର କରେ ସେ ମାଟିର ମଣିଷଙ୍କ ମାନସିକତା ଓ ଲୋକ ଚରିତ୍ର ଉପରେ।

ବର୍ତ୍ତମାନ ଆମ ଓଡ଼ିଶା କଥା ବିଚାରକୁ ନିଆଯାଉ। ଓଡ଼ିଶା ଏକ ବିଭବଶାଳୀ ରାଜ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାର ମାଟିରେ ଭରପୂର ଖଣିଜ ଦ୍ରବ୍ୟ ଆମ ରାଜ୍ୟର ଏକ ବଡ଼ ସଂପଦ। ରାଜ୍ୟରେ ଜଳ ସଂପଦ ଭାବରେ ନଦୀ ସମୂହ ଯଥା, ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ବୁଢ଼ାବଳଙ୍ଗ, ଋଷିକୂଲ୍ୟା, ଗୋଦାବରୀ ଓ ଇନ୍ଦ୍ରାବତୀ ଇତ୍ୟାଦି ବହି ଯାଇଛି, ଯେଉଁମାନଙ୍କ ଜଳ ଶିଳ୍ପ, କୃଷି, ପାନୀୟ ଜଳ ଓ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବ୍ୟବହାର ହେଉଛି। ଓଡ଼ିଶାର ୪୮୦ କିଲୋମିଟର ଦୀର୍ଘ ଉପକୂଳବର୍ତ୍ତୀ ଅଞ୍ଚଳ ଆଉ ଏକ ବଡ଼ ସମ୍ବଳ, ଯାହା ମତ୍ସ୍ୟ ଉତ୍ପାଦନ ପାଇଁ ଏକ ଉପଯୁକ୍ତ ରାଜ୍ୟ ଭାବେ ଆମ ରାଜ୍ୟକୁ ଗଣନା କରିବାରେ ସହାୟକ ହୋଇଛି। ଆମ ରାଜ୍ୟର ୫୨.୧୫୫.୯୫ ବର୍ଗ କିଲୋମିଟରର ଜଙ୍ଗଲ ଅଞ୍ଚଳ ପ୍ରାକୃତିକ ବିଭବରେ ପରିପୂର୍ଣ୍ଣ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଆମ ରାଜ୍ୟରେ ଧାନ, ଡାଲିଜାତୀୟ ଫସଲ ଓ ପନିପରିବା ଚାଷ କରାଯାଇ ବହୁ ପରିମାଣରେ ଉତ୍ପାଦନ କରାଯାଉଛି। ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ବହୁତ ଆଗରେ। ପୁରୀ, ଚିଲିକା ଓ କୋଣାର୍କ ବେଳାଭୂମି ଇତ୍ୟାଦି ରମଣୀୟ ସ୍ଥାନମାନ ସମଗ୍ର ରାଜ୍ୟରେ ବହୁତ ପ୍ରସିଦ୍ଧି ଲାଭ କରିଛି। ଉପରୋକ୍ତ ସଂପଦ ସବୁ ଦେଇ ଭଗବାନ ଆମ ଓଡ଼ିଶାକୁ ବହୁତ ଧନୀ କରି ଛାଡ଼ିଛନ୍ତି। ଏସବୁ ସତ୍ତ୍ୱେ ଆମ ଲୋକମାନଙ୍କର ଅର୍ଥନୈତିକ ଅବନତିର କାରଣ କ'ଣ ? ଏହାର ଏକମାତ୍ର କାରଣ, ଆମେ ଓଡ଼ିଶାର ଲୋକମାନେ କଳୁଷିତ ଲୋକ ଚରିତ୍ର ଦ୍ୱାରା କବଳିତ। ଆମମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଚରିତ୍ରରେ ସଂସ୍କାର ନାହିଁ। ମାଗଣା ରାସନ ଯୋଜନାରେ ଉପଯୁକ୍ତ ହିତାଧିକାରୀଙ୍କ ବଦଳରେ ଅନୁପଯୁକ୍ତ, ଚାକିରି ଆଉ ଉଚ୍ଚ ଆୟସମ୍ପନ୍ନ ବ୍ୟକ୍ତିମାନେ ରାସନ ଉଠାଇ ଫାଇଦା ନେଉଛନ୍ତି। କିଛି କିଛି କ୍ଷେତ୍ରରେ ମୃତ ହିତାଧିକାରୀ ବଦଳରେ ଅନ୍ୟ ଜଣେ ରାସନ ନେଇ ଯାଉଛି। ଅତି ନିକଟରେ ଓଡ଼ିଶା ସରକାରଙ୍କ ତରଫରୁ ୪ ଲକ୍ଷ ଭୂତ ରାସନ କାର୍ଡଧାରୀମାନଙ୍କୁ ହିତାଧିକାରୀ ତାଲିକାରୁ ବାଦ୍ ଦିଆଯାଇଛି। ଆଜି ଏସବୁ ଘଟଣାମାନଙ୍କ ପାଇଁ ଦାୟୀ କଳୁଷିତ ଚରିତ୍ରଧାରୀ ଲୋକ ସମାଜ, ଯେଉଁମାନଙ୍କର ପ୍ରୟାସ ସବୁ ସମୟରେ ଠକି ଖାଇବା ଓ ଲାଭ ଉଠେଇବା। ଲୋକମାନଙ୍କ ନିକଟରେ କର୍ମପ୍ରବଣ ବ୍ୟକ୍ତିତ୍ୱର ଆଭାସ ମିଳିବା କଷ୍ଟକର ହୋଇ ପଡ଼ିଛି। ଆମ ଲୋକଙ୍କ ଅଭ୍ୟାସ ଏହି ଯେ ଠକି, ଚୋରିକରି ଓ ବସିକରି ଖାଇବେ ସିନା ପରିଶ୍ରମ କରିବାକୁ ଇଚ୍ଛା ପ୍ରକାଶ କରିବେ ନାହିଁ। କର୍ମକୁଣ୍ଠ, ଅପଙ୍ଗ ହୋଇ ବସି ରହିବା ଆମ ଲୋକଙ୍କର ଅଭ୍ୟାସରେ ପରିଣତ ହୋଇ ଯାଇଛି। ଏ ପ୍ରକାର ଲୋକ ଚରିତ୍ର ଆମ ଅର୍ଥନୀତିକୁ ଧ୍ୱଂସ କରିବା ଧାର୍ଯ୍ୟ। ସାଧାରଣତଃ ତୃଣମୂଳ ସ୍ତରରେ ସମସ୍ୟା ଉପୁଜି ଥାଏ। ପ୍ରତ୍ୟେକ ସମସ୍ୟା ତୃଣମୂଳ ସ୍ତରରୁ ଆସି ଉପର ସ୍ତର ବ୍ୟକ୍ତି ବା ଅଧିକାରୀମାନଙ୍କ ଦ୍ୱାରା ସମାଧାନ ହୋଇ ତଳ ସ୍ତରରେ ଥିବା ଲୋକମାନଙ୍କ ଦ୍ୱାରା ସୁଚାରୁ ରୂପେ ଆଦୃତ ହେବା ଉଚିତ।



ଜମି ପଡ଼ିଆ ପଡୁଛି। ଚାଷକାମ ହୋଇପାରୁ ନାହିଁ। ଖାଦ୍ୟ ସମସ୍ତଙ୍କ ପାଇଁ ଦରକାର, ମାତ୍ର ଚାଷ କରିବାକୁ ସମସ୍ତେ ନାରାଜ। ଯଦିଓ ଖାଦ୍ୟ ମଣିଷର ପ୍ରଥମ ଆବଶ୍ୟକତା, ଏହି କଳୁଷିତ ଚରିତ୍ରଧାରୀ ଲୋକଗୁଡ଼ିକ ତୃଣମୂଳ ସ୍ତରରେ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଗଣ୍ଡଗୋଳ ଭିଆଇ ପରିସ୍ଥିତିକୁ ଜଟିଳ କରିଥାନ୍ତି। ମାଗଣା ଯୋଜନା ପାଇଁ ସରକାରଙ୍କୁ ଦୋଷୀ କରିବା ସହଜ; ମାତ୍ର ଦୋଷର ମୂଳ କାରଣ ହେଉଛି ଆମମାନଙ୍କ ସାମୂହିକ ଲୋକ ଚରିତ୍ର। ଦାଦନ ସମସ୍ୟା ବଢ଼ି ଚାଲିଛି। ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷିରେ ଉନ୍ନତି ଆଶାନୁରୂପ ନୁହେଁ। ବେଳେବେଳେ ପ୍ରତିକୂଳ ପରିବେଶର ପ୍ରଭାବରେ ନୈରାଶ୍ୟଜନକ ସ୍ଥିତି ଉପୁଜୁଛି। ଜଣେ ମହାନ ମନୀଷୀଙ୍କ ମତରେ- ଗୋଟିଏ ଜାତି ବା ଦେଶକୁ ଧ୍ୱଂସ କରିବାକୁ ପରମାଣୁ ବୋମା ଦରକାର ନାହିଁ; ସେହି ଜାତି ବା ଦେଶର ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ବ୍ୟବସ୍ଥାକୁ ଉଜାଡ଼ି ଦିଅ, ଜାତି ଆପେ ଆପେ ଧ୍ୱଂସ ପାଇଯିବ। ତେଣୁ ହେ ଯୁବ ଓ ପ୍ରୌଢ଼ ଭାଇ ଭଉଣୀମାନେ ! ସଚେତନ ଓ ସତର୍କ ହୋଇଯାଅ। ଆମ ସ୍ୱାଭିମାନୀ ଓଡ଼ିଆ ଜାତିର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ସରକାରଙ୍କୁ ମାଗଣା ଚାଉଳ ବଦଳରେ ଖାଦ୍ୟଶସ୍ୟ ଉତ୍ପାଦନ କରିବା ପାଇଁ ଚାଷଜମି ଓ ଆନୁଷଙ୍ଗିକ ବ୍ୟବସ୍ଥାର ସୁବିଧା ମାଗ। କ୍ଷୀର ବଦଳରେ ଗୋପାଳନ କରିବାକୁ ସୁଯୋଗ ମାଗ, ମାଂସ ବଦଳରେ କୁକୁଡ଼ା ପାଳନର ସୁଯୋଗ ସୁବିଧା ମାଗ ଏବଂ ବସି ଖାଇବା ବଦଳରେ ମେହନତ୍ କରିବାର ବାଟ ଦେଖାଇବା ସହିତ ଉତ୍ସାହ ମାଗ। ଏହା ହେଲେ ଆମ ଓଡ଼ିଶା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ହୋଇ ପାରିବ।❒

ସିଡିଏ, କଟକ
ମୋ: ୭୦୦୮୬୫୦୬୯୩

## ଶିକ୍ଷାର ମୂଳ ଓ ଜ୍ଞାନ ଫଳ

ସାରା ଦେଶରେ ନୂଆ ଶିକ୍ଷା ନୀତି ଏଇ ମାତ୍ର ଅଳ୍ପ କେତେ ମାସ ହେବ ଲାଗୁ ହୋଇଛି। ବିଶ୍ୱଗୁରୁ ହେବାର ମହତ୍ତ୍ୱାକାଂକ୍ଷା ନେଇ ଭାରତ ତା'ର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଅଣ୍ଟା ଭିଡ଼ିଛି। ପ୍ରାଥମିକ ଶିକ୍ଷା ହେଉଛି ଯେ କୌଣସି ପିଲା ପାଇଁ ମୂଳଦୁଆ; ଘରର ମୂଳଦୁଆ ଯଦି ଟାଣ ହୁଏ, ତା'ହେଲେ ଘର ଯେତେ ମହଲାବିଶିଷ୍ଟ ହେଲେ ମଧ୍ୟ ଭୁଶୁଡ଼ିବ ନାହିଁ- ଏକଥା ସମସ୍ତେ ସ୍ୱୀକାର କରିବେ। ଏବେ ଆସିବା ଶିକ୍ଷା ବ୍ୟବସ୍ଥାର ସାମ୍ପ୍ରତିକ ଅବସ୍ଥା ଉପରକୁ। ନିକଟରେ ପ୍ରକାଶିତ ଦୁଇ ଗୋଟି ରିପୋର୍ଟ ଭାରତର ମୌଳିକ ସାକ୍ଷରତା ଏବଂ ଗାଣିତିକ ସ୍ତରରେ ରହିଥିବା ସାଂଘାତିକ ଅବସ୍ଥାକୁ ପ୍ରକାଶ କରିଛି। ଶିକ୍ଷା ମନ୍ତ୍ରଣାଳୟର 'ପରଖ' ରାଷ୍ଟ୍ରୀୟ ସର୍ବେକ୍ଷଣ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୭୪,୨୨୯ ବେସରକାରୀ ଏବଂ ସରକାରୀ ସ୍କୁଲର ତୃତୀୟ, ଷଷ୍ଠ ଏବଂ ନବମ ଶ୍ରେଣୀର ୨୧,୧୫,୦୨୨ ପିଲାମାନଙ୍କର ଏକ ପରୀକ୍ଷା କରିଥିଲେ। ଏହି ପରୀକ୍ଷଣରୁ ଜଣା ପଡ଼ିଥିଲା ଯେ ତୁଳନାତ୍ମକ ଭାବରେ ତୃତୀୟ ଶ୍ରେଣୀର ପିଲାମାନେ ଭଲ ପ୍ରଦର୍ଶନ କରିଥିଲେ। ତେବେ ଏହା ପରେ ବି ମାତ୍ର ୫୫ ପ୍ରତିଶତ ପିଲା ୯୯ ପର୍ଯ୍ୟନ୍ତ ସଂଖ୍ୟାକୁ ଉପର ଓ ତଳ କ୍ରମରେ ସଜାଡ଼ିବାରେ ସକ୍ଷମ ହୋଇଥିବା ବେଳେ ୫୮ ପ୍ରତିଶତ ପିଲା ଦୁଇ ଅଙ୍କବିଶିଷ୍ଟ ସଂଖ୍ୟାର ଯୋଗ ଏବଂ ବିୟୋଗ କରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ଷଷ୍ଠ ଶ୍ରେଣୀ ବେଳକୁ ଏହି ହାର ବିପରୀତ ଦେଖିବାକୁ ମିଳିଥିଲା, ଯେଉଁଠି ୫୪ ପ୍ରତିଶତ ପିଲା ସମଗ୍ର ସଂଖ୍ୟାଗୁଡ଼ିକ ମଧ୍ୟରେ ତୁଳନା କରି ପାରି ନଥିଲେ ଏବଂ ବଡ଼ ସଂଖ୍ୟାଗୁଡ଼ିକ ପାଠ କରିପାରି ନଥିଲେ। ଅର୍ଥାତ୍, ଦେଶର ସ୍କୁଲ ପିଲାମାନଙ୍କ ମଧ୍ୟରୁ ହାରାହାରି ଅଧା ସଂଖ୍ୟକ ପିଲାଙ୍କଠାରେ ସାକ୍ଷରତା, ସଂଖ୍ୟା ଜ୍ଞାନ ଏବଂ ପାରିସ୍ଥିତିକ ସଚେତନତାର ଅଭାବ ରହିଥିବା ଏହି ସର୍ବେକ୍ଷଣରୁ ଜାଣିବାକୁ ମିଳିଛି। ଉପରେ ପ୍ରଦତ୍ତ ତୃତୀୟ ଓ ଷଷ୍ଠ ଶ୍ରେଣୀର ପିଲାମାନଙ୍କ ପରେ ନବମ ଶ୍ରେଣୀର ୬୬ ପ୍ରତିଶତ ପିଲା ସଜୀବ ଓ ନିର୍ଜୀବଙ୍କ ମଧ୍ୟରେ ପାର୍ଥକ୍ୟ ନିରୂପଣ କରିବାରେ ଅକ୍ଷମ ହୋଇଥିବା ଜାଣିବାକୁ ମିଳିଛି। ଏହିସବୁ ତଥ୍ୟ ଶିକ୍ଷଣ ଫଳାଫଳରେ ରହିଥିବା ବ୍ୟବସ୍ଥାଗତ ସଂକଟ ସମ୍ପର୍କରେ ଉଲ୍ଲେଖ କରିଛି ଯାହା ଦେଶର ଆୟୁ ବୃଦ୍ଧି ଘଟିବା ସହିତ ଅର୍ଥନୀତିକ ଏବଂ ବିକାଶମୂଳକ ମହତ୍ତ୍ୱାକାଂକ୍ଷା ସଙ୍ଗେ ସଙ୍ଗେ ସାମାଜିକ ବିଧି ବ୍ୟବସ୍ଥାକୁ ବି ନିମ୍ନଗାମୀ କରାଇବାର ସମ୍ଭାବନା ବହନ କରେ।

ଯେ କୌଣସି ଦେଶରେ ଶିକ୍ଷାର ଅଧୋଗତି ଅର୍ଥାତ୍ ଦେଶର ଅଧୋଗତି। ତେଣୁ ଏହା କେବଳ ଏକ ଶୈକ୍ଷିକ ଆହ୍ୱାନ ନୁହେଁ। ଏହା ଏକ ଜାତୀୟ ଜରୁରୀକାଳୀନ ପରିସ୍ଥିତି। ନବମ ଶ୍ରେଣୀର ପିଲାମାନଙ୍କ ମଧ୍ୟରୁ ୬୯ ପ୍ରତିଶତ ଯଦି ମୌଳିକ ସଂଖ୍ୟା ବ୍ୟବସ୍ଥା ଏବଂ ଶତକଡ଼ା ହାର କ'ଣ ବୁଝି ପାରୁ ନାହାନ୍ତି, ତା'ହେଲେ ସେମାନେ କର୍ମନିଯୁକ୍ତିଯୋଗ୍ୟ ହେବା ସହିତ ଦେଶର ବିକାଶ ପାଇଁ ଅବଦାନ ରଖି ପାରିବେ ବୋଲି ଜଣେ କେମିତି ଆଶା କରି ପାରିବେ ? ନବମ ଶ୍ରେଣୀର ପିଲାମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ଯଦି ସଜୀବ ଓ ନିର୍ଜୀବମାନଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟ ଯଦି ଜାଣିପାରୁ ନାହାନ୍ତି, ତା'ହେଲେ ସରକାର ଆଜି ଯେଉଁ ଜନସାଂଖ୍ୟିକ ବିଭବ କଥା କହୁଛନ୍ତି, ତାହା ଅବଶ୍ୟ ଆଗାମୀ ଦିନରେ ଜନସାଂଖ୍ୟିକ ବିପଦରେ ପରିବର୍ତ୍ତିତ ହେବ। ଗ୍ରାମାଞ୍ଚଳରେ ରହିଥିବା ଶିକ୍ଷାଳାଭର ଅନ୍ତର ହାରାହାରି ସଂଖ୍ୟା ଢେର୍ ଅଧିକ। ସେହିଭଳି ଛୋଟ ଛୋଟ ଘରୋଇ ସ୍କୁଲଗୁଡ଼ିକରେ ତ ପ୍ରାୟତଃ ଅଣକୁଶଳୀ ଶିକ୍ଷକ ଏବଂ ଦୁର୍ବଳ ଭିତ୍ତିଭୂମି ଦେଖିବାକୁ ମିଳିଥାଏ।

ଅନ୍ୟ ଏକ ରିପୋର୍ଟ ହେଉଛି ୨୦୨୫ ୟୁନେସ୍କୋ ପରିପୋଷଣୀୟ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)-୪ର ରିପୋର୍ଟ। ଏହା ଉଲ୍ଲେଖ କରେ ଯେ ଭାରତର ପ୍ରାଥମିକ ଏବଂ ନିମ୍ନ ମାଧ୍ୟମିକ ଶିକ୍ଷାର ପରିସମାପ୍ତିର ହାରାହାରି ସଂଖ୍ୟା ଦକ୍ଷିଣ ଏସୀୟ ଅଞ୍ଚଳଗୁଡ଼ିକ ତୁଳନାରେ ଢେର୍ ଭଲ, ଯଦିଓ ଉଚ୍ଚ-ଆୟକାରୀ ଦେଶମାନଙ୍କର ଏହା ପ୍ରାୟ ସାର୍ବଜନୀନ। କିନ୍ତୁ ଭାରତୀୟ ରିପୋର୍ଟ ଯେଭଳି ଭାବରେ ଦର୍ଶାଉଛି, ସେହି ଅନୁସାରେ ଷଷ୍ଠ ଶ୍ରେଣୀର ୪୩ ପ୍ରତିଶତ ପିଲା ଯଦି ପାଠ୍ୟପୁସ୍ତକମାନଙ୍କରେ ରହିଥିବା ମୁଖ୍ୟ ଅବଧାରଣାଗୁଡ଼ିକୁ ମନେ ରଖି ପାରୁ ନାହାନ୍ତି ଏବଂ ୫୧ ପ୍ରତିଶତଙ୍କର ପିଲା ଯଦି ପଞ୍ଚାୟତ ଭଳି ସ୍ଥାନୀୟ ଅନୁଷ୍ଠାନ ଓ ନଦୀ ଏବଂ ପର୍ବତ ଭଳି ପାରିବେଶିକ ବ୍ୟବସ୍ଥାଗୁଡ଼ିକ ସମ୍ପର୍କରେ କୌଣସି ଜ୍ଞାନ ନାହିଁ, ତା'ହେଲେ ସେ ପାଠପଢ଼ାର ଲାଭ କ'ଣ ? ଏସ୍‌ଡିଜି-୪ ରିପୋର୍ଟ ଦର୍ଶାଉଛି ଯେ ଭାରତ ମାଧ୍ୟମିକ ଏବଂ ଆନୁଷଙ୍ଗିକ ଶିକ୍ଷା କ୍ଷେତ୍ରରେ ଲକ୍ଷ୍ୟପଥଠାରୁ ଚିନ୍ତିତ କରିଦେବା ଭଳି ବହୁ ଦୂରରେ ଏବଂ ୧୫ରୁ ୧୭ ବର୍ଷ ବୟସ ବର୍ଗରେ ଥିବା ୨୧ ପ୍ରତିଶତ ପିଲା ସ୍କୁଲ ବାହାରେ। ଏଭଳି ଏକ ଅବସ୍ଥାର ବିହନ ନବମ ଶ୍ରେଣୀରେ ବୁଣାଯାଇଥାଏ ବୋଲି ଦେଖିବାକୁ ମିଳେ ଭାରତୀୟ ରିପୋର୍ଟରେ। ଏସ୍‌ଡିଜି-୪ ରିପୋର୍ଟ ଦ୍ୱାରା ଦର୍ଶା ଯାଇଥିବା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଶିକ୍ଷା ବାବଦରେ ପର୍ଯ୍ୟାପ୍ତ ପରିମାଣର ପାଣ୍ଠି ବରାଦ ନ କରାଯିବା। ୨୦୨୩ରେ ଏହା ଥିଲା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ମାତ୍ର ୩.୧ ପ୍ରତିଶତ, ଯେତେବେଳେ କି ଆଞ୍ଚଳିକ ହାରାହାରି ହେଉଛି ୩.୪ ପ୍ରତିଶତ ଏବଂ ଏସ୍‌ଡିଜିର ଧାର୍ଯ୍ୟ ଲକ୍ଷ୍ୟ ହେଉଛି ୪ ପ୍ରତିଶତ। ଜାତୀୟ ଶିକ୍ଷା ନୀତି ୨୦୨୦ ଏହି ଲକ୍ଷ୍ୟକୁ ୬ ପ୍ରତିଶତରେ ଧାର୍ଯ୍ୟ କରିଛି। ଉଚ୍ଚ ଆୟକାରୀ ବର୍ଗ ଦେଶମାନଙ୍କରେ ଏହି ହାର ଜିଡିପିର ୪.୮ରୁ ୫.୫ ପ୍ରତିଶତ ପର୍ଯ୍ୟନ୍ତ ରହିଛି। ତେଣୁ ସେମାନଙ୍କର ସ୍କୁଲ ଶିକ୍ଷାର ମାନଦଣ୍ଡରେ ସେମାନେ କାହିଁକି ପୂର୍ଣ୍ଣ ସଫଳତାର ନିକଟବର୍ତ୍ତୀ ହୋଇ ପାରିଛନ୍ତି, ଏହି କାରଣଗୁଡ଼ିକ ତାକୁ ବୁଝାଇ ଥାଏ। ଏହି ସମସ୍ୟା ସହିତ ଅନ୍ୟ ଏକ ବଡ଼ ସମସ୍ୟା ଭାବରେ ଯାହା ଯୋଡ଼ିହୋଇ ରହିଛି, ତାହା ହେଉଛି ଅନ୍ୟ ଏକ ମୌଳିକ ସମସ୍ୟା- ଭାରତରେ ଉପଯୁକ୍ତ ଭାବରେ ପ୍ରଶିକ୍ଷିତ ପ୍ରାକ୍-ପ୍ରାଥମିକ ଶିକ୍ଷକମାନଙ୍କ ଅଭାବ। ତେଣୁ ପ୍ରାଥମିକ ଏବଂ ନିମ୍ନ ମାଧ୍ୟମିକ ଶିକ୍ଷାକୁ ପ୍ରାୟତଃ ସାର୍ବଜନୀନ କରିବା ସତ୍ତ୍ୱେ ଏବଂ ସଂଯୋଗ ସ୍ଥାପନକୁ ବୃଦ୍ଧି କରିବା ପରେ ବି, ଏସ୍‌ଡିଜି-୪ ରିପୋର୍ଟ ଯାହା ସକାରାତ୍ମକ ମନୋଭାବ ନେଇ ଉଲ୍ଲେଖ କରିଥାଏ, ଭାରତରେ ସ୍କୁଲ ଶିକ୍ଷାର ମୂଳଦୁଆ ଦୁର୍ବଳ ରହିଛି। ତେଣୁ ସରକାର ଶିକ୍ଷା କ୍ଷେତ୍ରରେ ସଂସ୍କାର ପ୍ରତି ଦେଶର ଭିତ୍ତିଭୂମି ଏବଂ ପ୍ରତିରକ୍ଷା କ୍ଷେତ୍ର ଭଳି ମନୋଭାବ ପ୍ରଦର୍ଶନ କରିବା ଉଚିତ ଏବଂ ଏଭଳି ପଦକ୍ଷେପଗୁଡ଼ିକର ପ୍ରଚଳନ କରିବା ଉଚିତ ଯଦ୍ୱାରା ଶିକ୍ଷଣରେ ରହିଥିବା ଅନ୍ତରଜନିତ ସମସ୍ୟାଗୁଡ଼ିକର ଉତ୍ତମ ରୂପେ ସମାଧାନ କରାଯାଇ ପାରିବ।❒

## ପର୍ଶୁରାମଙ୍କ ପାଞ୍ଚଟି ବର

ଜମଦଗ୍ନିଙ୍କ ଔରସରୁ ରେଣୁକାଙ୍କର ପାଞ୍ଚଟି ପୁତ୍ର ଜନ୍ମିଥିଲେ। ସେମାନେ ହେଲେ- ବସୁ, ବିଶ୍ୱାବସୁ, ବୃହଦ୍‌ଭାନୁ, ବୃହଦ୍‌କଣ୍ୱ ଓ ରାମ। ସବା ସାନପୁଅ ରାମ (ପର୍ଶୁରାମ) ବିଷ୍ଣୁଙ୍କର ଅବତାର ଭାବରେ ପ୍ରସିଦ୍ଧି ଲାଭ କଲେ। ରାମ ଶିବଙ୍କଠାରୁ ଧନୁର୍ବିଦ୍ୟା ଶିକ୍ଷା କରିଥିଲେ। ତାଙ୍କଠାରୁ ପରଶୁଟିଏ ବି ପାଇଥିଲେ। ଏଇ ପରଶୁକୁ ସେ ମୁଖ୍ୟ ଆୟୁଧ ରୂପେ ଧରିଥିଲେ। ସେଥିପାଇଁ ତାଙ୍କ ନାଁ ପରଶୁରାମ ବା ପର୍ଶୁରାମ। ପର୍ଶୁରାମ ଗନ୍ଧମାର୍ଦ୍ଦନ ପର୍ବତରେ କଠୋର ତପସ୍ୟା କରି ମହାଦେବଙ୍କୁ ସନ୍ତୁଷ୍ଟ କରିଥିଲେ ଓ ତେଜମୟ ପରଶୁ ଲାଭ କରିଥିଲେ ବୋଲି ଆଉ କେହି କେହି ମତ ଦିଅନ୍ତି। ଅନ୍ୟ ଏକ ମତ ହେଉଛି, ଶିବଙ୍କ ଆଜ୍ଞାରେ ସେ ଅସୁର କୁଳ ଧ୍ୱଂସ କରି ଶିବଙ୍କୁ ସନ୍ତୁଷ୍ଟ କଲେ ଓ ଶିବ ତାଙ୍କୁ ପରଶୁ ଦାନ କରିଥିଲେ। ସେ ଯାହାହେଉ, ଜଗତର ଉପକାର ପାଇଁ ପର୍ଶୁରାମ ଅବତାର ନେଇଥିଲେ। କଠୋରତାର ସହିତ ସତ୍ୟକୁ ସମ୍ମୁଖୀନ ହେବା ଥିଲା ପର୍ଶୁରାମ ଅବତାରର ଏକ ବିଶେଷତ୍ୱ। ସତ୍ୟରକ୍ଷା ଦିଗରେ ପିତା, ମାତାଙ୍କୁ ବି ପଛରେ ପକେଇବାକୁ ହୁଏ। ଜୀବନରେ ସତ୍ୟକୁ ଗୁରୁତ୍ୱ ଦେଇଥିବା ମଣିଷ ସାମୟିକ କଷ୍ଟ ପାଇପାରେ, ମାତ୍ର ପରାଜିତ ହୁଏନା। ଏହା ହିଁ ପର୍ଶୁରାମଙ୍କ ଜୀବନର ଦୃଷ୍ଟାନ୍ତ।

ପ୍ରତ୍ୟେକ ଦୃଶ୍ୟର ସ୍ୱତନ୍ତ୍ର ପ୍ରଭାବ ଥାଏ। ଇନ୍ଦ୍ରିୟମାନଙ୍କୁ ମାଧ୍ୟମ କରି ମନ ଅନେକ ପ୍ରକାର ଚିନ୍ତା ନିଜ ଭିତରେ ସାଇତି ରଖିଥାଏ। ଆବଶ୍ୟକ ହେଲେ ସେମାନଙ୍କୁ କ୍ରିୟାଶୀଳ କରାଏ। ସେମିତି ମାର୍ତ୍ତିକାବର୍ତ୍ତ ଦେଶର ରାଜା ଥିଲେ ଗନ୍ଧର୍ବ ଚିତ୍ରରଥ। ସେ ଥରେ ସସ୍ତ୍ରୀକ ଜଳକ୍ରୀଡ଼ା କରୁଥିଲେ। ଏହା ରେଣୁକାଙ୍କ ଦୃଷ୍ଟିରେ ପଡ଼ିଲା। ଫଳରେ ରେଣୁକାଙ୍କ ମନରେ କାମଭାବ ଜାତ ହେଲା। ମନରେ କୌଣସି ପ୍ରତିକ୍ରିୟା ହେଲେ ଶରୀର ଉପରେ ତା'ର ପ୍ରଭାବ ପଡ଼େ।

ପଦାରବିନ୍ଦ

ରେଣୁକା ଅନ୍ୟମନସ୍କ ରହିଲେ। ଜମଦଗ୍ନି ଧ୍ୟାନ ବଳରେ ରେଣୁକାଙ୍କ ମନୋଭାବ ଜାଣି ପାରିଲେ। କ୍ରୋଧାନ୍ୱିତ ହେଲେ। କାରଣ ପୁରୁଷ ହେଉ ବା ନାରୀ ଅନ୍ୟ କାହାକୁ ମନରେ ସ୍ଥାନ ଦେଲେ ସେମାନଙ୍କୁ ବ୍ୟଭିଚାରୀ ବା ବ୍ୟଭିଚାରିଣୀ କୁହାଯାଏ। ପତ୍ନୀଙ୍କଠାରେ ବ୍ୟଭିଚାରିଣୀତ୍ୱ ଆରୋପ କରି ଜମଦଗ୍ନି ପୁତ୍ରମାନଙ୍କୁ ଆଦେଶ ଦେଲେ ମାଆ ରେଣୁକାଙ୍କୁ ହତ୍ୟା କରିବାକୁ। ଯୋଉ ମାଆର କୋଳରେ ଛୋଟରୁ ବଡ଼ ହୋଇଛନ୍ତି, ସେମାନଙ୍କୁ ଭକ୍ତି କରିବା ସନ୍ତାନଙ୍କ କର୍ତ୍ତବ୍ୟ। ହତ୍ୟା କରିବାଠାରୁ ବର୍ବରତା ଓ ପାପ ସଂସାରରେ ଆଉ କ'ଣ ଥାଇପାରେ ? ଏହା ବିଚାର କରି ଜମଦଗ୍ନିଙ୍କ ପ୍ରଥମ ଚାରିଜଣ ପୁତ୍ର ରାଜି ହେଲେନି। ପିତାଙ୍କ ଆଦେଶକୁ ଅବମାନନା କରି ହେବନି। ତେଣୁ ଚାରି ପୁଅ ନିରବରେ ମୁଣ୍ଡକୁ ତଳକୁ ପୋତି ଠିଆହେଲେ। ପାଳି ପଡ଼ିଲା କନିଷ୍ଠ ପୁତ୍ର ପର୍ଶୁରାମଙ୍କର। ସେ ଅକୁଣ୍ଠିତ ଚିତ୍ତରେ ପିତୃଆଜ୍ଞା ପାଳନ କଲେ। ଜମଦଗ୍ନିଙ୍କର ତପସ୍ୟାର ଶକ୍ତି ଥିଲା। ଆଜ୍ଞା ପାଳନ କରି ନଥିବା ଚାରି ପୁଅଙ୍କୁ ଅଭିଶାପ ଦେଇ କହିଲେ- 'ପିତୃ ଆଜ୍ଞା ପାଳନ କରିନାହଁ। ତୁମେ ଜଡ଼ବୁଦ୍ଧି ହୋଇଯାଅ।' କିନ୍ତୁ ଖୁସିରେ ପର୍ଶୁରାମଙ୍କୁ ବର ମାଗିବାକୁ କହିଲେ। ପ୍ରଥମ ବରରେ ପର୍ଶୁରାମ ମାଆଙ୍କ ଜୀବନ ଭିକ୍ଷା ଓ ପୂର୍ବ ପରି ପୁତ୍ରମାନଙ୍କ ସହିତ ବାସ କରିବାକୁ ମାଗିଲେ। ଦ୍ୱିତୀୟରେ, ମାଆ ନିଜର ହତ୍ୟା ଘଟଣା ଭୁଲିଯିବେ। ତୃତୀୟରେ, ସେ (ପର୍ଶୁରାମ) ଯୁଦ୍ଧରେ ଅଜେୟ ହେବେ। ଚତୁର୍ଥରେ, ମାତୃହତ୍ୟା ପାପ ଯେପରି ତାଙ୍କୁ ଲାଗିବ ନାହିଁ। ପଞ୍ଚମରେ ସେ ଯେପରି ଦୀର୍ଘ କାଳ ବଞ୍ଚି ରହିବେ ଏବଂ ତାଙ୍କର ଭାଇମାନେ ଯେପରି ସ୍ୱାଭାବିକ ଅବସ୍ଥା ଫେରି ପାଇବେ। ଜମଦଗ୍ନି ତଥାସ୍ତୁ କହିଥିଲେ।❒

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

### ଫେସ୍‌ବୁକ୍‌ରୁ ପ୍ରେମ, ବାହାଘର ଓ ପରେ ପ୍ରତାରଣା

# ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଲେ ବାପା-ମା’






**ତାଳଚେର,୧୫।୭/ଏନ୍‌ଏନ୍‌ଏସ୍:** ଫେସ୍‌ବୁକ୍‌ରୁ ପ୍ରେମ, ପ୍ରେମରୁ ବାହାଘର ପରେ ପ୍ରତାରଣା କରି ମାରିଦେଲେ ୨୧ବର୍ଷ ଯୁବକକୁ ଶ୍ୱଶୁର ଘର ଲୋକେ। ଏ ନେଇ ପୁଅର ପରିବାର ଅଭିଯୋଗ ଆଣିଛନ୍ତି । ଏହାକୁ ନେଇ ତାଳଚେର ଅଞ୍ଚଳରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି। ମାଆ, ବାପାଙ୍କର ନ୍ୟାୟ ପାଇବା ପାଇଁ ଆକୁଳ ନିବେଦନ କରିଛନ୍ତି ତାଳଚେର ଟାଉନ ଥାନାରେ ଓ ଏହାପରେ ଆଜକୁ ଦୀର୍ଘ ଦେଢ଼ମାସ ବିତିଯାଇଥିଲେ ମଧ କିଛି କୁଆଡୁ ସାହାରା ନପାଇ ଦ୍ୱାରସ୍ଥ ହୋଇଛନ୍ତି ଓଡ଼ିଶା ମାନବାଧିକାର ସଭାପତି ଡା. ଦେବେନ୍ଦ୍ର ସିଂହ ନିକଟରେ। ଘଟଣାରୁ ପ୍ରକାଶ, ତାଳଚେର ପୌରପରିଷଦ ୯ନମ୍ବର ୱାର୍ଡ଼ ୧୪୯ନମ୍ବର ଜାତୀୟ ରାଜପଥ ନିକଟସ୍ଥ ଏକ ପେଟ୍ରୋଲ ଟାଙ୍କି ସମ୍ମୁଖରେ ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ହେବ କଟକ ଜିଲ୍ଲା ଆଠଗଡ଼ ଅଞ୍ଚଳରୁ ୨୧ବର୍ଷର ଯୁବକ ଚିନ୍ମୟ ନାୟକଙ୍କ ସପରିବାର ଏଠାରେ ରହି ଆସୁଥିଲେ। ଚିନ୍ମୟ ଉକ୍ତ ପେଟ୍ରୋଲ ପମ୍ପରେ ରହି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ମାତ୍ର ଉକ୍ତ ଯୁବକଙ୍କ ବ୍ରହ୍ମପୁର ଅଞ୍ଚଳ କନିସହାଟ ନିକଟସ୍ଥ ସ୍ମୃତିରେଖା ପଟ୍ଟନାୟକ (୨୧)ଙ୍କ ସହ ଚିନ୍ମୟଙ୍କ ଫେସ୍‌ବୁକ୍‌ରେ ବାର୍ତ୍ତାଳାପ ହୋଇଥିଲା। ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ପରିବାର ଲୋକ ଏହା ଜାଣିବା ପରେ ଦୁଇପରିବାର ବିବାହ ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ। ବିବାହପରେ ପୁଅ ବୋହୂ ସାତମାସ ତାଳଚେରରେ ରହିବାପରେ ଝିଅର ମାଉସୀ, ମାଇଁ ଓ ମାଆ, ଝିଅ ସାତମାସ ଗର୍ଭବତୀ ଥିବା ଜାଣି ଝିଅକୁ ତାଳଚେରରୁ ତାଙ୍କ ଘରକୁ ନେଇ ଯାଇଥିଲେ। ଏହାପରେ ଝିଅ ରୀତିମତ ସ୍ୱାମୀ ସହିତ ଫୋନ୍‌ରେ କଥାବାର୍ତ୍ତା ହୋଇ କୌଶଳକ୍ରମେ ତାଙ୍କ ବ୍ରହ୍ମପୁର ଗ୍ରାମକୁ ନେଇ ଯାଇଥିଲା। ସେଠାରେ ଚିନ୍ମୟଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହେବାପରେ ପୁଅର ବାପା, ମାଆ ନାତୀକୁ ନେଇ ତାଳଚେରକୁ ଚାଲିଆସେ ବୋଲି କହିଥିଲେ। ପୁଅ ସହିତ ମାଆ ୨/୦୬/୨୦୨୫ରେ ରାତ୍ରୀ ୧୦ଟା ସମୟରେ ଫୋନ ଯୋଗେ କଥା ହେବାରୁ ପୁଅ କହିଲା ମୁଁ କାଲି ନାତି ଓ ବୋହୂକୁ ଧରି ତାଳଚେରରେ ପହଞ୍ଚିବି। ମାତ୍ର ରାତି ୨ଘଟିକା ସମୟରେ ପୁଅର ଫୋନରୁ ପୁଅର ଆଈ ପାଖକୁ ଏକ କଲ ଆସିଲା ଯେଉଁଥିରେ ପରିବାର ସମ୍ଭୀଭୂତ ହୋଇପଡ଼ିଥିଲେ। ଘଟଣାକ୍ରମେ ତୁମ ପୁଅ ମଦପିଇ ଆତ୍ମହତ୍ୟା କରିଛି ବୋଲି ଫୋନ୍ ଯୋଗେ ଏହି ଦୁଃଖଦ ଖବର ପାଇବାପରେ ପୁଅର ବାପା, ମାଆ କିଛି ନଭାବି ସିଧାସଳଖ ତାଳଚେରରୁ ବ୍ରହ୍ମପୁର ଚାଲିଯାଇଥିଲେ। ପୁଅର ବାପା ମାଆ ସେଠାରେ ନପହଞ୍ଚୁଣୁ ତରବରିଆ ଭାବେ ଝିଅର ପରିବାର ଲୋକେ ସ୍ଥାନୀୟ ମେଡ଼ିକାଲରେ ପୁଲିସ୍ ଅନୁପସ୍ଥିତିରେ ଶବବ୍ୟବଚ୍ଛେଦ କରାଇ ଆମ୍ବୁଲାନ୍ସ ଯୋଗେ ପୋଡ଼ିବାକୁ ନେଉଥିବା ବେଳେ ଘଟଣାସ୍ଥଳରେ ପୁଅର ବାପା ମାଆ ପହଞ୍ଚି ପାଟିତୁଣ୍ଡ କରିବା ସହିତ ଶବକୁ ଛାଡ଼ି ନଥିବା ପରିବାର ଏହା ଦୁଃଖରର ସହ ପ୍ରକାଶ କରିଛନ୍ତି। ତେବେ ଝିଅର ପରିବାର କୌଶଳକ୍ରମେ ସେମାନଙ୍କୁ ନାନାଦି କଥା କହି ଶବକୁ ପୋଡ଼ି ଦେଇଥିଲେ। ପୁଅର ବାପା, ମାଆ ସେଠିକାର ଗୋଲହରା ଥାନାରେ ଥିବା ଜୈନିକ ଏସ୍‌ଆଇଙ୍କୁ ଘଟଣା ସଂକ୍ରାନ୍ତରେ ପଚାରିବାରୁ ସେ ପ୍ରକାଶ କରିଥିଲେ କି, ହଁ ଆମେ ବ୍ୟବଚ୍ଛେଦ କରିବାକୁ ତାଙ୍କୁ ଆଦେଶ ଦେଇଛୁ ବୋଲି ପୁଅର ବାପା, ମାଆ ଏହା ପ୍ରକାଶ କରିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠେ, ଜୈନିକ ଏସ୍‌ଆଇ ମେଡ଼ିକାଲରେ ନପହଞ୍ଚି କେମିତି ବ୍ୟବଚ୍ଛେଦ କରାଇଲେ ତାକୁ ନେଇ ବାପା, ମାଆଙ୍କ ସନ୍ଦେହ ଘନୀଭୂତ ହେବା ସହ ପୁଅର ବାପା, ମାଆ ସ୍ପଷ୍ଟଭାବେ ଝିଅର ମାଆ, ମାଇଁ, ମାଉସୀ ମିଶି ମୋ ପୁଅକୁ ମାରି ଦେଇଛନ୍ତି ବୋଲି ତାଳଚେର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। ଘଟଣା ଦେଢ଼ମାସ ବିତି ଯାଇଥିଲେ ମଧ୍ୟ ସେଠିକାର ମେଡ଼ିକାଲ ପକ୍ଷରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ନଆସିବା ସନ୍ଦେହ ଘେରକୁ ଟାଣି ନେଇଥିଲେ ମଧ୍ୟ ସେମାନେ କୌଣସି ସାହାରା ନପାଇ ବାଧ୍ୟହୋଇ ଆଜି ଅଲ୍‌ଓଡ଼ିଶା ମାନବାଧିକାର ସଭାପତି ଡା. ଦେବେନ୍ଦ୍ର ସିଂହଙ୍କୁ ଏସମ୍ପର୍କରେ ଜଣାଇବା ସହିତ ଏହାର ସତ୍ୟାସତ୍ୟ ସାବ୍ୟସ୍ତ କରିବା ସହିତ ଦୋଷୀ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଅଭିଯୋଗ କରିଛନ୍ତି।

## ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



**କାମାକ୍ଷାନଗର,୧୫।୭/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ଉଦବେଗ ପ୍ରକାଶ ପାଇଥିବା ବେଳେ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ପ୍ରତିବାଦ କରିଛି ବିଜେଡି। ଆଜି କାମାକ୍ଷାନଗର ମହାବିଦ୍ୟାଳୟ ସାମ୍ନାରେ ଏହାର ପ୍ରତିବାଦରେ ଶତାଧିକ ବିଜେଡି ନେତା ଓ କର୍ମୀ ଉପସ୍ଥିତ ରହି ସରକାରଙ୍କୁ ବିରୋଧ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି । ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ବିଜେଡିର ପ୍ରତିବାଦକୁ ସମର୍ଥନ ଜଣାଇଛନ୍ତି କଲେଜ ଛାତ୍ରୀ। ବହୁ ସଂଖ୍ୟାରେ କଲେଜ ଛାତ୍ରୀ ପ୍ରତିବାଦରେ ସାମିଲ ରହି ଅଭିଯୁକ୍ତମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିବା ବେଳେ ରାଜ୍ୟରେ କ୍ରମାଗତ ଭାବେ ନାରୀ ନିର୍ଯାତନା, ଦୁଷ୍କର୍ମ ବନ୍ଦ କରିବା ପାଇଁ ଦାବି କରିଛନ୍ତି । ଅପାରଗ ମୁଖ୍ୟମନ୍ତ୍ରୀ ତୁରନ୍ତ ଗାଦି ଛାଡିବା ସହ ଇସ୍ତଫା ଦାବି କରିଛନ୍ତି ବିଜେଡି ନେତା, କର୍ମୀ ଓ କଲେଜ ଛାତ୍ରୀ। କାର୍ଯ୍ୟକ୍ରମରେ ବିଜେଡିର ବହୁ ନେତା ସାମିଲ ହୋଇଥିବା ବେଳେ କଲେଜ ଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ଏନ୍‌ଏସି ଉପାଧ୍ୟକ୍ଷ ଶକୁନ୍ତଳା ସେଠୀ, ବ୍ଲକ୍ ବିଜେଡି ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ସମସ୍ତ କାଉନସିଲର, ବହୁ ବରିଷ୍ଠ ବିଜେଡି ନେତା ଓ କର୍ମୀ ଯୋଗ ଦେଇଥିଲେ।

## ଖୋଲିଲା ରେଙ୍ଗାଲି ଡ୍ୟାମ୍‌ର ତୃତୀୟ ଗେଟ୍



**କଣିହାଁ,୧୫।୭/ଏନ୍‌ଏନ୍‌ଏସ୍:** ଅନୁଗୋଳ ଜିଲ୍ଲା ରେଙ୍ଗାଲିରେ ଥିବା ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ଜଳଭଣ୍ଡାରର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ରେଙ୍ଗାଲି ଜଳ ଭଣ୍ଡାରରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ରେଙ୍ଗାଲି ଜଳ ଭଣ୍ଡାରର ପୂର୍ଣ୍ଣ ଜଳ ଧାରଣ କ୍ଷମତା ୧୨୩.୫୦ ମିଟର । ଆଜି ଦିନ ୧୧ଟା ସୁଦ୍ଧା ଜଳ ଭଣ୍ଡାରର ଜଳସ୍ତର ୧୨୦.୯୮ ମିଟର ପହଞ୍ଚି ଥିଲା। ଫଳରେ ଡ୍ୟାମ କର୍ତ୍ତୃପକ୍ଷ ପୂର୍ବରୁ ୨ଟି ଗେଟ୍ ଖୋଲିଥିବାବେଳେ ଆଜି ତୃତୀୟ ଗେଟ (୧୦ ନଂ ଗେଟ୍) ଖୋଲି ବନ୍ୟା ଜଳ ନିଷ୍କାସନ କରିଛନ୍ତି । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୫୬୪୧.୭୫ ଘନମିଟର ଜଳ ପ୍ରବେଶ କରୁଥିବା ବେଳେ ପାୱାର ହାଉସ ଓ ତିନୋଟି ଖୋଲାଯାଇଥିବା ଗେଟ୍ ମାଧ୍ୟମରେ ମୋଟ ୪୨୦୦.୦୦ ଘନମିଟର ଜଳ ପ୍ରତିସେକେଣ୍ଡରେ ନିଷ୍କାସିତ ହେଉଛି ବୋଲି ରେଙ୍ଗାଲି ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଜଳ ଭଣ୍ଡାର ତଳ ମୁଣ୍ଡରେ ଥିବା ଗାଁ ମାନଙ୍କୁ ସତର୍କ ସୂଚନା ଦିଆଯାଇଛି ।

## ୯୦ ଦିନିଆ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ

**ଯାଜପୁର,୧୫।୭/ଏନ୍‌ଏନ୍‌ଏସ୍:** ଜାତୀୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଯାଜପୁର ଏବଂ ତାଲୁକ୍ ଆଇନ ସେବା ସମିତି ଯାଜପୁର ରୋଡ ଓ ଚଣ୍ଡିଖୋଲରେ ଏକ ୯୦ ଦିନିଆ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ଅଦାଲତରେ ବିଚାରାଧୀନ ବୈବାହିକ ବିବାଦ, ଘରୋଇ ହିଂସା, ଚେକ୍ ବାଉନ୍ସ, ବାଣିଜ୍ୟିକ ବିବାଦ, ସର୍ଭିସ୍ ମ୍ୟାଟର, କ୍ରିମିନାଲ କମ୍ପାଉଡେବଲ, ଖାଉଟି ବିବାଦ, ଡେବଟ୍ ରିକଭରି, ପାର୍ଟିସନ୍ ଏଭିକ୍ସନ୍, ଜମି ଅଧିଗ୍ରହଣ, ଅନ୍ୟାନ୍ୟ ଉପଯୋଗୀ ଦେୱାନୀ ମାମଲାର ଆପୋଷ ସହମତି ଭିତ୍ତିରେ ସମାଧାନ କରାଯିବ। ଏହି ଅଭିଯାନ ଆସନ୍ତା ଅକ୍ଟୋବର ମାସ ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଅଭିଯାନରେ ଅଂଶଗ୍ରହଣ କରି ଉପରୋକ୍ତ ମାମଲା ଗୁଡ଼ିକର ତ୍ୱରିତ ସମାଧାନ କରାଇନେବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ, ଯାଜପୁର ତରଫରୁ ଅନୁରୋଧ କରାଯାଇଛି।

## କଲେଜ ଜମିର ସୁରକ୍ଷା ପାଇଁ ପୁରାତନ ଛାତ୍ରସଂସଦ କାର୍ଯ୍ୟକାରିଣୀରେ ପ୍ରାଧାନ୍ୟ



**କେନ୍ଦ୍ରାପଡ଼ା,୧୫।୭/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ରସଂସଦର ଗତ ସାଧାରଣ ପରିଷଦ ପରେ ନୂତନ କାର୍ଯ୍ୟକାରିଣୀର ରବିବାର ଅନୁଷ୍ଠିତ ପ୍ରଥମ ବୈଠକରେ ଏହି ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନର ଜମିକୁ ଜବରଦଖଲକାରୀଙ୍କ ହାତରୁ ସୁରକ୍ଷା ଦେବାକୁ ପ୍ରାଧାନ୍ୟ ପ୍ରଦାନ କରାଯାଇଛି। ସଂସଦର ସଭାପତି ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡାଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ଗାନ୍ଧୀ ଭବନରେ ଅନୁଷ୍ଠିତ ଏହି ବୈଠକ ଜମି ସୁରକ୍ଷା ବ୍ୟତିତ ସଂସଦର ସଭ୍ୟ ସଂଗ୍ରହ ବୃଦ୍ଧି କରିବାକୁ, ଏହି ମାତୃ ଶିକ୍ଷାକେନ୍ଦ୍ରର ଶୈକ୍ଷିକ ପରିବେଶ ଓ ଭିତ୍ତିଭୂମିର ବିକାଶ ପାଇଁ ବିହିତ ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ କମିଟିମାନ ଗଠନ କରାଯାଇଛି। ସେହି କମିଟି ଗୁଡିକ ହେଉଛି ସଭ୍ୟ ସଂଗ୍ରହ ପାଇଁ ଡକ୍ଟର ତ୍ରୈଲୋକ୍ୟନାଥ ସାମଲ, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ଅଧ୍ୟାପିକା ସୀମା ମହାନ୍ତ ଓ ଅଧ୍ୟାପକ ସୁବ୍ରତ ସାମଲଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିବା ବେଳେ ଜମି ସୁରକ୍ଷା ପାଇଁ ଡକ୍ଟର ପ୍ରଦୀପ୍ତ କିଶୋର ଦାଶଙ୍କ ସଂଯୋଜନାରେ ସାମ୍ବାଦିକ ଚିତ୍ତରଞ୍ଜନ ଦାସ ଓ ସାମାଜିକ କର୍ମୀ ପ୍ରତାପ ମହାନ୍ତିଙ୍କୁ ନେଇ ଏକ କମିଟି, ଶୈକ୍ଷିକ ବିକାଶ ସହାୟତା ପାଇଁ ଡକ୍ଟର ବିଦ୍ୟୁଭୂଷଣ ଦାଶ, ସୁବ୍ରତ ସାମଲ ଓ ଡକ୍ଟର ରଶ୍ମୀ କରଙ୍କୁ ନେଇ ଏକ କମିଟି,ଗଣ ଯୋଗାଯୋଗ ପାଇଁ ବରିଷ୍ଠ ସାମ୍ବାଦିକ ରାଜେଶ କୁମାର ନାୟକଙ୍କ ସଂଯୋଜନାରେ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଏକ କମିଟି ଏବଂ ସଂସଦର ସଭ୍ୟମାନଙ୍କ ତଥ୍ୟଭିତ୍ତିକ ଡାଟାବେସ ପ୍ରସ୍ତୁତ ନିମନ୍ତେ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ମଧ୍ୟ ଏକ କମିଟି ଗଠନ କରାଯାଇଛି। ଏହି ଅବସରରେ କଲେଜରେ ନୂତନ ଭାବେ ଯୋଗଦେଇଥିବା ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ଡକ୍ଟର ପ୍ରମୋଦ କୁମାର ଦାସ ଗତ ସମ୍ମିଳନୀର ବିବରଣୀ ସହ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସଭାପତି ତଥା ବର୍ତ୍ତମାନର ଉପଦେଷ୍ଟା ପ୍ରଫେସର ନନ୍ଦ କିଶୋର ପରିଡା ଓ ବିଶ୍ୱଜିତ ଦାସ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିବା ବେଳେ ଡକ୍ଟର କଳ୍ପନା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### ବୋହୂକୁ ପେଟ୍ରୋଲ ଢାଳି ମାରିଦେବାକୁ ଉଦ୍ୟମ

## ଶ୍ୱଶୁର, ଦିଅର ବିରୋଧରେ ଅଭିଯୋଗ



**କେନ୍ଦ୍ରାପଡ଼ା,୧୫।୭/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ ବାରିମୂଳ ଖଣ୍ଡାସାହି ଗ୍ରାମର ଜଣେ ମହିଳାଙ୍କ ଉପରେ ପେଟ୍ରୋଲ ଢାଳି ହତ୍ୟା କରାଯିବା ଉଦ୍ୟମ ହୋଇଛି। କିନ୍ତୁ ପିଡିତା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହାସହ ସଂପୃକ୍ତ ମହିଳାଙ୍କୁ ଶଶୁର ଓ ଦିଅରମାନେ ମାଡମାରି କ୍ଷତାକ୍ତ କରିଛନ୍ତି। ଏନେଇ ପିଡିତା ସଦର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଏହାକୁ ଗୁରୁତ୍ୱ ଦେଉନାହିଁ। ତେଣୁ ବାଧ୍ୟ ହୋଇ ପିଡିତା ଏସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା କହିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଏଥିସହ ଅଭିଯୋଗର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ୍ ଶୋଭାଯାତ୍ରା



**ଯାଜପୁର,୧୫।୭/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଜିଲ୍ଲାର ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାରେ ସମସ୍ତେ ହତବାକ୍ ହୋଇଥିବା ବେଳେ ଏହି ଘଟଣା ପୁରା ରାଜ୍ୟ ସରକାରଙ୍କ ଆପରଗତାକୁ ପଦାରେ ପକାଇଛି । ତେବେ ଏପରି ପରିସ୍ଥିତିରେ କଂଗ୍ରେସ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ମନୋଜ ରାଉତଙ୍କ ନେତୃତ୍ୱରେ ଆଜି ସନ୍ଧ୍ୟା ୬ ଘଟିକା ସମୟରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଗାନ୍ଧୀ ଛକ ଠାରେ ଶେଷ ହୋଇଥିଲା । ପରେ ଏଠାରେ ଏକ ପ୍ରତିବାଦ ସଭା କରି ଘଟଣାର ଉଚିତ ତଦନ୍ତ କରାଯିବା ସହ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା । ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତ ପାଇଁ ମା ବିରଜାଙ୍କ ପାଖରେ ସମସ୍ତକର୍ମୀମାନେ ପ୍ରାର୍ଥନା କରିଥିଲେ।ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ, ଦିଗମ୍ବର କର, ବରିଷ୍ଠ ନେତା ସନ୍ତୋଷ ନନ୍ଦ, ପିସିସି ମୁଖପାତ୍ର ପଦ୍ମାକର ଗୁରୁ, ନାରାୟଣ ଚନ୍ଦ୍ର ସାମନ୍ତ, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ଭାସ୍କର ମହାନ୍ତି, ମାନସ କର, ପ୍ରତିମା କର, ଆରତୀ ଦେଓ, କନକଲତା ମଲ୍ଲିକ, କନକ ରାଉତ, ଦିଲିପ ଦାସ, ଆଲୋକ ବେହେରା, ବିଳାସ ରାଉତ, ସଂଗ୍ରାମ ଜେନା, ନକୁଳ ଦେବ ସାହୁ, ଅମୂଲ୍ୟ ବିଶ୍ୱାଳ, ଅନୀଲ ମହାନ୍ତି, ପ୍ରଭୃତି କ୍ୟାଣ୍ଡେଲ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

## ଉଦ୍ଧାର ହେଲେ ୫ ମାନସିକ ଭିନ୍ନକ୍ଷମ




**ପାରାଦୀପ,୧୫।୭/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲାର ଏକ ମାତ୍ର ସାମାଜିକ ଓ ଆଧ୍ୟାତ୍ମିକ ସଂଗଠନ ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ତାର ଉଦାର ପଣ ଓ ନିଃସ୍ୱାର୍ଥପର ସମାଜ କଲ୍ୟାଣ କାର୍ଯ୍ୟ ନିମନ୍ତେ ଜିଲ୍ଲାରେ ନିଜର ପରିଚୟକୁ ସୁଦୃଢ କରିପାରିଛି । ବିଶେଷ କରି ସଂଗଠନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କର ରାସ୍ତା ପତିତ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କ ପ୍ରତି ଏକ ସ୍ୱତନ୍ତ୍ର ଅନୁକମ୍ପା ଓ ଆନ୍ତରିକତା ରହିଛି । ଦୀର୍ଘ ଦିନ ହେବ ପାରାଦୀପରୁ କଟକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରୁ ସମସ୍ତଙ୍କ ପାଇଁ ଅବାଞ୍ଛିତ ଓ ଅଲୋଡ଼ା ଏହି ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ନିଜସ୍ୱ ଉଦ୍ୟମ ଓ ଖର୍ଚ୍ଚରେ ଉଦ୍ଧାର ଏବଂ ଚିକିତ୍ସା କରି ନୀଳାଚଳ ସେବା ପ୍ରତିଷ୍ଠାନ ପୁରୀର କଣାସ ଠାରେ ଥଇଥାନ କରି ଆସୁଛନ୍ତି । ଜିଲ୍ଲା ପ୍ରଶାସନ ବିଶେଷ କରି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପ୍ରଶାସନିକ ସାହାଯ୍ୟକୁ ସମ୍ବଳ କରି ଏଭଳି କାର୍ଯ୍ୟରେ ଅପୂରନ୍ତ ଆନନ୍ଦ ପାଇଛନ୍ତି ଶ୍ରୀମତୀ ଆଚାର୍ଯ୍ୟ । ନାନା ବାଧା ପ୍ରତିବନ୍ଧକ ମଧ୍ୟରେ ନିଜ ସଙ୍କଳ୍ପରୁ ଓହରି ନାହାନ୍ତି ସଂଗଠନର ଅଧ୍ୟକ୍ଷା । ଗତ ସୋମବାର ଦିନ କୁଜଙ୍ଗ ଓ ତତ୍ ସଂଲଗ୍ନ ଅଞ୍ଚଳରୁ ମାତ୍ରାଧିକ ମାନସିକ ସ୍ଥିତି ବିଗିଡି ଯାଇଥିବା, ବିଭିନ୍ନ ସମୟରେ ସେହି ଅଞ୍ଚଳରେ ନାନା ଅପ୍ରୀତିକର ଘଟଣା ଘଟାଉଥିବା ୫ଜଣ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର କରି ସାମୟିକ ଚିକିତ୍ସା ପରେ ସଂଗଠନର ସଭାପତି ଡ. ସିଦ୍ଧେଶ୍ୱର ପଣ୍ଡାଙ୍କ ସହାୟତାରେ ନୀଳାଚଳ ସେବା ପ୍ରତିଷ୍ଠାନ କଣାସ ଠାରେ ଥଇଥାନ କରାଯାଇଥିଲା । ପ୍ରକାଶ, ଏକ ଅସହାୟ କେନ୍ଦ୍ର ନଥିବାରୁ ପ୍ରଶାସନ ଆଗୋଚରରେ ଅନେକ ଅସହାୟ ଓ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଦୁର୍ବିସହ ଜୀବନ ଯାପନ କରୁଛନ୍ତି । ମାତ୍ର ସ୍ୱତଃ ଏକ ସଂଗଠନ ନିଜସ୍ୱ ଉଦ୍ୟମ ଓ ଖର୍ଚ୍ଚରେ ଦୈନନ୍ଦିନ ଏପରି କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରଶାସନ ଅସହଯୋଗ କରିବା ଅନେକଙ୍କୁ ବିସ୍ମୟ କରିଛି । ତେବେ ଏଠାରେ ପ୍ରଶ୍ନ ଉଠେ ଏପରି ସ୍ପର୍ଶ କାତର ଘଟଣାକୁ ପ୍ରଶାସନର ବିମୁଖତାର ରହସ୍ୟ କ’ଣ ? ତେବେ ଶ୍ରୀମତୀ ଆଚାର୍ଯ୍ୟ ଜିଲ୍ଲା ପ୍ରଶାସନକୁ ଏଭଳି ବ୍ୟକ୍ତି ବିଶେଷଙ୍କ ପାଇଁ ସହାୟତାର ହାତ ବଢ଼ାଇବା ପାଇଁ ଅନୁରୋଧ କରିଛନ୍ତି। ଅନ୍ୟଥା ପ୍ରଶାସନର ଅଜାଣତରେ ଅନେକ ଅସହାୟ ମାନସିକ ଭିନ୍ନକ୍ଷମ ବ୍ୟକ୍ତିମାନେ ଗାଡ଼ି ଚକତଳେ ମରିବା ସଙ୍ଗେ ସଙ୍ଗେ ମାନସିକ ଭିନ୍ନକ୍ଷମ ବ୍ୟକ୍ତି ଥିବା ପରିବାର ଯେ କେତେବେଳେ ନିଃସ୍ୱ ହେଇଯିବେ ତାହା ସମୟ ହିଁ କହିବ।

## ଖୁବ୍‌ଶୀଘ୍ର ନିର୍ମାଣ ହେବ ଯାତ୍ରୀ ବିଶ୍ରାମାଗାର



**ଧର୍ମଶାଳା,୧୫।୭/ଏନ୍‌ଏନ୍‌ଏସ୍:** ଧାର୍ମଶାଳା ବ୍ଲକ୍ ଜାରକା ଓଭର ବ୍ରିଜ୍ ଦୁଇ ପାର୍ଶ୍ୱରେ ଯାତ୍ରୀ ପ୍ରତୀକ୍ଷାଳୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଦୀର୍ଘ ଦିନରୁ ନିଷ୍ପତି ନିଆ ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇ ପାରିନଥିଲା। ଜାରକା ବସଷ୍ଟାଣ୍ଡରେ ପ୍ରତୀକ୍ଷାଳୟ ନଥିବାରୁ ଯାତ୍ରୀମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଖରା ବର୍ଷା ଶୀତରେ ଖୋଲା ଆକାଶ ତଳେ ଯାତ୍ରୀମାନଙ୍କୁ ଅପେକ୍ଷା କରିବାକୁ ପଡୁଛି । ଯାତ୍ରୀ ମାନଙ୍କର ଅସୁବିଧାକୁ ଦୃଷ୍ଟିରେ ରଖି ୨୦୨୩ ମସିହାରେ ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟ ଜିଲାପାଳଙ୍କ ନିକଟରେ ଦାବି ରଖିଥିଲେ । ତତ୍କାଳୀନ ଜିଲ୍ଲା ପାଳ ଯାତ୍ରୀମାନଙ୍କ ସୁବିଧା ପାଇଁ ଦୁଇଗୋଟି ପ୍ରତୀକ୍ଷାଳୟ ନିର୍ମାଣ କରିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହାଭିତରେ ଦୁଇବର୍ଷ ବିତି ଯାଇଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ହୋଇ ପାରିନଥିବାରୁ ଆଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ରବି ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାସ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାସ ଜାତୀୟ ରାଜପଥ କାର୍ଯ୍ୟାଳୟ ଠାରେ ପ୍ରକଳ୍ପ ନିର୍ଦ୍ଦେଶକ ଜେପି ବର୍ମାଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଆମେ ପ୍ରସ୍ତୁତ ହୋଇ ରହିଛୁ । ସେଠାରେ ଆବଶ୍ୟକ ଜମି ଚିହ୍ନଟ ହୋଇ ପାରିନଥିବାରୁ କାର୍ଯ୍ୟ ଅଟକି ରହିଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ମତ ପ୍ରକାଶ କରିଥିଲେ । ତହସିଲ ଦାର ସେଠାରେ ଆମକୁ ଜମି ଚିହ୍ନଟ କରାଇଲେ ତୁରନ୍ତ ଯାତ୍ରୀ ନିବାସ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାଇଛନ୍ତି।

### ବିଧାୟକଙ୍କ ନିଆରା ପଦକ୍ଷେପ

## ସପ୍ତାହରେ ତିନିଦିନ ଶୁଣିବେ ସାଧାରଣ ଲୋକଙ୍କ ଅଭିଯୋଗ



**ବଡଚଣା,ଚଣ୍ଡିଖୋଲ,୧୫।୭/ଏନ୍‌ଏନ୍‌ଏସ୍:** ବିଧାୟକ ଅମର ନାୟକ ପ୍ରଥମ ଥର ବିଧାୟକ ହୋଇଥିଲ ମଧ୍ୟ ଦୀର୍ଘ ଦିନର ସାଙ୍ଗଠନିକ ଅଭିଜ୍ଞତା ଅଛି। ଏକ ଶାନ୍ତ, ସମୃଦ୍ଧ, ବିକଶିତ, ବଡଚଣା ଗଠନ ଦିଗରେ ବଡଚଣା ବାସୀ ଯେଉଁ ଅକୁଣ୍ଠ ସମର୍ଥନ ଜଣାଇଛନ୍ତି ତାକୁ ପୂରଣ କରିବା ପାଇଁ କଥା ଦେଇ କଥା ରଖିଲେ ଅମର । ନ୍ୟାୟରେ ଏପରି ନିଆରା ପଦକ୍ଷେପକୁ ବଡଚଣାବାସୀ ସ୍ୱାଗତ କରିଛନ୍ତି। ଗତ ବର୍ଷକ ତଳେ ଯେତେବେଳେ ବିଧାୟକ ଭାବରେ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଥିଲେ ସେତେବେଳେ ବଡଚଣା ବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ପ୍ରଶାସନର ଲୋକମାନଙ୍କ ନିକଟରେ ପହଞ୍ଚିବ। ସେମାନଙ୍କର ସମସ୍ତ ସୁବିଧା ଅସୁବିଧା, ଆପତ୍ତି, ଅଭିଯୋଗର ଗ୍ରହଣ କରାଯାଇ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ହେଉଥିବା ଯୁଗ୍ମ ଜନଶୁଣାଣୀ ଲୋକମାନଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ସେଥିପାଇଁ ଜନସାଧାରଣଙ୍କର ଆପତ୍ତି ଅଭିଯୋଗକୁ ତତକ୍ଷଣାତ୍ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ଏହାର ତ୍ୱରିତ ସମାଧାନ ପାଇଁ ବିଧାୟକ ଅମର ନାୟକ ନିଜ ଚଣ୍ଡିଖୋଲ ସ୍ଥିତ କାର୍ଯ୍ୟାଳୟ ଠାରେ ଏକ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠ ଖୋଲିଛନ୍ତି। ସପ୍ତାହକୁ ତିନିଦିନ ବୁଧ, ଗୁରୁ, ଶୁକ୍ରବାର ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ଲୋକମାନଙ୍କର ଅଭିଯୋଗ ଶୁଣାଣି କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଏହି ଅଭିଯୋଗ ଶୁଣାଣି ଶିବିରରେ ବଡଚଣା ନିର୍ବାଚନ ମଣ୍ଡଳୀର ୪୩ଗୋଟି ପଞ୍ଚାୟତର ଲୋକେ ସେମାନଙ୍କ ଆପତ୍ତି ଅଭିଯୋଗ କରିପାରିବେ। ଏହି ଶିବିରକୁ ଶୁଭ ଉଦ୍‌ଘାଟନ କରି ବିଧାୟକ ଶ୍ରୀ ନାୟକ ଗତ ବର୍ଷକ ତଳେ ବିଧାୟକ ଭାବେ ନିର୍ବାଚିତ ହେଲା ପରେ କଥା ଦେଇ ଥିଲେ ପ୍ରଶାସନ ଲୋକମାନଙ୍କ ନିକଟକୁ ଯିବ ବୋଲି କହିବା ସହିତ ଏପରି ନିଆରା ପଦକ୍ଷେପ ନେଇ ସପ୍ତାହକୁ ତିନିଦିନ ନିଜେ ଉପସ୍ଥିତ ରହି ଲୋକମାନଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରି ତୁରନ୍ତ ସମାଧାନ ନିମନ୍ତେ ପଦକ୍ଷେପ ନେବେ ବୋଲି କହିଛନ୍ତି। ବଡଚଣା ବିଧାୟକ ଅମର ନାୟକଙ୍କ ଏପରି ନିଆରା ପଦକ୍ଷେପକୁ ବଡଚଣାବାସୀ ସ୍ୱାଗତ କରିଛନ୍ତି।

## ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ



**ନାଉଗାଁ,୧୫।୭/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ କାର୍ଯାଳୟ ପରିସରରେ ଅନ୍ତ୍ୟୋଦୟ ଗୃହ ଯୋଜନାର ୨୦୨୫/୨୦୨୬ ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟାଦେଶ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ବଣ୍ଟନ। ଦ୍ୱିତୀୟ ପର୍ଯ୍ୟାୟରେ ୨୪୯ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ଅବସରରେ ନାଉଗାଁ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ମୁଖ୍ୟ ଅତିଥି ରୂପେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ରୂପେ ନାଉଗାଁ ଜିଲ୍ଲା ପରିଷଦ ଜୋନ୍ -୧ ସଭ୍ୟା ଅମିତା ସ୍ୱାଇଁ, ତିରୁଣା ସରପଞ୍ଚ ଲକ୍ଷ୍ମଣ ସ୍ୱାଇଁ, ସମିତି ସଭ୍ୟ ମନ୍ମଥ ସ୍ୱାଇଁ, ପପୁ ମଲ୍ଲିକି ପ୍ରମୁଖ ଉକ୍ତ କାର୍ଯ୍ୟ ଦେଶ ବଣ୍ଟନରେ ସାମିଲ ହୋଇଥିଲେ। ଅନ୍ୟପଟେ ବିଧାୟକ ଓ ମାନ୍ୟଗଣ ଅତିଥିମାନଙ୍କ ଦ୍ୱାରା ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଅନ୍ୟପଟେ ବିଧାୟକ କାର୍ଯ୍ୟଦେଶ ବଣ୍ଟନ କରିବା ପୂର୍ବରୁ ଏହି ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ହୋଇଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଏହି କାର୍ଯ୍ୟଦେଶ ନେବା ପରେ ଚାରି ମାସ ଭିତରେ ଗୃହକାର୍ଯ୍ୟ ସାରି କିପରି ବୋନସର ଲାଭାଂଶ ପାଇପାରିବେ ତାହା ସୁଚାରୁ ରୂପେ ବର୍ଣ୍ଣନା କରିଥିଲେ।

## ଜଳାଭିଷେକ ପାଇଁ ଯାଇ ଯୁବକ ନିଖୋଜ

**ପରଜଙ୍ଗ,୧୫।୭/ଏନ୍‌ଏନ୍‌ଏସ୍:** ପରଜଙ୍ଗ ଅଞ୍ଚଳର କିଛି ଯୁବକ ବିହାର ସ୍ଥିତ ବାବାଧାମରେ ଜଳାଭିଷେକ କରି ଘରକୁ ଫେରିବା ବାଟରେ ଯୁବକ ନିଖୋଜ। ଯୁବକ ଜଣଙ୍କ ହେଲେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁଣ୍ଡେଇଲୋ ପଞ୍ଚାୟତ ବ୍ରାହ୍ମଣ ବେଡିଆ ଗ୍ରାମର ବିକ୍ରମ ବେହେରା(୩୦)। ସେ ଗତକାଲି ବାବା ଧାମରେ ଜଳାଭିଷେକ କରି ସାରି ସନ୍ଧ୍ୟା ୬ ଟା ବେଳକୁ ସୁଲତାନଗଞ୍ଜ ପାଖରେ ଗଙ୍ଗା ନଦୀ ପାଖରେ ବୁଲି ସାରି ଫେରିବା ପରେ କୁଆଡେ ଅନ୍ତର୍ଦ୍ଧାନ ହୋଇଗଲେ। ବହୁ ଖୋଜାଖୋଜି ପରେ ସୁଲତାନଗଞ୍ଜ ଥାନାରେ ଏକ ନିଖୋଜ ରିପୋର୍ଟ କରାଯାଇ ଘରକୁ ଫେରିଛନ୍ତି ସାଥୀମାନେ।

## ଗଁଦିଆ ବ୍ଲକ୍‌ରେ ଡାଇରିଆରେ ଗଲା ପ୍ରଥମ ଜୀବନ

**ଢେଙ୍କାନାଳ,୧୫ା୭/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ପିଙ୍ଗୁଆ ଗ୍ରାମରେ ଡାଇରିଆ ରେ ଯାଇଛି ଜଣଙ୍କ ଜୀବନ । ମୃତକ ଜଣକ ହେଲେ ପିଙ୍ଗୁଆ ଗ୍ରାମର ଉପେନ୍ଦ୍ର ସାହୁଙ୍କ ସ୍ତ୍ରୀ ଜତନୀ ସାହୁ(୭୭) ସୂଚନା ଅନୁଯାୟୀ ଗତ ଶନିବାର ଦିନ ସେ ଝାଡାବାନ୍ତିରେ ଅକ୍ରାନ୍ତ ହେବା ପରେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି ହୋଇଥିଲା । ରବିବାର ଦିନ ସକାଳ ୯ରେ ତାଙ୍କ ସ୍ୱାସ୍ଥ୍ୟ ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ ଏବଂ ସେହିଦିନ ଅପରାହ୍ନ ୩ଟା ସମୟରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। କଟକରେ ୨ଦିନ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାର ଲାଗିଥିଲା ମଙ୍ଗଳବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ମୃତକଙ୍କ ପୁଅ ଅନର୍ଯ୍ୟାମୀ ସାହୁ କହିଥିଲେ। ଉକ୍ତ ଗ୍ରାମର ୱାର୍ଡ ୧ରେ ଦୂଷିଦ ପାଣି ପିଇବା ଫଳରେ ଏଠାରେ ଏହି ଝାଡା ବାନ୍ତି ରୋଗ ବ୍ୟାପି ଥିଲା ଓ ଏଥିରେ ସମୁଦାୟ ୨୩,ଜଣ ଆକ୍ରାନ୍ତ ହୋଇ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିଲେ।

## ଚମ୍ପାବାଲି ମଠ ମହନ୍ତଙ୍କ ଦେହାନ୍ତ



**ଜଗତ୍‌ସିଂହପୁର,୧୫ା୭/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ଚଅଁରପୁର ଗ୍ରାମ ସ୍ଥିତ ଶିଦ୍ଧ ବାବା ମାଧୁରୀଙ୍କ ଚମ୍ପାବାଲି ମଠରେ ମହନ୍ତ ଶୁକଦେବ ଦାସ ମହାରାଜଙ୍କ ଆଜି ମଙ୍ଗଳବାର ସକାଳ ୬ଟା ୩୦ମିନିଟ୍ ସମୟରେ ଦେହାନ୍ତ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ବୟଷ ହୋଇଥିଲା। ଏହି ଖବର ଖୁବ କମ ସମୟ ମଧ୍ୟରେ ପ୍ରଘଟ ହେବା ପରେ, ଆଖପାଖ ଅଞ୍ଚଳର ଶତାଧିକ ଜନ ସାଧାରଣ, ଭକ୍ତ, ଶ୍ରଦ୍ଧାକୁ ଦେଖିବା ପାଇଁ ମଠକୁ ଶୁଅ ଛୁଟିଥିଲେ। ଏଥି ସହିତ ଆଖପାଖ ଅଞ୍ଚଳର ବିଭିନ୍ନ ମଠର ମହନ୍ତ ମଧ୍ୟ ଉପସ୍ଥିତ ହୋଇ ଥିଲେ। ଅଞ୍ଚଳବାସୀ କୁହନ୍ତି, ୧୯୯୯ ମସିହା ପୂର୍ବରୁ ମଠର ମହନ୍ତ ଖାଲି ପଡିଥିବା ସମୟରେ, ହଠାତ୍ ଭଦ୍ରକ ଜିଲ୍ଲାର ଖେଦାର ପୋଖରୀ ଅଂଚଳର ଶୁକ ଦେବ ଘଡାଇ ନାମକ ଜଣେ ସାଧୁ ଚମ୍ପାବାଲି ମଠରେ ପହଞ୍ଚି ଥିଲେ। ତାଙ୍କର ପ୍ରଗାଢ ଆଧ୍ୟାତ୍ମିକ ଜ୍ଞାନ ଓ ସାଧୁତାର ପରିଚୟ ପାଇବା ପରେ ଅଂଚଳବାସୀ ମଠର ମହନ୍ତ ଭାବେ ଗ୍ରହଣ କରି ନେଇଥିଲେ। ତେବେ ମଠରେ ବାବାଙ୍କ ମୁହଁରୁ ଯାହା ଶବ୍ଦ ବାହାରୁ ଥିଲା, ତାହା ସତ୍ୟରେ ପରିଣତ ହେବା ନେଇ ସେ ଅଞ୍ଚଳରେ ଜନ ସାଧାରଣଙ୍କ ବେସ ପ୍ରିୟଭାଜନ ହୋଇ ପାରିଥିଲେ। ବିଶେଷ କରି ସର୍ପ ଦଂଶନକାରୀଙ୍କ ଠାରୁ ନିଃଦ୍ୱନ୍ଦରେ ବିଷ ହରଣ କରି ନୁଆ ଜୀବନ ଦାନ ଦେବାରେ ସେ ମାହିର ଥିଲେ। ଏଥି ସହିତ ବିଭିନ୍ନ ରୋଗ ବୈରାଗ୍ୟ ନିମନ୍ତେ ବିନା ଔଷଧରେ ଫୁଙ୍କି ଭଲ କରି ଦେଉଥିବା ଅଞ୍ଚଳବାସୀ କହି ଦୁଃଖ ପ୍ରକାଶ କରିଥିଲେ। ଶେଷରେ ମଠ ପରିଷରରେ ସମସ୍ତେ ତାଙ୍କର ଅନ୍ତିମ ଦର୍ଶନ କରିବା ପରେ, ବାବାଙ୍କ ପାର୍ଥିବ ଶରୀରକୁ ଏକ ସଙ୍କିର୍ତନ ଶୋଭା ଯାତ୍ରାରେ ପଂଚାୟତର ବିଭିନ୍ନ ଗ୍ରାମ କରିକ୍ରମା କରାଯାଇ ମଠ ପରିସରରେ ସମାଧି ଦିଆ ଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ମଠର ମୁଖ୍ୟ ପରିଚାଳକ ମାନସ ପରିଡା ଓ ଅରୁଣ ଜେନାଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ ସମାପନ କରିଥିଲେ।

## ବିଶ୍ୱ ଯୁବ ଦକ୍ଷତା ଦିବସ



**ଯାଜପୁର,୧୫ା୭/ଏନ୍‌ଏନ୍‌ଏସ୍:** ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟ, ଯାଜପୁର ଏବଂ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ, ଯାଜପୁର ଦ୍ୱାରା ସ୍ଥାନୀୟ ବରୁଆଁ ସ୍ଥିତ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ, ଯାଜପୁର ଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ଯୁଧିଷ୍ଠିର ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଏବଂ ସୁଶାନ୍ତ କୁମାର ନାୟକ, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଏବଂ ପଦ୍ମଚରଣ ସେଠୀ, ଅଧକ୍ଷ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ଯୋଗଦାନ ଦେଇଥିଲେ। ଏହି ଅବସର ରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନାୟକ ନିଯୁକ୍ତି ଭିତ୍ତିକ ତାଲିମ୍ କାର୍ଯ୍ୟକ୍ରମ ରେ ତାଲିମ୍ ନେଇଥିବା ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ପତ୍ର ଏବଂ ପ୍ରମାଣ ପତ୍ର ପ୍ରଦାନ କରିବା ସହ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ଦ୍ୱାରା ହୋଇଥିବା କୁଇଜ୍ ଏବଂ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ତିଆରି ହୋଇଥିବା ପ୍ରୋଜେକ୍ଟ ଏବଂ ମଡେଲ ଗୁଡ଼ିକୁ ଦେଖି ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରେ ଅତିରିକ୍ତ ଜିଲ୍ଲାପାଳ ଜିଲ୍ଲା ଦକ୍ଷତା ବିକାଶ ସମ୍ପ୍ରସାରଣ କେନ୍ଦ୍ରକୁ ଯାଇ ସେଠାରେ ସ୍ୱଳ୍ପ କାଳୀନ ନିଯୁକ୍ତି ଭିତ୍ତିକ ତାଲିମ୍‌ର ପିଲାମାନଙ୍କୁ ଦକ୍ଷତା ବିକାଶ ତାଲିମ୍‌ର ମୂଳ ଉଦ୍ଦେଶ୍ୟ ବିଷୟରେ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ରାକେଶ କୁମାର ନାୟକ, ରଞ୍ଜନ କୁମାର ଜେନା, ସ୍ୱାଗତ ସାହୁ, ବିଭୂତି ଭୂଷଣ ଆଇଚ, ରିଙ୍କି ବେହେରା ପ୍ରମୁଖ ଆୟୋଜନ କରିଥିବା ବେଳେ ସରକାରୀ ଶିଳ୍ପ ଅନୁଷ୍ଠାନର ଅନ୍ୟ ପ୍ରଶିକ୍ଷକମାନେ ସହଯୋଗ କରିଥିଲେ।

## ସୌମ୍ୟାଶ୍ରୀ ମୃତ୍ୟୁର ନ୍ୟାୟ ଦାବିରେ ଛାତ୍ର କଂଗ୍ରେସର ବିକ୍ଷୋଭ



**କେନ୍ଦ୍ରାପଡା,୧୫ା୭/ଏନ୍‌ଏନ୍‌ଏସ୍:** ଫକିର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁର ନ୍ୟାୟ ଦାବିରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ କେନ୍ଦ୍ରାପଡା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସୌମ୍ୟାଶ୍ରୀଙ୍କୁ ଉଚିତ୍ ନ୍ୟାୟ କିପରି ମିଳିବ ଓ ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ମିଳିବା ଦାବିରେ ସଭାପତି ଦିବ୍ୟ ରଞ୍ଜନ ରାଉତଙ୍କ ନେତୃତ୍ୱରେ କେନ୍ଦ୍ରାପଡାର ବହୁ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସର କର୍ମୀମାନେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଇସ୍ତଫା ଦାବି କରିବା ସହିତ ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପାଟକୁରା ବିଧାୟକ ପାର୍ଥୀ ରତିକାନ୍ତ କାନୁନଗୋ, ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, କେନ୍ଦ୍ରାପଡ଼ା ବିଧାୟିକା ପାର୍ଥୀ ଡଃ ସିପ୍ରା ମଲ୍ଲିକ, ଆଳି ଯୁବ କଂଗ୍ରେସ ସଭାପତି ରାଜମୋହନ ସ୍ୱାଇଁ, ଆଳିବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ଯୁବ ନେତା ଉମେଶ ପାଢ଼ୀ, ସୌମ୍ୟ ରାଉତ, ଜ୍ୟୋତି ପ୍ରକାଶ ରାଉତ, ହିମାଦ୍ରି ପତି ସମେତ ବହୁ ଛାତ୍ର ଓ ଯୁବକ ଉକ୍ତ ବିକ୍ଷୋଭ କର୍ଯ୍ୟକର୍ମରେ ଯୋଗ ଦେଇ ଥିଲେ।

## କୁଅରେ ପଡ଼ି ଯୁବକ ମୃତ

**ଢେଙ୍କାନାଳ,୧୫ା୭/ଏନ୍‌ଏନ୍‌ଏସ୍:** କୁଅରେ ପଡି ଯୁବକ ମୃତ। ଢେଙ୍କାନାଳ ଜିଲ୍ଲା କାଉଁରିଆପାଳ ଗ୍ରାମର ବିମଳ ଖଟୁଆ (୩୦ ) କୂଅରୁ ପାଣି କାଢୁଥିବା ବେଳେ କୂଅରେ ଖସିପଡ଼ିଥିଲେ। ଅଗ୍ନିଶମବାହିନୀ ସହଯୋଗରେ ତାଙ୍କୁ କୁଅରୁ ଉଦ୍ଧାର କରାଯାଇଥିଲା । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଢେଙ୍କାନାଳ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିମଳଙ୍କ ମୃତ୍ୟୁ ଘଟିଥିଲା।

## ରାଜନଗର ବନଖଣ୍ଡରେ ୧୧୬ କୁମ୍ଭୀର ବସା ଚିହ୍ନଟ

**ରାଜନଗର,୧୫ା୭/ଏନ୍‌ଏନ୍‌ଏସ୍:** ରାଜନଗର ବନ୍ୟପ୍ରାଣୀ ବନଖଣ୍ଡରେ କୁମ୍ଭୀର ବସା ଚିହ୍ନଟ ଶେଷ ହୋଇଛି। ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳ ସମେତ ଜାତୀୟ ଉଦ୍ୟାନର ବାହାରେ ମୋଟ ୧୧୬ଟି କୁମ୍ଭୀର ବସା ଚିହ୍ନଟ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟତଃ କନିକା ରେଞ୍ଜରେ ସର୍ବାଧିକ ୧୦୪ଟିବସା ଚିହ୍ନଟ କରାଯାଇଛି। ରାଜନଗର ରେଞ୍ଜରେ ୧୦ଟି, ଗହିର ମଥା ରେଞ୍ଜରେ ଗୋଟିଏ ଓ ମହାକାଳପଡ଼ା ରେଞ୍ଜରେ ଗୋଟିଏ ବସା ଚିହ୍ନଟ କରାଯାଇଥିବା ବେଳେ କୁଜଙ୍ଗ ରେଞ୍ଜରେ କୁମ୍ଭୀର ବସା ଦେଖିବାକୁ ମିଳିନାହିଁ । କନିକା ରେଞ୍ଜର ଡାଙ୍ଗମାଳ ଫରେଷ୍ଟ ବ୍ଲକ, ଗଞ୍ଜେଇଖିଆ ଫରେଷ୍ଟ ବ୍ଲକ, ଶୂଆପୋର ଓ ମହିଷାମଡା ଫରେଷ୍ଟ ବ୍ଲକରେ ଅଧିକ ବସା ଚିହ୍ନଟ କରାଯାଇଛି। ସୂଚନାଯୋଗ୍ୟ ଅପ୍ରେଲ ମାସରେ ମା କୁମ୍ଭୀରର ମିଳନ ପର୍ବ ପରେ ମେ ମାସ ଶେଷ ଜୁନ ପ୍ରଥମ ସପ୍ତାହ ମଧ୍ୟରେ ନଦୀ ଜୁଆର ମାଡୁନଥିବା ସ୍ଥାନରେ ହେନ୍ତାଳ,ଖରିଫ ପ୍ରଭୃତି ପତ୍ରକୁ ଗଦାକରି ତା ମଧ୍ୟରେ ଅଣ୍ଡା ଦେଇଥାନ୍ତି। ତା ଅଣ୍ଡାକୁ ଗୋଧି, ମାଙ୍କଡ , ସାପ ବାର୍ହା ପ୍ରଭୃତି ଜୀବ ଙ୍କ ଠାରୁ ରକ୍ଷା ପାଇବାପାଇଁ ନିକଟରେ ଜଗି ରହିଥାଏ । ସୂଚନାଥାଉକି,୨୦୨୪ରେ ୧୧୪ ଟି, ୨୦୨୩ରେ ୧୨୨ଟି, ୨୦୨୨ରେ ୧୨୨ଟି, ୨୦୨୧ରେ ୮୪ଟି କୁମ୍ଭୀର ବସା ଚିହ୍ନଟ କରାଯାଇଥିଲା ।

### ପାଣିରେ ବୁଡି ରହିଛି ବଗପାଟିଆ ଥଇଥାନସ୍ଥଳୀ

## ସାତଭାୟାବାସୀଙ୍କ ପ୍ରତି ସରକାରଙ୍କ ନିଘାନାହିଁ



**ରାଜନଗର,୧୫ା୭/ଏନ୍‌ଏନ୍‌ଏସ୍:** ସୁନେଲି ସ୍ୱପ୍ନ ଦେଖାଇଥିବା ସରକାର ବଦଳିଲା। ନୂଆ ସରକାର ଆସିବା ପରେ କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସାତଭାୟାସ୍ଥଳୀ ପରିଦର୍ଶନ କଲେ । ଥଇଥାନବାସୀ ଭାବିଥିଲେ ତାଙ୍କ ଭାଗ୍ୟ ବଦଳିବ। ମାତ୍ର ପୂର୍ବ ସରକାର ଭଳି ନୂଆ ସରକାରଙ୍କ ପ୍ରତିଶୃତି ଭାଷଣରେ ସୀମିତ ରହିଗଲା। ଅସରାଏ ବର୍ଷାରେ ରାଜନଗର ବ୍ଲକର ସାତଭାୟା ବଗପାଟିଆର ଅବସ୍ଥା ବେହାଲ ହୋଇପଡିଛି । କିଛି ବର୍ଷ ପୂର୍ବରୁ ସମୁଦ୍ର କୂଳରେ ଥିବା ସାତଭାୟା ପଞ୍ଚାୟତର ଅଧିବାସୀମାନେ ବାଲିରେ ଯିବା ଆସିବା କରୁଥିଲେ। ମାତ୍ର ବଗପାଟିଆ ଥଇଥାନସ୍ଥଳୀରେ ମାଟି କାଦୁଅରେ ଚଳପ୍ରଚଳ ହେଉଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଙ୍ଗୋପସାଗର ଗ୍ରାସରୁ ରକ୍ଷା କରିବା ପାଇଁ ସରକାର ସାତଭାୟାବାସୀଙ୍କୁ ବଗପାଟିଆଠାରେ ଥଇଥାନ କରିଦେଲେ। ପ୍ରତି ପରିବାରଙ୍କୁ ଘରଡିହ ପାଇଁ ୧୦ଡିସିମିଲ ଲେଖାଏଁ ଜାଗା ଯୋଗାଇ ଦେବା ସହ ବିଜୁ ପକ୍କାଘର ଦେଇଥିଲେ। ରାସ୍ତା, ବିଜୁଳି, ପାନୀୟଜଳ ଯୋଗାଣ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସରକାର ବିଭିନ୍ନସ୍ତରରୁ ପାଣ୍ଠି ଯୋଗାଇ ଦେଲେ। ସମୁଦ୍ରର କରାଳ ଗ୍ରାସରୁ ଲୋକମାନଙ୍କୁ ସୁରକ୍ଷା ଦେବା ପାଇଁ ଦୁଇଟି ପର୍ଯ୍ୟାୟରେ ୫୭୧ ଓ ୧୪୮କୁ ମିଶାଇ ୭୧୯ପରିବାରଙ୍କୁ ଥଇଥାନ କରାଇଲେ। ପୂର୍ବରୁ ଏହି ଥଇଥାନସ୍ଥଳୀଟି ଚିଙ୍ଗୁଡିଘେରୀ ଥିଲା । ଅସରାଏ ବର୍ଷା ହେଲେ ଏହି ସ୍ଥାନଗୁଡିକରେ ବର୍ଷାଜଳ ଜମି ରହୁଥିଲା। ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ମାଟି ଫିଲିଂ ଆରମ୍ଭ କରାଯାଇ କିଛିଦିନ ପରେ ବନ୍ଦ କରିଦିଆଗଲା। ମାଟି ଫିଲିଂକାମ ଅଧାପନ୍ତରିଆ ଭାବେ ରହିଗଲା। ମାଟି ପୂରଣ ସମୟରେ ତିଆରି ହୋଇଥିବା ରାସ୍ତାଗୁଡିକ ବିପର୍ଯ୍ୟସ୍ତ ହୋଇପଡିଲା। ପରବର୍ତ୍ତି ସମୟରେ ସେଗୁଡିକୁ ମରାମତି କରାଗଲା ନାହିଁ। ଯାହାଫଳରେ ଅସରାଏ ବର୍ଷାରେ ରାସ୍ତାଗୁଡିକରେ ବର୍ଷାଜଳ ଜମି ରହିବା ସହ ଘରୁ ବାହାରିବା କଷ୍ଟକର ହେଉଛି। ଏହି ଥଇଥାନସ୍ଥଳୀର ୧ନମ୍ବରଠାରୁ ୧୯ ନମ୍ବର ପର୍ଯ୍ୟନ୍ତ ଥିବା ରାସ୍ତାରେ ପାଣି ଜମି ରହିବା ସହ ଆଣ୍ଠୁଏ ଲେଖାଏଁ କାଦୁଅ ଯୋଗୁଁ ସ୍ଥାନୀୟ ଲୋକେ ଯିବା ଆସିବା କରିପାରୁ ନାହାନ୍ତି ବୋଲି ସରପଞ୍ଚ ପ୍ରସନ୍ନକୁମାର ପରିଡା, ସମିତି ସଭ୍ୟ କୌଶିକ ବେହେରାଙ୍କ ସହ ଜ୍ଞାନରଂଜନ ପଣ୍ଡା, ଅଖିଳ ପ୍ରସାଦ ବିଶ୍ୱାଳ, ବିବେକ ପରିଡା ପ୍ରମୁଖ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ଡ୍ରେନେଜ ଡିଭିଜନ ପକ୍ଷରୁ ଥଇଥାନସ୍ଥଳୀରୁ ଉଦ୍‌ବୃତ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ସରିଛି । ମାତ୍ର ଥଇଥାନସ୍ଥଳୀ ମଧ୍ୟରୁ ଏହି ମୁଖ୍ୟ ଡ୍ରେନକୁ ବର୍ଷାଜଳ ଆସିବା ପାଇଁ କୌଣସି ଡ୍ରେନ ନିର୍ମାଣ କରାଗଲା ନାହିଁ। ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା ଜିଲ୍ଲାପାଳଙ୍କ ଅନୁଧ୍ୟାନ ପରେ ରାସ୍ତାର ଉଚ୍ଚତା ବଢାଇବା ପାଇଁ ଦ୍ୱିତୀୟ ଥର ଟେଣ୍ଡର ହୋଇଥିଲେ ମଧ୍ୟ କାମ ନହେବାରୁ ଲୋକମାନେ ଦୁର୍ଦ୍ଦଶା ଭୋଗୁଥିବା ପ୍ରକାଶ କରିଛନ୍ତି । ଏସଂପର୍କରେ ସରକାର ଦୃଷ୍ଟି ଦେବାକୁ ସାତଭାୟାବାସୀ ଦାବି କରିଛନ୍ତି ।

## ନାଇଟ ୱାଚ୍‌ମ୍ୟାନ୍ ଓ ହାଉସ୍‌କିପିଂ କର୍ମଚାରୀ ସଙ୍ଘର ଦାବିପତ୍ର

**କେନ୍ଦ୍ରାପଡ଼ା,୧୫ା୭/ଏନ୍‌ଏନ୍‌ଏସ୍:** ନିଖିଳ ଓଡିଶା ନାଇଟ୍ ୱାଚ୍‌ମ୍ୟାନ୍ ଓ ହାଉସ୍‌କିପିଂ କର୍ମଚାରୀ ସଙ୍ଘ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ 'ମୋ ସ୍କୁଲ ଅଭିଯାନ'ରେ ପିଅନ ଓ ରାତ୍ରଜଗୁଆଳ ନଥିବା ଉଚ୍ଚ ବିଦ୍ୟାଳୟ ଗୁଡିକରେ ସରକାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ବେକାରୀ ଯୁବକ ଓ ଯୁବତୀମାନଙ୍କୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧମରେ ନାଇଟ୍ ୱାଚ୍‌ମ୍ୟାନ୍ ଓ ହାଉସ୍‌କିପିଂ କର୍ମଚାରୀ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା । ନାଇଟ୍ ୱାଚମ୍ୟାନଙ୍କୁ ମାସିକ ପାରିଶ୍ରମିକ ଭାବେ ୧୦ହଜାର ୯୮୦ଟଙ୍କା ଓ ସୁଇପର କିମ୍ବା ହାଉସକିପିଙ୍ଗ କର୍ମଚାରୀଙ୍କୁ ମାସିକ ପାରିଶ୍ରମିକ ଭାବେ ୪୨୪୩ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା କରାଗଲା। ମାତ୍ର ଦୁଃଖର କଥା ଏହି କର୍ମଚାରୀମାନେ ଦିନରାତି ନିଷ୍ଠାର ସହ କାର୍ଯ୍ୟ କରି ଆସୁଥିଲେ ମଧ ସେମାନଙ୍କୁ ଦୀର୍ଘ ୧୭ମାସ ଧରି ପାରିଶ୍ରମିକ ପ୍ରଦାନ କରାଯାଇନଥିବା ସେମାନେ ଅଭିଯୋଗ କରିଥିଲେ। ସ୍ଥାୟୀ କର୍ମଚାରୀଙ୍କ ଭଳି ଏହି କର୍ମଚାରୀମାନେ ନିଜର ଦାୟୀତ୍ୱ ନିର୍ବାହ କରି ଆସୁଥିଲେ ମଧ ସେମାନଙ୍କୁ ପ୍ରତ୍ୟେକ ମାସରେ ପାରିଶ୍ରମିକ ପ୍ରଦାନ କରାଯାଉନାହିଁ। ଏଣୁ ସେମାନଙ୍କ ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ କରାଯିବା, ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ, ଅସୁସ୍ଥତା ପାଇଁ ଛୁଟି ପ୍ରଦାନର ବ୍ୟବସ୍ଥା ସମେତ ସେମାନଙ୍କ ପ୍ରାପ୍ୟ ବୃଦ୍ଧି କରାଯିବାକୁ ସଙ୍ଘ ପକ୍ଷରୁ ଦାବି କରାଯାଇଛି। ଆଇ.ଏନ,ଟି.ୟୁ.ସି. ନେତା ବରିଷ୍ଠ ଆଇନଜୀବୀ ରମଣୀରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ସୁଶାନ୍ତ କୁମାର ନାୟକ, ସୁମିତ୍ରା ସାହୁ, ବସନ୍ତ କୁମାର ସାହୁ, ଗିନୁ ଚରଣ ଦାସ, କ୍ଷୀରୋଦ କୁମାର ମଲ୍ଲିକ, ଅମୂଲ୍ୟ ଲେଙ୍କା, ଅମୀୟ କୁମାର ରଣା, ହରପ୍ରିୟା ବେହେରା, ରଶ୍ମିତା ଜେନା, ଭଗବତୀ ନାୟକ, ସରସ୍ୱତୀ ମିଶ୍ର ପ୍ରମୁଖ ଶତାଧିକ ନାଇଟ୍ ୱାଚମ୍ୟାନ ଓ ହାଉସକିପିଙ୍ଗ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଫାଇନାନ୍ସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଧର୍ମଶାଳା,୧୫ା୭/ଏନ୍‌ଏନ୍‌ଏସ୍:** ଧର୍ମଶାଳା ଥାନା ନେଉଳପୁର ପଞ୍ଚାୟତ ଚଣ୍ଡିଖୋଲ ନିକଟରେ ଭଡା ଘରେ ରହୁଥିବା ଜଣେ ଫାଇନାନ୍ସ କମ୍ପାନୀର କର୍ମଚାରୀ ବେକରେ ରଶି ଲଗାଇ ଅତ୍ମହତ୍ୟା କରିଥିବା ଜଣାଯାଇଛି । ସୂଚନାନୁଯାୟୀ କଟକ ଜିଲ୍ଲା ଗୋବିନ୍ଦପୁର ଥାନା କନ୍ଦଳ ଗ୍ରାମର ମହେଶ୍ୱର ମହାରଣାଙ୍କ ପୁଅ ରାକେଶ ମହାରଣା (୩୧) ଚଣ୍ଡିଖୋଲସ୍ଥିତ ମୁଠୁଟ ମାଇକ୍ରୋ ଫାଇନାସ କମ୍ପାନୀରେ କ୍ରେଡିଟ ଫାଇନାନ୍ସ ମ୍ୟାନେଜର ଭାବେ ଦେଢ଼ ବର୍ଷ ହେବ କାମ କରୁଥିଲେ ଓ ଚଣ୍ଡିଖୋଲ ନିକଟ ଏକ ଭଡ଼ାଘର ନେଇ ଅନ୍ୟ ଦୁଇଜଣ କର୍ମଚାରୀଙ୍କ ସହ ରହୁଥିଲେ। ସେଠାରେ ରହୁଥିବା ଅନ୍ୟ ଦୁଇଜଣ କର୍ମଚାରୀ ଗତକାଲି ରାତି ୯ଟା ସମୟରେ ବସା ଘରକୁ ଫେରି ଭିତର ପଟୁ ବନ୍ଦଥିବା କବାଟ ଖୋଲିବା ପାଇଁ ଡାକିଲା ପରେ କବାଟ ନଖୋଲିଲାରୁ ତାଙ୍କର ସନ୍ଦେହ ହୋଇଥିଲା । ସେମାନେ ତୁରନ୍ତ ଧର୍ମଶାଳା ପୁଲିସକୁ ଏସମ୍ପର୍କରେ ଅବଗତ କରିଥିଲେ ଖବର ପାଇ ଧର୍ମଶାଳା ପୁଲିସ ଆସି ଘରର କବାଟ ଭାଙ୍ଗି ଘରେ ପ୍ରବେଶ କରିବା ବେଳେ ରାକେଶ ଫ୍ୟାନରେ ରାଶି ଲଗାଇ ଝୁଲିପଡିଥିବା ଦେଖିବାକୁ ପାଇଥିଲେ। ପରେ ରସି କାଟି ତାଙ୍କୁ ତଳକୁ ଓହ୍ଲାଇ ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ ଥାନାରେ ଜଣାଇବା ପରେ ପୁଲିସ ୨୪ନଂ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି।

### ବିଧାୟକଙ୍କ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା

## କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ଜଳ ନିଷ୍କାସନ ଉପରେ ଗୁରୁତ୍ୱ




**ମାର୍ଶାଘାଇ,୧୫ା୭/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ବ୍ଲକ ସମ୍ମିଳନୀ କକ୍ଷରେ ଆଜି ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ମହାକାଳପଡ଼ା ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ ଏହି ବୈଠକରେ ଯୋଗଦେଇ ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି,ପାନୀୟ ଜଳ,ଓ ଜଳ ନିଷ୍କାସନ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରି ହେଉଥିବା ବିଭିନ୍ନ ସରକାରୀ ଯୋଜନାର ସୁଫଳ କିପରି ଲୋକମାନେ ପରିପାରିବେ ଏଥିପ୍ରତି ପ୍ରାଥମିକତା ଦିଆଯାଇ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଗ୍ରାମାଞ୍ଚଳରେ ପାନୀୟଜଳ ସମସ୍ୟାର ସମାଧାନ କରାଯିବା, ଅଧିକରୁ ଅଧିକରୁ ନଳକୂପ ଖନନ, ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ, ଆଦର୍ଶ ବିଦ୍ୟାଳୟ ଛାତ୍ରବାସ ନିର୍ମାଣ କାର୍ଯ୍ୟକ୍ରମ ୩ ମାସରେ ସମ୍ପୂର୍ଣ୍ଣ କରାଯିବ ସହ ଶ୍ରେଣୀଗୃହ ଅଭାବ ଥିବା ବିଦ୍ୟାଳୟରେ ବିପଦ ସଂକୁଳ ପୁରୁଣା ଶ୍ରେଣୀ ଗୃହକୁ ଭାଙ୍ଗିବା ଏବଂ ନୂଆ ଶ୍ରେଣୀଗୃହ ନିର୍ମାଣ, ମହାକାଳପଡ଼ା ବ୍ଲକ ବତୀଘର ପଞ୍ଚାୟତରେ ବୋଟ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଏକଆମ୍ବୁଲାନ୍ସ ଗାଡି ବ୍ୟବସ୍ଥା କରିବା, ମହାକାଳପଡ଼ା ର ୧୭ ହଜାର ଏବଂ ମାର୍ଶାଘାଇର ୭ ହଜାର ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଉନ୍ନତିକାରଣ ହୋଇ ପାରୁ ନ ଥିବା ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବା, ମାର୍ଶାଘାଇ-ଜମ୍ବୁ କେନାଲ ସଫେଇ ଓ ପୁନଃରୁଦ୍ଧାର, ବିଭିନ୍ନ ନଦୀ ଉପରେ ନିର୍ମିତ ସେତୁ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହ ପ୍ରସ୍ତାବିତ ସେତୁ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏଥିସହ ମତ୍ସ୍ୟ ଓ ପଶୁସମ୍ପଦ, କୃଷି, ଉଦ୍ୟାନ କୃଷି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ ହିତାଧିକାରୀ ମାନେ କିପରି ସୁଫଳ ପାଇ ପାରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ଏଡିଏମ ନବକୃଷ୍ଣ ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପ ଜିଲ୍ଲାପାଳ ଅରୁଣ ନାୟକ, ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ମହାକାଳପଡ଼ା ବ୍ଲକ ଅଧକ୍ଷା ମୀରାରାଣୀ ମହାନ୍ତି, ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ମାର୍ଶାଘାଇ ବିଡ଼ିଓ ପଞ୍ଚାନନ ମଲ୍ଲିକ, ତହସିଲଦାର ଶ୍ରୀକାନ୍ତ ପରିଜା ପ୍ରମୁଖ ମଞ୍ଚାସିନ ଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Keonjhar dated-15/07/2025. I, **Prajnan Kumar Rout**, Address: Vill-Pabitradiha, Po-Keonjhargarh, Ps- Town, Dist-Keonjhar, Pin-758001 declare that I have changed my minor son's name from **Pransu Soman** (old name) to **Pradyot Rout** (new name). Henceforth, he shall be known as **Pradyot Rout** (new name) for all future purposes.

**Prajnan Kumar Rout**

**AFFIDAVIT**

By Virtue of an affidavit sworn before Executive Magistrate, Jagatsinghpur, dated- 09.07.2025, I BHRULATA NAYAK, W/o-SAKTI PRASANNA KANUNGO, At - IBRISINGH, Po -IBRISINGH, Ps-TIRTOL, Dist- Jagatsinghpur, Pin-754138 declare that I have changed my name form BHURALATA KANUNGO to BHRULATA NAYAK. Henceforth, I shall be known as **BHRULATA NAYAK** for all purpose.

**BHRULATA NAYAK**

**AFFIDAVIT**

By virtue of an affidavit sworn before the Executive Magistrate, Balikuda, affidavit no. 958, dtd. 13.06.2025, I, Prakash Chandra Biswal, aged about 59 years, S/o- Radhashyam Biswal of vill - Anianka, Po-Osakana, Ps- Balikuda, Dist-Jagatsinghpur do hereby declare that my Voter card, Bank pass book & Ration card my name is Prakash Chandra Biswal. But my Aadhaar card name is Parkash Vishval. That **Prakash Chandra Biswal & Parkash Vishval** both name is one and same person for all purposes.

**PANCHAYAT SAMITI OFFICE, TELKOI** i-212

**At/Po - Telkoi, Dist- Keonjhar, Pin-758019**

E-mail Id : ori-telkoi@nic.in

**TENDER CALL NOTICE No. 01/2025-26**

No. 3154 Date : 09.07.2025

The Block Development Officer, Telkoi invites sealed percentage rate bids for the works mentioned in Annexure-I of DTCN on behalf of governor of Odisha through e-Procurement in conformity with the terms and conditions of the DTCN from registered and eligible contractors of the State PWD (R&B) / Water Resource / Rural Works / M.I./C.P.W.D of "D, C & B" Class for execution of works under Panchayat Samiti Tilkoi.

1. Total No. of works for which Tenders invited : 14 Nos.
2. Place of Execution : Different locations in Panchayat Samiti, Telkoi area.
3. Estimated cost of Individual work : Rs.15,04,183/- to Rs.24,99,671/-
4. Class of Contractor : D,C, & B Class
5. Intending bidders have to participate through "Online". The website for online bidding is http://www.tendersodisha.gov.in
6. The bid documents will be available in the above website from 16.07.2025 to 5.00 PM on 30.07.2025 fro online bidding.
7. Last date & time of bidding online : 30.07.2025 at 5.00 PM
8. The bid received online will be opened on 02.08.2025 at 11.00 AM

**Sd/- Block Development Officer**
**Telkoi**

OIPR-19192/11/0005/2526

**OFFICE OF THE PANCHAYAT SAMITI, KALYANSINGHPUR**

Gmail : ori-kalyansinghpur@nic.in

**INVITATIONS FOR BIDS (I.F.B.)**

**e-Procurement Notice**

**IDENTIFICATION No. IFB-No.01_BDO KSNP/2025-26** i-210

Lt No. 2026 Date : 10.07.2025

1) Panchayat Samiti Kalyansinghpur invites Percentage Rate bid in Single Cover system in ONLINE MODE for the construction of Building works (Civil+EI) as Detailed in the Detailed Tender Call Notice (D.T.C.N) from the eligible class of contractors.
2) No. of Works : 06 (Six) No.
3) Cost of Tender Paper : Rs.6000/- (Rupees Six thousand) only
4) Class of Contractor : "D" & "C" Class
5) Date & Time available in website & receipt online : 12:00 hrs. of 21.07.2025 to 17:00 hrs. of 04.08.2025
6) Date of opening of Bid : 05.08.2025 at 12:00 hrs.
7) The bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / Addendum will be displayed in the website https://tendersodisha.gov.in only.

**Sd/- Block Development Officer**
**Kalyansinghpur**

OIPR-19432/11/0002/2526

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର C-

**Housing & Urban Development Development, Govt. of Odisha**

ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

**OFFICE OF THE PARADEEP MUNICIPALITY, PARADEEP**

ସ୍ଥାନ - ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର, ୭୫୪୧୪୨

At/Po- Paradeep, Dist-Jagatsinghpur (Odisha), Pin-754142

No.3363 Dt. 15.07.2025

**e-Procurement Notice**

| | |
|---|---|
| Tender Call Notice No. | : 3348/dt.14.07.2025 |
| Bid Identification No. | : EO/PDPM/W_02/2025-26 |
| Tender ID | : 2025_ORULB_115535 |
| Nature of Works | : Civil Works with installation of gas fixed closed type human dead body crematorium |
| Number of works | : 01 |
| Tender value | : Rs.112.26 Lakh |
| Available Period | : dt.16.07.2025 from 17:00 hrs. to dt.30.07.2025, 17:00 hrs. |
| Tender opening date | : dt.31.07.2025 at 11:00 AM |

Bidders are requested to read the NIT & DTCN at www.tendersodisha.gov.in carefully and participate with their Supplier / manufacturer / license with valid Registration Certificate before the closing date.

**Sd/- Executive Officer**
**Paradeep Municipality**

OIPR-13120/11/0058/2526

**WORKS DEPARTMENT** B-304

**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**

E-mail Id : eepwdrkl@gmail.com

**Government of Orissa "e" Procurement Notice**

**Bid Identification No.: 13/2025-26 Dated : 11.07.2025**

1. Number of work : 03 (Three) number of works
2. Estimated cost : Rs. 74.78 lakhs to Rs.79.15 Lakhs
3. Period of completion : 3 (Three) calendar months
4. Date & time of availability of bid document in the portal : Dt. 17.07.2025 at 5.00 PM
5. Last date/ Time for receipt of bids in the portal : Dt. 28.07.2025 up to 05.00 PM
6. Date of opening of Bid : dt.29.07.2025 at 11.00 AM
7. Name and address of the Officer Inviting Bid : Superintending Engineer, (R&B) Division, Rourkela, Uditnagar.

Further details can be seen from the e-procurement portal http//tendersorissa.gov.in

**Sd/- Superintending Engineer**
**Rourkela (R&B) Division**

OIPR-34068/11/0038/2526

**GOVERNMENT OF ODISHA, "e"-PROCUREMENT NOTICE** B-301

**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**

**WORKS DEPARTMENT**

**Tender Call Notice**

E-mail: rbcirclekhurda@gmail.com

**Bid Identification No. CCE-Khordha (R&B) Circle-04/2025-26**

**Memo No. 1866, Dt.10.07.2025**

The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Buildings works as detailed in the table below:

| | | |
|---|---|---|
| 1. | Nature of work | : Building Works |
| 2. | No of work | : 2 Nos |
| 3. | Tender Cost | : Rs.10000.00 (On-line) |
| 4. | Class of bidders | : Special A Class & B Class |
| 5. | Available of Bid document in the website | : From 10.00 AM of dt.18.07.2025 up to 05.00 PM of dt.04.08.2025 up to 5.00 PM |
| 6. | Date of opening of Bid | : dt.05.08.2025 at 11:30 AM |

7. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd/-
**Chief Construction Engineer**
**Khordha (R&B) Circle, Khordha**

OIPR-34127/11/0041/2526

# ଭୁଲ୍ ଔଷଧ ସେବନରୁ ଶିଶୁପୁତ୍ରର ମୃତ୍ୟୁ ଅଭିଯୋଗ



**କୋଣାର୍କ,୧୫।୭/ଏନ୍‌ଏନ୍‌ଏସ୍:** କୋଣାର୍କ ଅଧୀନ ଗୋପ ବ୍ଲକ ବନାଖଣ୍ଡି ପଞ୍ଚାୟତ ଜନ୍ତନା ଗ୍ରାମର ସୁଦର୍ଶନ ମଲ୍ଲିକଙ୍କ ୨ମାସ ଶିଶୁପୁତ୍ର ଦେହ ଅସୁସ୍ଥ ଥିବାକୁ ନେଇ ଔଷଧ ଖାଇବା ପରେ ମୃତ୍ୟୁ ଅଭିଯୋଗ ଘଟଣାରେ ଆଜି ପୁରୀ ଜିଲ୍ଲା ଡ୍ରଗ୍ ଇନ୍ସପେକ୍ଟର ଅଞ୍ଜନା କୁମାର ସାହୁ ଅପରାହ୍ଣରେ କୋଣାର୍କରେ ଥିବା ଉକ୍ତ ଔଷଧ ଦୋକାନରେ ଅଚାନକ ଚଢ଼ଉକରି ତଦନ୍ତ କରିଛନ୍ତି। ଏଥିସହ ବିଭିନ୍ନ ଔଷଧ କ୍ରୟ ଓ ବିକ୍ରୟର ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ ଓ ସାଥିରେ ଅନେକ ଔଷଧ ସାମ୍ପୁଲ ସଂଗ୍ରହ କରି ନେଇଥିବା ବେଳେ ଯେଉଁ ଔଷଧ ଖାଇ ଶିଶୁପୁତ୍ର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି ଉକ୍ତ ଔଷଧ ସେ ଦୋକାନରେ ମହଜୁଦ ନଥିଲା। ମାତ୍ର କଟକରୁ ଉକ୍ତ ଔଷଧ କିଣାଯାଇଥିବା କିଣା ବିଲରୁ ଜଣାପଡ଼ିଥିଲା। ତୁରନ୍ତ ଡ୍ରଗ ଇନ୍ସପେକ୍ଟର କଟକର ଉକ୍ତ ଷ୍ଟକିଷ୍ଟିକୁ ଉକ୍ତ ନିର୍ଦ୍ଦିଷ୍ଟ ଔଷଧକୁ ବିକ୍ରୟ ନ କରିବାକୁ ନିର୍ଦ୍ଦେଶ ଦେବା ସହ ନିର୍ଦ୍ଦିଷ୍ଟ ଔଷଧର ସମସ୍ତ ସାମ୍ପୁଲ ସଂଗ୍ରହକରି ଲାବୋରେଟୋରୀକୁ ପଠାଇଛନ୍ତି। ଅନୁରୂପ ଭାବେ କୋଣାର୍କରେ ଥିବା ଅନ୍ୟ ଔଷଧ ଦୋକାନଗୁଡିକ ଉପରେ ଚଢ଼ଉକରି ତଦନ୍ତ କରିବା ସହ କେତେକ ସନ୍ଦେହଜନକ ଔଷଧକୁ ସଂଗ୍ରହ କରିଥିଲେ ମଧ ଶିଶୁପୁତ୍ର ଖାଇ ମୃତ୍ୟୁ ହୋଇଥିବା ଉକ୍ତ ଔଷଧ କୌଣସି ଦୋକାନରେ ମହଜୁଦ ନଥିଲା। ସମସ୍ତ ଔଷଧ ବିକ୍ରୟକାରୀଙ୍କୁ ଡ୍ରଗ ଇନ୍ସପେକ୍ଟର ବିନା ଡାକ୍ତରଙ୍କ ଲେଖାରେ କୌଣସି ଔଷଧ ବିକ୍ରି ନକରି ବାକୁ ଚେତାବନୀ ଦେଇଥିଲେ। ଶିଶୁପୁତ୍ରର ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଲାବୋରେଟୋରୀ ରିପୋର୍ଟ ମିଳିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ଡ୍ରଗ ଇନ୍ସପେକ୍ଟର ଶ୍ରୀ ସାହୁ ପ୍ରକାଶ କରିଥିଲେ। ସୂଚନାଥାଉ କି ଗତକାଲି ଶିଶୁର ପେଟ ଖରାପ ଥିବାରୁ ଶିଶୁପୁତ୍ରର ବାପା ସୁଦର୍ଶନ କୋଣାର୍କ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ସରକାରୀ ଲାଇସେନ୍ସପ୍ରାପ୍ତ ଔଷଧ ଦୋକାନରୁ ଔଷଧ ନେଇଥିଲେ। ରାତିରେ ଔଷଧ ଦେବା ପରେ ପିଲାଟି ଅଧିକ ଅସୁସ୍ଥ ହୋଇଯାଇଥିଲା। ପରିବାର ଲୋକେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୋଣାର୍କ ପୁଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ନେଇ କୋଣାର୍କ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଡାକ୍ତରଖାନା ପଠାଯାଇଛି। ଭୁଲ୍ ଔଷଧ ସେବନ ଯୋଗୁଁ ଏଭଳି ହୋଇଥିବା ଅନୁମାନ କରାଯାଉଛି।

## ପ୍ରଥମ ପୃଷ୍ଠାରୁ

### ଜଳିଲା ଜୁଇ, ବ୍ୟାପିଲା ...

ପକ୍ଷୀ ପରି ଅପେକ୍ଷା କରି ରହିଥିଲେ। ସୌମ୍ୟାଶ୍ରୀଙ୍କ ମରଶରୀର ପହଞ୍ଚିବା ପରେ କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା ଗାଁ। ଅତ୍ୟନ୍ତ ଦୁଃଖଦ ଓ ଶୋକାକୁଳ ପରିବେଶରେ ଶବାଧାରକୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସୌମ୍ୟାଶ୍ରୀ ବଡ଼ଭାଇ ମୁଖାଗ୍ନି ଦେବା ସହିତ ହଜାର ହଜାର ଜନସାଧାରଣ ଅଶ୍ରୁଳ ବିଦାୟ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଏସ୍‌ପି ରାଜ ପ୍ରସାଦ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ, ସଦର ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ୧୭ରେ ମିଳିତ ବିରୋଧୀ ଦଳ ...

ସ୍ଥିତି ଆହୁରି ଭୟଙ୍କର। ସରକାରଙ୍କ ଉଦାସୀନତା ଯୋଗୁଁ କ୍ୟାମ୍ପସ୍‌ଗୁଡ଼ିକରେ ମାନସିକ, ଶାରିରୀକ ନିର୍ଯାତନା ଓ ମାଫିଆରାଜ ଚାଲିଛି। ଫକୀରମୋହନ ମହାବିଦ୍ୟାଳୟ ଘଟଣା ଏହି ଘୃଣ୍ୟ କାର୍ଯ୍ୟର ଏକ ପ୍ରତିଫଳନ ମାତ୍ର। ଏହି କେଳେଙ୍କାରୀ ସାଙ୍ଗକୁ ମାଲକାନାଗିରିରେ ସାମ୍ବାଦିକଙ୍କୁ ହତ୍ୟା, ଗଞ୍ଜାମ ଜିଲ୍ଲାରେ ପୁଣି ମହିଳାଙ୍କୁ ଗଣଦୁଷ୍କର୍ମ, ଗୋପାଳପୁରରେ ଯୁବତୀଙ୍କୁ ଗଣଦୁଷ୍କର୍ମ, ଧରାକୋଟରେ ଦଳିତଙ୍କ ଉପରେ ପାଶବିକ ଅତ୍ୟାଚାର, ଶିମିଳିପାଳ ଅଭୟାରଣ୍ୟରେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦ୍ୱାରା ଆଦିବାସୀ ମହିଳାଙ୍କ ଉପରେ ଯୌନ ନିର୍ଯାତନା, ମାଲକାନଗିରିରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟଙ୍କ ଉପରେ ଆକ୍ରମଣ, ରାଜ୍ୟ ତମାମ୍ ବଙ୍ଗଳା ଭାଷାଭାଷୀ ନାଗରିକଙ୍କୁ ଅଯଥା ଗିରଫ, ବିଏମ୍‌ସି ଅଧିକାରୀଙ୍କ ଉପରେ ବିଜେପି କର୍ମୀମାନେ ବର୍ବର ଆକ୍ରମଣ କରିବା, ନୀଳଗିରି ବିଧାୟକଙ୍କ ମହିଳା ନେତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ରଥଯାତ୍ରା ପରିଚାଳନାରେ ଅବହେଳା ଯୋଗୁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଓ ଅନେକ ଗୁରୁତର ଭାବେ ଆହତ ଇତ୍ୟାଦି ସମସ୍ତ ଘଟଣାରେ ମୋହନ ସରକାରଙ୍କ ବିଫଳତା, ବ୍ୟର୍ଥତା, ଅପାରଗତା ପ୍ରମାଣିତ ହୋଇଛି। ଏପରି ଜଙ୍ଗଲରାଜ ଶାସନ ବିରୋଧରେ ମହିଳା, ଛାତ୍ରୀ, ଶିଶୁ, ବରିଷ୍ଠ ନାଗରିକ, ଦଳିତ, ଆଦିବାସୀ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ନିରାପତ୍ତା, ସାମାଜିକ ସୁରକ୍ଷା, ସାମ୍ବିଧାନିକ ଅଧିକାର ଏବଂ ମାନବିକ ଅଧିକାର ପାଇଁ ୧୭ ଜୁଲାଇରେ ଓଡ଼ିଶା ବନ୍ଦ୍ ପାଳନ କରାଯିବ ବୋଲି ସେମାନେ ଘୋଷଣା କରିଛନ୍ତି। କଂଗ୍ରେସ ଦଳ ତରଫରୁ ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ (ଏମ୍‌ଏଲ୍)- ଲିବେରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସ୍‌ପି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡୀ, ଅରବିନ୍ଦ ଦାସ, ଜୟନ୍ତ ଦାସ, ଶିଶିର ହୁଇ, ଜମେଶ୍ୱର ସାମନ୍ତରା, ବଦ୍ରି ନାରାୟଣ ଦାଶ, ମହେନ୍ଦ୍ର ପରିଡ଼ା ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ତଦନ୍ତ ପାଇଁ ୪ଜଣିଆ ଫ୍ୟାକ୍ଟ ...

ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜ କୁମାର ମିତ୍ତଲଙ୍କ ଉପରେ ନ୍ୟସ୍ତ କରାଯାଇଛି। ସମ୍ପ୍ରତି ସେ ୟୁଜିସିର ସଦସ୍ୟ ଅଛନ୍ତି। ସେହିପରି କମିଟିର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ପୂର୍ବତନ ୟୁଜିସି ସଦସ୍ୟା ସୁଷମା ଯାଦବ, ଗୁଜରାଟ ବିଶ୍ୱବିଦ୍ୟାଳୟର ପୂର୍ବତନ ଉପ-କୁଳପତି ନୀରଜା ଗୁପ୍ତା ଏବଂ ୟୁଜିସିର ଯୁଗ୍ମ ସଚିବ ଅସୀମା ମଙ୍ଗଳାଙ୍କ ଭଳି ବ୍ୟକ୍ତିତ ମଧ ସାମିଲ ରହିଛନ୍ତି। କମିଟିକୁ ଆସନ୍ତା ୭ ଦିନ ମଧ୍ୟରେ ସବିଶେଷ ତଦନ୍ତ ରିପୋର୍ଟ, ପ୍ରମାଣ ଆଧାରିତ ତଥ୍ୟ ଏବଂ ପରାମର୍ଶ ଆଦି ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ରେଭେନ୍ସା ଓଡ଼ିଶାର ଜୀବନ୍ତ ...

କ୍ଷେତ୍ରରେ ସକ୍ରିୟ ଥିବା ଲୋକମାନେ ଭାରତର ଗୌରବ ବୃଦ୍ଧି ଭାବନା ନେଇ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ଠାରୁ ପ୍ରେରଣା ହାସଲ କରି ନିଜର ଜ୍ଞାନ, ଦକ୍ଷତା ଏବଂ ସମର୍ପଣ ଜରିଆରେ ଦେଶର ବିକାଶରେ ଯୋଗଦାନ କରିବାକୁ ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ଚାକିରି କରିବା ପାଇଁ ନୁହେଁ। ଚାକିରି ଦେବାକୁ ଉଦ୍ୟମ କରନ୍ତୁ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ନିର୍ମିତ ଜୋତା କାରଖାନାର ମଧ ଉଦାହରଣ ଦେଇଥିଲେ। ରେଭେନ୍ସା ଏକ ପୁରୁଣା ଅନୁଷ୍ଠାନ। ମାତ୍ର ପୁରୁଣା କାଳିଆ ନୁହେଁ। ଯେଉଁ କର୍ମକ୍ଷେତ୍ରରେ ଥିଲେ ବି ଅନୁଷ୍ଠାନକୁ ଭୁଲି ପାରିବା ନାହିଁ। ରାଷ୍ଟ୍ରପତି ନିଜ ଝିଅ ଏଠାରେ ଦୁଇବର୍ଷ ପାଠ ପଢ଼ିବା ସମୟରେ ସେ ହଷ୍ଟେଲ୍‌କୁ ଆସିଥିଲେ ବୋଲି କହିଥିଲେ। ଏହି ଅବସରରେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ବିଶିଷ୍ଟ ନ୍ୟୁକ୍ଲିୟର୍ ପଦାର୍ଥ ବିଜ୍ଞାନୀ ଅଜିତ କୁମାର ମହାନ୍ତି,ବିଶିଷ୍ଟ ପରିବେଶବିତ୍ ପଦ୍ମଶ୍ରୀ ସାବରମତୀ, ଦୃଷ୍ଟିବାଧିତଙ୍କ ଉତ୍ଥାନ ପାଇଁ ସମର୍ପିତ ଶିକ୍ଷକ ବିଜୟ କୁମାର ରଥଙ୍କୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ। ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷାର ବିଭିନ୍ନ ବିଷୟରେ ପ୍ରଥମସ୍ଥାନ ଅଧିକାର କରି କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ଓ ବୋରାସମ୍ବର୍ ଡିବେଟ୍ ପ୍ରତିଯୋଗିତା ବିଜୟୀଙ୍କୁ ମହାମହିମ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ନିଜ ଅଭିଭାଷଣରେ ବିଦ୍ୟାର୍ଥୀଙ୍କୁ ପ୍ରେରିତ କରିବା ସହ ଯେଉଁମାନେ ଆଜି ଏହି ସଫଳତା ହାସଲ କରିଛନ୍ତି ସେମାନେ ଆଗାମୀ ଦିନରେ ନିଯୁକ୍ତିଦାତା ଭାବରେ ନିଜର ପରିଚୟ ସୃଷ୍ଟି କରିବା ସହ ପ୍ରଯୁକ୍ତି ବିଦ୍ୟା ଆଧାରରେ ସାମାଜିକ ମଙ୍ଗଳ ସାଧନ କରିପାରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବିଶ୍ୱବିଦ୍ୟାଳୟର ସଫଳ ବିଦ୍ୟାର୍ଥୀମାନେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଏବଂ ୨୦୪୭ମସିହା ସୁଦ୍ଧା ବିକଶିତ ଭାରତ ଗଠନରେ ନିଜର ସାମର୍ଥ୍ୟ ଜାହିର କରିବା ନିମନ୍ତେ ସେ ପରାମର୍ଶ ଦେଇଥିଲେ। କୁଳପତି ସଞ୍ଜୟ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରେଜିଷ୍ଟ୍ରାର କାହ୍ନୁ ଚରଣ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜିଲ୍ଲାସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ




**ପୁରୀ,୧୫।୭/ଏନ୍‌ଏନ୍‌ଏସ୍:** ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଜିଲ୍ଲା ସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ ଆଜି ପୂର୍ବାହ୍ନରେ ସ୍ୱତନ୍ତ୍ର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା ତଥା ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ ଚଞ୍ଚଳ ରାଣା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଆଇନରେ ରହିଥିବା ବ୍ୟବସ୍ଥା ଆଧାରରେ ସେମାନଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ସେମାନଙ୍କ ପ୍ରତି ନିର୍ଯ୍ୟାତନା କ୍ଷେତ୍ରରେ ସହାୟତା, ଇଣ୍ଟର କାଷ୍ଟ ବିବାହ କ୍ଷେତ୍ରରେ ସହାୟତା ଇତ୍ୟାଦି ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଅନେକ ସମୟରେ ମାମଲା ଗୁଡିକ ର ସତ୍ୟତା ଉପରେ, ଜାତି ଗତ ପ୍ରମାଣ ପତ୍ର ସମ୍ପର୍କରେ ମଧ ପ୍ରଶ୍ନ ଉଠିଥାଏ। ତେଣୁ ଯୁଗ୍ମ ତଦନ୍ତ ସମୟରେ ସଠିକ ଭାବେ ଏହାର ଅନୁଧ୍ୟାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଓ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ବ୍ୟାପକ ସଚେତନତା ମାଧ୍ୟମରେ ହିତାଧିକାରୀଙ୍କୁ ଅବଗତ କରାଇବା, ମାମଲା ଗୁଡିକ ର ସଠିକ ଅନୁଧ୍ୟାନ କରିବା, ସାହାଯ୍ୟ କରୁଥିବା ନାମରେ ଫାଇଦା ନେବାକୁ ଚାହୁଁଥିବା କିଛି ବ୍ୟକ୍ତିଙ୍କ ସମ୍ପର୍କରେ ତଦନ୍ତ ସହ ସତ୍ୟ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା କ୍ଷେତ୍ରରେ ପୂର୍ବରୁ ଅଫ ଲାଇନରେ ଆବେଦନ କରିବାକୁ ପଡୁଥିଲା ବେଳେ ଅନ୍‌ଲାଇନ ସାକାର ପୋର୍ଟାଲରେ ଆବେଦନ ଗ୍ରହଣ କରାଯାଉଛି। ଏହି ବ୍ୟବସ୍ଥାରେ ୨୦୨୩ରେ ୪୪, ୨୦୨୪ରେ ୩୬ ଓ ୨୦୨୫ର ଜୁଲାଇ ୧୧ ପର୍ଯ୍ୟନ୍ତ ଗୋଟିଏ ଏହିଭଳି ୮୧ଟି ମାମଲାରେ ୧୦୬ଜଣଙ୍କୁ ୧,୧୮,୬୨,୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୮୩୪ଟି ମାମଲା ମଧ୍ୟରୁ ଯୁଗ୍ମ ତଦନ୍ତ ମାଧ୍ୟମରେ ୭୧୮ର ତଦନ୍ତ ଶେଷ ହୋଇଥିବା ବେଳେ ୧୧୬ଟି ବକେୟା ରହିଛି। ଇଣ୍ଟର କାଷ୍ଟ ବିବାହ କ୍ଷେତ୍ରରେ ୨୦୨୩-୨୪ଠାରୁ ଚଳିତବର୍ଷ ଜୁଲାଇ ୧୧ ପର୍ଯ୍ୟନ୍ତ ୩୪୧ଜଣ ଦମ୍ପତି ଉପକୃତ ହୋଇ ୮,୧୯,୫୦,୦୦୦ ଟଙ୍କା ପ୍ରାପ୍ତ ହୋଇଛନ୍ତି। ଏହି ଅର୍ଥ ସେମାନଙ୍କ ଆକାଉଣ୍ଟକୁ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସପି ସଚିନ ପଟେଲ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, କମିଟିର ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି କାର୍ଯ୍ୟସୂଚୀ ଅନୁସାରେ ତଥ୍ୟ ପ୍ରଦାନ କରିଥିଲେ।

## ପୁରୀ ସହରରେ ଡରାଇଲାଣି ଡାଇରିଆ

# ରଥ ପରେ ଖାଦ୍ୟର ମାନ ଯାଞ୍ଚ ବନ୍ଦ



**ପୁରୀ,୧୫।୭/ଏନ୍‌ଏନ୍‌ଏସ୍:** ଶ୍ରୀକ୍ଷେତ୍ରର ଅପମିଶ୍ରିତ ଖାଦ୍ୟ ବଜାରରେ ସୁଧାର ଆସୁନାହିଁ। ମାଛ, କଙ୍କଡ଼ା ଓ ମାଂସରେ ମନଇଚ୍ଛା ରାସାୟନିକ ରଙ୍ଗ ମିଶାଯାଉଛି। ଫ୍ରିଜରରେ ରଖାଯାଇଥିବା ବାସି ଖାଦ୍ୟ ପରସାଯାଉଛି। ଏ ନେଇ ପର୍ଯ୍ୟଟକମାନେ ବାରମ୍ବାର ଅଭିଯୋଗ କରିଛନ୍ତି। ବେଳାଭୂମିରେ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ହେଉଥିବା ବେଳେ ରାସ୍ତା କଡ଼ରେ ଆମିଷ ଖାଦ୍ୟକୁ ଏଭଳି ଲୋଭନୀୟ ଢଙ୍ଗରେ ସଜେଇ ରଖାଯାଉଛି, ତାହା ଯେକୌଣସି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ। ରଙ୍ଗ ନ ମିଶାଇବା ପାଇଁ ବାରମ୍ବାର ଖାଦ୍ୟ ନିରାପତ୍ତା ଅଧିକାରୀ ଦଳ ସଚେତନ କରିବା ସହ ଜରିମାନା ଆଦାୟ କରୁଛନ୍ତି। ହେଲେ ଏହା କୌଣସି ପ୍ରକାର ଫରକ ପକାଉନାହିଁ। ବେଳାଭୂମି ସାମ୍ନାରେ ବିକ୍ରି ହେଉଥିବା ଆମିଷ ହାଟର ପସରା ହେଉ ଅବା ବଡ଼ଦାଣ୍ଡରେ ବିକ୍ରି ହେଉଥିବା ଖଜା। ରେଷ୍ଟୋରାଁ ହେଉ ଅବା ତାରକା ହୋଟେଲ। ବାସି ଓ ରଙ୍ଗ ମିଶା ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିଲେ ବି ଏହା ଉପରେ ଅଙ୍କୁଶ ନାହିଁ। ରଥ ପୂର୍ବରୁ ଖାଦ୍ୟ ନିରାପତ୍ତା ଟିମ୍ ୩୧୭ କେ.ଜି ଅପମିଶ୍ରିତ ଓ ବାସି ଖାଦ୍ୟ ନଷ୍ଟ କରିବା ଏହାର ଜ୍ୱଳନ୍ତ ଉଦାହରଣ। ଏଣେ ହଇଜା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଥିବାରୁ ବାହାର ଖାଦ୍ୟ ନଖାଇବାକୁ ବାରମ୍ବାର ସ୍ୱାସ୍ଥ୍ୟ ବିଭାଗ ସତର୍କ କରାଉଛନ୍ତି। କିନ୍ତୁ ରଥଯାତ୍ରା ପରେ ବାହାର ଖାଦ୍ୟର ମାନ ଯାଞ୍ଚ ବନ୍ଦ ହୋଇଯାଇଛି। ପୁରୀର ୭୫ ପ୍ରତିଶତ କାରବାର ପର୍ଯ୍ୟଟକଙ୍କ ଉପରେ ନିର୍ଭର କରୁଛି। କିନ୍ତୁ ଏଠାରେ ମାତ୍ର ଜଣେ ଖାଦ୍ୟ ନିରାପତ୍ତା ଅଧିକାରୀ ନିୟୋଜିତ ହୋଇଛନ୍ତି। କର୍ମଚାରୀ ନାହାଁନ୍ତି ବୋଲି ବାରମ୍ବାର ଅଧିକାରୀମାନେ ସଫେଇ ଦେଇଆସିଛନ୍ତି। ଫଳରେ ଚଢ଼ଉ ଜୋରଦାର ହୋଇପାରୁନାହିଁ। ବଡ଼ଦାଣ୍ଡରେ ବି ସ୍ଥିତି ସମାନ। କ୍ଷୁଦ୍ର ବ୍ୟବସାୟୀଙ୍କ ଠାରୁ ୫ଶହ ଟଙ୍କାଠୁ ନେଇ ବଡ଼ ରେଷ୍ଟୋରାଁରୁ ୩ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ ହେଉଛି। ଖାଦ୍ୟ ନିରାପତ୍ତା ବାବଦରେ ବ୍ୟବସାୟୀଙ୍କୁ ଡକାଯାଉଥିଲେ ବି ସେମାନେ ଆସୁନାହାଁନ୍ତି। କିଛି ବ୍ୟବସାୟୀଙ୍କ ବ୍ୟବହାରିକ ପରିବର୍ତ୍ତନ ଦେଖାଗଲାଣି। ମାତ୍ର ଅଧିକାଂଶ ବ୍ୟବସାୟୀ ଏବେ ବି ମାନବିକତାକୁ ଜଳାଞ୍ଜଳି ଦେଇ ଅପମିଶ୍ରଣ ଓ ବାସି ଖାଦ୍ୟ ପରସିଚାଲିଛନ୍ତି। ରଥ ପୂର୍ବରୁ ନିୟୋଜିତ ହୋଇଥିବା ଖାଦ୍ୟ ନିରାପତ୍ତା ଅଧିକାରୀମାନେ ଭିନ୍ନ ଭିନ୍ନ ସ୍ଥାନରେ ଜିଲ୍ଲା ଓ ପୌରାଞ୍ଚଳ ମଧ୍ୟରେ ୧୨୫ଟି ସ୍ଥାନରେ ଚଢ଼ଉ କରିଥିଲେ। ୩୧୭ କେ.ଜି ଖାଦ୍ୟ ଅପମିଶ୍ରିତ ଓ ବାସି ଜଣାପଡ଼ିବା ପରେ ଏହାକୁ ନଷ୍ଟ କରାଯାଇଥିଲା। ଅର୍ଥାତ ବାସି ଓ ଅପମିଶ୍ରିତ ଖାଦ୍ୟର ବିକ୍ରିବଟାରେ ରୋକ୍ ଲାଗୁନାହିଁ। ଏଥିସହ ନିୟମିତ ଯାଞ୍ଚ ମଧ କରାଯାଉନାହିଁ। ରଥଯାତ୍ରାରେ ଖାଦ୍ୟର ମାନ ଯାଞ୍ଚ ପାଇଁ 'ଫୁଡ୍ ସେଫ୍‌ଟି ଅନ୍ ହ୍ୱିଲ୍ସ' ବୁଲିଥିଲା। ରଥଯାତ୍ରାରେ ଭକ୍ତମାନେ ଯେପରି ଖାଦ୍ୟର ଗୁଣବତ୍ତା ନେଇ ରୋଗରେ ନ ପଡ଼ନ୍ତୁ ସେ ନେଇ ଏହି ଭ୍ୟାନ୍ ସହରରେ ବୁଲି ଖାଦ୍ୟ ଯାଞ୍ଚ କରିଥିଲା। ମାତ୍ର ରଥଯାତ୍ରା ପରେ ଏ ସବୁ ଏବେ ବନ୍ଦ ହୋଇଯାଇଥିବା ଜଣାଯାଇଛି।

# ୨୫ବର୍ଷ ଧରି ବ୍ୟକ୍ତିଗତ କବ୍‌ଜାରେ ଗୋଷ୍ଠୀ କେନ୍ଦ୍ର

**କିଶୋରନଗର,୧୫।୭/ଏନ୍‌ଏନ୍‌ଏସ୍:** ଗତ ୨୫ବର୍ଷ ତଳୁ ରଘୁନାଥପୁର ବ୍ଲକ ଚିକିଣିଆ ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗି ନିର୍ମାଣ ହୋଇଥିବା ମା' ମଙ୍ଗଳା କମୁନିଟି ସେଣ୍ଟରକୁ ଜଣେ ପୂର୍ବତନ ସରପଞ୍ଚଙ୍କ ପୁଅ କବ୍‌ଜା କରି ରଖିଥିବା ଜଣାପଡ଼ିଛି। ଉକ୍ତ ଗୃହକୁ ସେ ତାଙ୍କ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଇବା ସହ ବିଭିନ୍ନ ସମୟରେ ଭଡ଼ାସୂତ୍ରରେ ଦେଇ ଅର୍ଥ ଉପାର୍ଜନ କରିଚାଲିଛନ୍ତି। ଉକ୍ତ କମ୍ୟୁନିଟି ସେଣ୍ଟରକୁ ପଞ୍ଚାୟତକୁ ହସ୍ତାନ୍ତର କରିବା ପାଇଁ ସରପଞ୍ଚ ବିଷ୍ଣୁ ଚରଣ ସେଠି ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଜଣାଇଛନ୍ତି। ତେବେ ଗତ ୨୦୨୨ ମସିହାରେ ତତ୍କାଳୀନ ପିଡି ପଞ୍ଚାୟତକୁ ଆସି ତଦନ୍ତ କରି ସେତେବେଳେ ଥିବା ବିଡିଓ ଜିତେନ୍ଦ୍ର ନାୟକଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଦ୍ୟାବଧି କୌଣସି ସୁଫଳ ମିଳିନି ବୋଲି ସରପଞ୍ଚ ସେଠି ପ୍ରକାଶ କରିଛନ୍ତି। ଅପରପକ୍ଷେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। ପଞ୍ଚାୟତରେ ବିଭିନ୍ନ ପ୍ରକାର କାର୍ଯ୍ୟ ପାଇଁ ଘରର ଆବଶ୍ୟକ ଥିବାବେଳେ ବ୍ୟକ୍ତିଗତ କବଜାରେ ଥିବା ଉକ୍ତ କମୁନିଟି ସେଣ୍ଟରକୁ ଯଥାଶୀଘ୍ର ପଞ୍ଚାୟତକୁ ହସ୍ତାନ୍ତର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ବିଡିଓ ବିରଞ୍ଚି ନାରାୟଣ ବେହେରା କୁହନ୍ତି ଯେ ଏ ନେଇ ଅଭିଯୋଗ ଆସିବା ପରେ ଜିପିଡିଓଙ୍କୁ ତଦନ୍ତ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଖୁବ୍‌ଶିଘ୍ର ପଞ୍ଚାୟତକୁ ଏଥିପ୍ରତି ପଦକ୍ଷେପ ନେବାକୁ ଅନୁମତିପତ୍ର ପ୍ରଦାନ କରାଯିବ ବୋଲି ବିଡିଓ ପ୍ରକାଶ କରିଥିଲେ।

# ଦଳାଚକଟା ଘଟଣାର ତଦନ୍ତ ପାଇଁ ୪୦ ଅଧିକାରୀଙ୍କ ମତ ବ୍ୟାଖ୍ୟା

**ପୁରୀ,୧୫।୭/ଏନ୍‌ଏନ୍‌ଏସ୍:** ପୁରୀର ସ୍ୱତନ୍ତ୍ର ସର୍କିଟ ହାଉସରେ ଓଡ଼ିଶାର ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ସଚିବଙ୍କ ଦ୍ୱାରା ଦଳାଚକଟା ସମ୍ପର୍କରେ ଅଧିକାରୀଙ୍କ ଶୁଣାଣି ୨୯.୦୬.୨୦୨୫ରେ ପୁରୀର ଗୁଣ୍ଡିଚା ମନ୍ଦିର ନିକଟରେ ତିନି ଜଣ ଭକ୍ତଙ୍କ ମୃତ୍ୟୁ ଘଟିଥିବା ଦଳାଚକଟା ଘଟଣାର ତଦନ୍ତ ପାଇଁ ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ସମ୍ପର୍କରେ, ଡ୍ୟୁଟିରେ ଥିବା ୪୦ ଜଣ ଅଧିକାରୀ ଆଜି ପୁରୀର ସ୍ୱତନ୍ତ୍ର ସର୍କିଟ ହାଉସରେ ଅନୁଷ୍ଠିତ ଶୁଣାଣିରେ ଯୋଗ ଦେଇଥିଲେ ଏବଂ ସେମାନଙ୍କର ମତ ବ୍ୟାଖ୍ୟା କରିଥିଲେ। ତେବେ ଆଗକୁ ଅଧିକ ତଦନ୍ତ ଜାରି ରହିବ ବୋଲି ସୂଚନା ମିଳିଛି।

# 'ଜିଜ୍ଞାସାର ଯୁଗ୍ମରୂପ' ଲୋକାର୍ପିତ



**ପୁରୀ,୧୫।୭/ଏନ୍‌ଏନ୍‌ଏସ୍:** ଓଡ଼ିଆ ସମାଲୋଚନା ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକ 'ଜିଜ୍ଞାସାର ଯୁଗ୍ମରୂପ' ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ବିଶିଷ୍ଟ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ର ସହକାରୀ ପ୍ରାଧ୍ୟାପକ ଡକ୍ଟର ରଘୁନାଥ ଓଝା ଏବଂ ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟାପିକା ଝରଣା ନାଥଙ୍କ ସହଭାଗିତାରେ ରଚିତ ଏହି ସମାଲୋଚନା ପୁସ୍ତକରେ ତେରଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସମାଲୋଚନା ସ୍ଥାନ ପାଇଛି। ବିଶିଷ୍ଟ ସାହିତ୍ୟିକ ଡକ୍ଟର ଦିଲୀପ କୁମାର ସ୍ୱାଇଁ ଏହି ପୁସ୍ତକକୁ ଉନ୍ମୋଚନ କରି ସମାଲୋଚନା ସାହିତ୍ୟର ବିକାଶ ଧାରାରେ ଏହି ପୁସ୍ତକଟି ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ପ୍ରକାଶକ ଦିଲୀପ ବେଉରା, କବି କାମଦେବ ମହାରଣା, ସୌଭାଗିନୀ ସ୍ୱାଇଁ, ମମତା ମହାରଣା ପ୍ରମୁଖ ଉନ୍ମୋଚନ କରିବା ସହିତ ଏହି ପୁସ୍ତକର ବିଶେଷତ୍ୱ ସମ୍ପର୍କରେ ନିଜସ୍ୱ ମନ୍ତବ୍ୟ ରଖିଥିଲେ। ପ୍ରକାଶଥାଉ କି, ବିଜୟିନୀ ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟି ଓଡ଼ିଆ ସମାଲୋଚନା ରଚନା କରିବା ପାଇଁ ନିଶ୍ଚିତ ଭାବେ ଯୁବପିଢ଼ିଙ୍କୁ ପ୍ରେରିତ କରିବ।

# ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ

**ଡେଲାଙ୍ଗ,୧୫।୭/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଥାନା ଅଧୀନ ସାଦପଡା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କଟୁରୀରେ ଆକ୍ରମଣ କରିବା ଘଟଣାରେ ପୁଲିସ ଅଭିଯୁକ୍ତ ମାନସ ପ୍ରଧାନ(୩୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାକୁ ୬ଦିନ ବିତିଯାଇଥିଲେ ମଧ ପୁଲିସ ଅଭିଯୁକ୍ତକୁ ଗିରଫ ନକରିବାରୁ ଆହତଙ୍କ ପରିବାର ଲୋକେଘଟଣା ପୁରୀ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ମିଳିଥିବା ସୂଚନା ଅନୁଯାୟୀ ଜେନାପୁର ପଞ୍ଚାୟତ ସାଦପଡା ଗ୍ରାମର ସୁମନ୍ତ ପ୍ରଧାନ(୩୦) ଓ ମାନସ ପ୍ରଧାନଙ୍କ ପରିବାର ମଧ୍ୟରେ ଅନେକ ଦିନ ହେଲା ଜମିବାଡି ବିବାଦ ଲାଗିରହିଥିଲା। ତେବେ ଏହି ବିବାଦ ଉଗ୍ରରୂପ ନେବାରୁ ମାନସ ଓ ତାଙ୍କର କିଛି ସହଯୋଗୀ କଟୁରୀରେ ପୁଅ ସୁମନ୍ତକୁ ଆକ୍ରମଣ କରିଥିବା ନେଇ ସୁମନ୍ତଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। କଟୁରୀ ଚୋଟରେ ସୁମନ୍ତଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ହେତୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ପୁରୀ ମୁଖ୍ୟଚିକିତ୍ସାଳୟ ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଗତ ୯ତାରିଖ ଦିନ ଏହି ଘଟଣା ଘଟିଥିବା ବେଳେ ମାନସ ପୁଲିସକୁ ଦୀର୍ଘଦିନ ଧରି ଚକମା ଦେଇ ଆସୁଥିବା ଓ ପୁଲିସ ତଦନ୍ତରେ କୋହଳ କରୁଥିବା ନେଇ ପରିବାର ଲୋକେ ପୁରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ୬ଦିନ ହେବ ଫେରାର ଥିବା ଅଭିଯୁକ୍ତ ମାନସକୁ ଆଜି ଡେଲାଙ୍ଗ-ପିପିଲି ରାସ୍ତାରୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

# ଓମ୍‌ଫେଡ୍ ପ୍ଲାଣ୍ଟ୍ ଗେଟ୍ ସମ୍ମୁଖରେ ଶ୍ରମିକଙ୍କ ଧାରଣା




**ବାରଙ୍ଗ,୧୫।୭/ଏନ୍‌ଏନ୍‌ଏସ୍:** ବାରଙ୍ଗ ଥାନା ଅନ୍ତର୍ଗତ ଅରିଲୋ ଠାରେ ନବନିର୍ମିତ ଓମ୍‌ଫେଡ ଦୁଗ୍ଧ ପ୍ଲାଣ୍ଟ୍ ଗେଟ ସମ୍ମୁଖରେ ମଙ୍ଗଳବାର ୭ଘଟିକା ଠାରୁ ୨୦୦ରୁ ଉର୍ଦ୍ଧ କମ୍ପାନୀର କର୍ମଚାରୀମାନେ ସେମାନଙ୍କର ରେଗୁଲାର ନେଇ ଧାରଣାରେ ବସି ରହିଥିଲେ। ତେବେ ଅପରାହ୍ନରେ ଶ୍ରମ ବିଭାଗର ଯୁଗ୍ମ କମିଶନର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ୟୁନିୟନ ସଙ୍ଘର ପ୍ରତିନିଧି ଓ ଆଇନ ସେବା ପ୍ରଦାନକାରୀ ସଂସ୍ଥାର ଅଧିକାରୀଙ୍କ ଉପସ୍ଥିତିରେ ଏକ ବୈଠକ ବସିଥିଲା। ଚୁକ୍ତିନାମା ଅନୁଯାୟୀ ଆସନ୍ତା ଅଗଷ୍ଟ ମାସ ୩୧ରେ ଏହାର ବିଚାର କରାଯିବ ବୋଲି ବିଭାଗୀୟ ଉଚ୍ଚ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଏହି ଧାରଣା ପ୍ରତ୍ୟାହାର ହୋଇଛି। ଏଠାରେ ସୂଚନାଯୋଗ୍ୟ ବାରଙ୍ଗ ବ୍ଲକ ଅରିଲୋ ଠାରେ ଥିବା ଦୁଗ୍ଧ ପ୍ଲାଣ୍ଟ ଗେଟ ସମ୍ମୁଖରେ କମ୍ପାନୀର କର୍ମଚାରୀ ମାନେ ସେମାନଙ୍କର ରେଗୁଲାର ନେଇ ଶାନ୍ତି ଶୃଙ୍ଖଳାରେ ଅରନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଜାରି ରଖିଥିଲେ। କର୍ମଚାରୀଙ୍କ କହିବା ଅନୁଯାୟୀ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗର ଚୁକ୍ତି ଭିତ୍ତିକ କର୍ମଚାରୀମାନେ ରେଗୁଲାର୍ ହୋଇ ସବୁପ୍ରକାର ସରକାରୀ ସୁବିଧା ପାଉଥିଲା ବେଳେ ସେଥିରୁ ସେମାନେ ବାଦ୍ ପଡିଛନ୍ତି।ଉତ୍କଳ ଓମ୍ଫେଡ ୱାର୍କସ ୟୁନିଅନ ଆନୁକୂଲ୍ୟରେ ଏହି ଆନ୍ଦୋଳନରେ ପ୍ରାୟ ୨୦୦ରୁ ଉର୍ଦ୍ଧ କର୍ମଚାରୀ ସାମିଲ ହୋଇଥିଲେ। ସେମାନଙ୍କ ଦାବି ଗୁଡିକ ହେଲା ସ୍ଥାୟୀ କର୍ମଚାରୀ ଭାବରେ ନିଯୁକ୍ତି ଦେବା, ଶ୍ରମିକଙ୍କୁ ସୁରକ୍ଷା ଦେବା, ଶ୍ରମିକ ଶୋଷଣ ବନ୍ଦ କରିବା ପ୍ରବୃତ୍ତି ଦାବିନେଇ କର୍ମଚାରୀ ମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ।ଯଦି ଓମ୍ଫେଡ କର୍ତ୍ତୃପକ୍ଷ ଆମର ଦାବି ଗୁଡିକ ଗ୍ରହଣ ନକରନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଚାଲିବ ବୋଲି ଜିଦ ଧରି ବସିଥିଲେ। ଅଘଟଣ ଏଡାଇବାକୁ ପୁଲିସ ମୁତୟନ ହୋଇଥିଲେ।ଆଜିର ଏହି ଆନ୍ଦୋଳନରେ ଓମ୍ଫେଡ କମ୍ପାନୀ ପରିଚାଳନା ଦାୟିତ୍ୱରେ ଥିବା ମାନବ ସମ୍ବଳ ଇନଚାର୍ଜ ନିତ୍ୟାନନ୍ଦ ମିଶ୍ର, ୟୁନିଅନ ସଙ୍ଘର ପ୍ରତିନିଧି ଗୋବିନ୍ଦ ଚରଣ ଜେନା, ଗୋକୁଳ ବିହାରୀ ସିଂହ, ବିଶ୍ୱବିହାରୀ ଦ୍ୱିବେଦୀ, ବବେନି ସାହୁ, ଦେବେନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ଇତିହାସ

- ୧୮୫୬-ହିନ୍ଦୁ ବିଧବାମାନଙ୍କର ପୁନର୍ବିବାହକୁ କାନୁନୀ ମାନ୍ୟତା ମିଳିଥିଲା।
- ୧୯୦୯-ସ୍ୱାଧୀନତା ସଂଗ୍ରାମୀ ଅରୁଣା ଆସଫ୍ ଅଲୀ ଜନ୍ମଗ୍ରହଣ କରିଥିଲେ।
- ୧୯୧୭-ପ୍ରସିଦ୍ଧ ନାଟ୍ୟକାର ଜଗଦୀଶଚନ୍ଦ୍ର ମାଥୁର ଏହି ଦିନ ଜନ୍ମଗ୍ରହଣ କରିଥିଲେ।
- ୧୯୮୧-ଭାରତ ପରମାଣୁ ପରୀକ୍ଷଣ କରିଥିଲା।
- ୧୯୮୪-ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ଆଜି ଜନ୍ମଦିନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ମାତାପିତାଙ୍କ ସହିତ ସମୟ ବିତେଇଲେ ଭଲ। ଆର୍ଥିକ ସମସ୍ୟା ଶେଷ ହେବ। କାର୍ଯ୍ୟକ୍ଷେତ୍ରରେ ପରିବର୍ତ୍ତନ ଆପଣଙ୍କ ପାଇଁ ଉତ୍ତମ। ବୈବାହିକ ଜୀବନରେ ସମସ୍ୟାର ସମ୍ମୁଖୀନ ହେବେ।

**ବୃଷ** - ଆଜି ଅଧିକ ଏନର୍ଜିରେ ଭରି ରହିବେ। କୌଣସି କାମରେ ସଫଳ ହେବେ। ଅଧିକ ଖର୍ଚ୍ଚ ମନକୁ ସମସ୍ୟାରେ ପକେଇବ। ପାରିବାରିକ ସ୍ତରରେ ସବୁ ଠିକ୍‌ଠାକ୍ ରହିବ। ପେଶାଗତ ଶକ୍ତିର ପ୍ରୟୋଗ କରିବେ।

**ମିଥୁନ** - ଭାଗ୍ୟ ଉପରେ ଭରସା ନକଲେ ଠିକ୍ ରହିବ। ବ୍ୟାୟାମରୁ ଦିନ ଆରମ୍ଭ କରିବେ। ଆର୍ଥିକ ସ୍ଥିତି ଖରାପ ରହିବ। କିଛି ମହତ୍ତ୍ୱପୂର୍ଣ୍ଣ କାମ ଅଟକି ଯାଇପାରେ। ବ୍ୟାପାରିକ ଲାଭରୁ ପ୍ରଗତି ହେବ।

**କର୍କଟ** - ମହତ୍ତ୍ୱପୂର୍ଣ୍ଣ କାମରୁ ସଫଳତା ମିଳିବ। ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବେ। ସଫି ବେଶ୍ ଆନନ୍ଦଦାୟକ ରହିବ। କାର୍ଯ୍ୟସ୍ଥଳରେ ଖୁବ୍ ଭଲ ପରିଣାମ ପାଇବେ। ଆର୍ଥିକ ସ୍ଥିତି ସାମାନ୍ୟ ରହିବ।

**ସିଂହ** - ଆଜି ସ୍ୱାସ୍ଥ୍ୟ ଠିକ୍ ରହିବ। ଧନର ଅଭାବକୁ ଅନୁଭବ କରିବେ। ବ୍ୟକ୍ତିଗତ ମାମଲା ପାଇଁ ଦିନଟି ଶୁଭ। ନୂଆ ପ୍ରୋଜେକ୍ଟ ଓ ଖର୍ଚ୍ଚକୁ ଆଭଏଡ୍ କରନ୍ତୁ। ଭଲ ବିଚାର କରିବେ।

**କନ୍ୟା** - ବାହାରର ଆକ୍ଟିଭିଟିରୁ ଲାଭ ପାଇବେ। ଅତିଥିଙ୍କ ଆଗମନ ହୋଇପାରେ। ଶାରୀରିକ ଓ ମାନସିକ ବିକାଶ ହେବ। କାରିୟର୍‌ରେ ଉନ୍ନତିର ବାଧା ଦୂର ହେବ। ଆର୍ଥିକ ଦୃଷ୍ଟିରୁ ଦିନଟି ଖୁବ୍ ଭଲ।

**ତୁଳା** - ଆଜି ଉର୍ଜାରେ ଭରି ରହିବେ। ଭୂମି, ଭବନ, ବାହନ କିଣିବା ସମ୍ଭବ। ଜୀବନସାଥିଙ୍କ ସହିତ ବିବାଦ ନକଲେ ଭଲ। ଭାବନାତ୍ମକ ଅଶାନ୍ତି ଚିନ୍ତାରେ ପକେଇବ। ଅପ୍ରତ୍ୟାଶିତ ଭାବରେ ପୁରସ୍କାର ମିଳିପାରେ।

**ବିଛା** - ବେକାର କ୍ରୋଧ ନକଲେ ଭଲ। ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ। ବ୍ୟକ୍ତିଗତ ମୋର୍ଚ୍ଚାରେ ମହତ୍ତ୍ୱପୂର୍ଣ୍ଣ ବିକାଶ ହେବ। ଦିନଟି ଆର୍ଥିକ ଓ ବ୍ୟାପାରିକ ଦୃଷ୍ଟିରୁ ଶୁଭ ରହିବ।

**ଧନୁ** - ଆର୍ଥିକ ଲାଭ ମିଳିବ। ଧାର୍ ଆଣିଥିବା ଲୋକମାନେ ପରିଶୋଧ କରିବେ। ଶୁଭ ସମାଚାର ପ୍ରାପ୍ତି ହେବ। କାର୍ଯ୍ୟସ୍ଥଳରେ ନୂଆ ଦାୟିତ୍ୱ ମିଳିପାରେ। ଜୀବନସାଥିଙ୍କ ସହିତ କ୍ୱାଲିଟି ଟାଇମ୍ ବିତେଇବେ।

**ମକର** - ପୂର୍ବାପେକ୍ଷା ସ୍ୱାସ୍ଥ୍ୟ ଭଲ ରହିବ। ଆର୍ଥିକ ଲାଭର ସମ୍ଭାବନା ରହିଛି। ସାମାଜିକ ମାନ-ପ୍ରତିଷ୍ଠା ବୃଦ୍ଧି ହେବ। ଅନ୍‌ଲାଇନ୍ ପେମେଣ୍ଟରେ ସତର୍କ ରୁହନ୍ତୁ। ବ୍ୟସ୍ତତା ଭିତରୁ ନିଜ ପାଇଁ ସମୟ ବାହାର କରିବେ।

**କୁମ୍ଭ** - ଆପଣଙ୍କୁ ମାନସିକ ଶାନ୍ତି ମିଳିବ। କାର୍ଯ୍ୟସ୍ଥଳରେ ଚାପ ରହିବ। ପାରିବାରିକ ଦାୟିତ୍ୱକୁ ଅଣଦେଖା କରିବେ। ରୋମାନ୍ସ ପାଇଁ ଦିନଟି ଭଲ। ନିବେଶର ଭବିଷ୍ୟତରେ ରିଟର୍ଣ୍ଣ ଭଲ ମିଳିବ।

**ମୀନ** - ଆପଣଙ୍କ ଭିତରେ ଭରପୂର ଉର୍ଜା ରହିବ। କାମ ଚାପ ରହିବ। କାର୍ଯ୍ୟସ୍ଥଳରେ କଲିଗ୍‌ଙ୍କ ସମର୍ଥନ ରହିବ। ମନୋବଳ ବୃଦ୍ଧି ହେବ। ଅନାବଶ୍ୟକ ସାମଗ୍ରୀ ଉପରେ ଖର୍ଚ୍ଚ କରିପାରନ୍ତି।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଭବାପ୍ୟୟୌ ହି ଭୂତାନାଂ ଶ୍ରୁତୌ ବିସ୍ତରଶୋ ମୟା।**
**ତ୍ୱତ୍ତଃ କମଲପତ୍ରାକ୍ଷ ମାହାତ୍ମ୍ୟମପି ଚାବ୍ୟୟମ୍। (୧୧/୨)**

ହେ କମଳପତ୍ରାକ୍ଷ ! ଭୂତମାନଙ୍କର ଉତ୍ପତ୍ତି ଓ ଲୟ ଏବଂ ତୁମର ଅକ୍ଷୟ ମାହାତ୍ମ୍ୟ ତୁମ ନିକଟରୁ ମୁଁ ବିସ୍ତାରିତ ଭାବରେ ଶୁଣିଲି। ଏହାର ମୂଳ ଅର୍ଥ ହେଲା ଯେ ଏକ ଅବ୍ୟକ୍ତରୁ ସମସ୍ତ ବ୍ୟକ୍ତ ପଦାର୍ଥ ସୃଷ୍ଟି ହେଇଛି। ତେଣୁ ଭୂତମାନଙ୍କର ଉତ୍ପତ୍ତି ଓ ଲୟ ବୋଲି ଏହି ଶ୍ଳୋକରେ କୁହାଯାଇଛି। ବିଶ୍ୱସୃଷ୍ଟିର କର୍ତ୍ତା, ନିୟନ୍ତା ଓ ଶୁଭାଶୁଭ କର୍ମର କାରୟିତା ହେଉଛନ୍ତି ଈଶ୍ୱର, ଏହା ହିଁ ତାଙ୍କର ମାହାତ୍ମ୍ୟର ବର୍ଣ୍ଣନା। ଏହି ସବୁ ବର୍ଣ୍ଣନା ଶୁଣି ଅର୍ଜୁନଙ୍କର ମୋହ ଦୂରୀଭୂତ ହେଇଥିଲା।

# ଚନ୍ଦ୍ରରୁ ଚନ୍ଦ୍ରର ଜନ୍ମ

ଚନ୍ଦ୍ର କଥା ମନକୁ ଆସିବା ମାତ୍ରେ ପୃଥିବୀକୁ ପରିକ୍ରମା କରୁଥିବା ଏକ ସାଥି ବିଷୟରେ ମନେପଡ଼ିଯାଏ। ତେବେ ଏକ ନୂଆ ଅଧ୍ୟୟନ ଅନୁସାରେ ଅତି କମ୍‌ରେ ଛଅଟି ମିନିମୁନ୍ ଅଛନ୍ତି ଯେଉଁଗୁଡ଼ିକ ଅସ୍ଥାୟୀ ଭାବରେ ପୃଥିବୀର ପରିକ୍ରମା କରିବା ସହିତ ସୂର୍ଯ୍ୟଙ୍କ ପରିକ୍ରମା କରିଥାନ୍ତି। କିନ୍ତୁ ଏହି ମିନି ମୁନ୍‌ଗୁଡ଼ିକ ଆକାରରେ ଏତେ ଛୋଟ ଓ ଏତେ ଦ୍ରୁତଗତିରେ ପରିକ୍ରମା କରୁଛନ୍ତି ଯେ ଏଗୁଡ଼ିକୁ ଚିହ୍ନିବା ବହୁତ କଷ୍ଟକର ହୋଇଯାଉଛି। ଏହି ମିନିମୁନ୍ସ ଆକାରରେ ବହୁତ ଛୋଟ ଏମାନଙ୍କର ବ୍ୟାସ ୧-୨ ମିଟର ହେବ। ଏବେ ଏହି ରହସ୍ୟମୟ ଖଣ୍ଡଗୁଡ଼ିକୁ ନେଇ ଏକ ନୂଆ ଥିଓରୀ ସାମ୍ନାକୁ ଆସିଛି। ଏହି ଥିଓରୀ ଅନୁସାରେ ଏଗୁଡ଼ିକ ମଧ୍ୟରୁ କେତୋଟି ଚନ୍ଦ୍ରରୁ ଆସିଥିବା ଖଣ୍ଡ ହୋଇପାରନ୍ତି ଯେଉଁଗୁଡ଼ିକ ଚନ୍ଦ୍ରରେ ଉଲ୍‌କା ପିଣ୍ଡଗୁଡ଼ିକର ଟକ୍କର ହେବା ପରେ ଅନ୍ତରୀକ୍ଷରେ ଉଛୁଳିକି ପଡ଼ିଯାଇଛନ୍ତି ଓ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ମଧ୍ୟରେ ଫସି ପୃଥିବୀ ଆଖପାଖରେ ପରିକ୍ରମା କରୁଛନ୍ତି। ଯେତେବେଳେ କୌଣସି ପିଣ୍ଡର ଚନ୍ଦ୍ର ସହିତ ଟକ୍କର ହୁଏ ତା'ର ଅନେକ ଖଣ୍ଡ ଭାଙ୍ଗି ଅନ୍ତରୀକ୍ଷକୁ ଚାଲିଯାଏ। କେବେ କେବେ ଏହି ଖଣ୍ଡଗୁଡ଼ିକର ଆକାର ଖୁବ୍ ବଡ଼ ହୋଇଥାଏ। ଅଧ୍ୟୟନକାରୀଙ୍କ ଅନୁସାରେ ଏହା ଏକ ପ୍ରକାରର ସ୍କୋୟାର ଡ୍ୟାନ୍ସ ଯେଉଁଠାରେ ନିୟମିତ ଭାବରେ ଏମାନଙ୍କର ସାଥି ବଦଳି ଥାଆନ୍ତି ଓ କେବେ କେବେ କିଛି ସମୟ ପାଇଁ ଡ୍ୟାନ୍ସ ଫ୍ଲୋର୍ ଛାଡ଼ି ଦିଅନ୍ତି। ଏବେ ମଧ୍ୟ ବୈଜ୍ଞାନିକମାନେ ମାନୁଛନ୍ତି ଯେ ମିନିମୁନ୍ସର ସୋର୍ସ ଆଷ୍ଟ୍ରଏଡ୍ ବେଲ୍ଟ (ମଙ୍ଗଳ ଓ ବୃହସ୍ପତି ମଧ୍ୟରେ ସ୍ଥିତ) ହୋଇଥାଇପାରେ। କିନ୍ତୁ ନିକଟରେ ହୋଇଥିବା ଅନ୍ୱେଷଣ ଅନୁସାରେ ଏଗୁଡ଼ିକ ମଧ୍ୟରୁ କେତେକ ଚନ୍ଦ୍ରରୁ ବାହାରିଥାଇ ପାରନ୍ତି। ୨୦୧୬ରେ ଏକ ଟେଲିସ୍କୋପ ୪୦-୧୦୦ ମିଟର ବଡ଼ ଏକ ବଡ଼ ମିନିମୁନ୍‌ର ଅନ୍ୱେଷଣ କରିଥିଲା। ପାଖାପାଖି ୧-୧୦ ମିଲିୟନ ବର୍ଷ ପୂର୍ବରୁ ଏକ ବଡ଼ ଟକ୍କର କାରଣରୁ ଏହି ମିନିମୁନ୍‌ର ସୃଷ୍ଟି ହୋଇଥିଲା ଯେତେବେଳେ ଚନ୍ଦ୍ରପୃଷ୍ଠରେ ଏକ କ୍ରେଟର୍‌ର ନିର୍ମାଣ ହୋଇଥିଲା।



# ହିରୋ ଅହାନ ପାଣ୍ଡେ



ଏ ସମୟରେ ବଲିଉଡ୍‌ରେ ଏକ ନୂଆ ନାମ ଚର୍ଚ୍ଚାରେ ରହିଛି-ଅହାନ ପାଣ୍ଡେ। ତେଣୁ ଫିଲ୍ମରେ ରୁଚି ରଖୁଥିବା ଲୋକମାନେ ଏହି ଖବର ବିଷୟରେ ଶୁଣି ସାରିଥିବେ। ୧୮ ଜୁଲାଇରେ ଅହାନଙ୍କ ଫିଲ୍ମ ରିଲିଜ ହେବ ଯାହାର ଶୀର୍ଷକ ରଖାଯାଇଛି 'ସୈୟରା'। ଫିଲ୍ମର ଟ୍ରେଲର୍ ରିଲିଜ ହୋଇଛି କିଛି ଦିନ ପୂର୍ବରୁ। ସେବେଠାରୁ ଅହାନ, ଫିଲ୍ମର ଗୀତ ଓ ଏହି ଫିଲ୍ମଟି ଦର୍ଶକ ମହଲରେ ଉତ୍ସୁକତା ବୃଦ୍ଧି କରିଛି। ଏହାକୁ ଦେଖିବା ପରେ ଦର୍ଶକମାନେ ଅହାନଙ୍କ ତୁଳନା 'ଆଶିକୀ-୨'ର ଆଦିତ୍ୟ ରାୟ କପୁରଙ୍କ ଚରିତ୍ର ରାହୁଲ୍ ଜ୍ୟାକର୍ ସହିତ କରୁଛନ୍ତି। ତେବେ ଅଭିନୟ ଦୁନିଆରେ ନୂଆ କଳାକାର ଭାବରେ ପ୍ରବେଶ କରିଥିବା ଅହାନଙ୍କ ବିଷୟରେ ଜାଣିବାକୁ ନିଶ୍ଚିତ ଭାବରେ ଚାହିଁବେ। ଅହାନଙ୍କ ବୟସ ଏବେ ୨୭। ମାୟାନଗରୀ ମୁମ୍ବାଇ ଠାରେ ଜନ୍ମଗ୍ରହଣ କରିଥିବା ଅହାନ ସେଠାରେ ସ୍କୁଲ୍ ଶିକ୍ଷା ଓ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ପିତା ଚିକ୍କି ପାଣ୍ଡେ ଜଣେ ବ୍ୟବସାୟୀ। ମା' ଡିଏନ୍ ପାଣ୍ଡେ ଜଣେ ଲେଖିକା ଓ ଫିଟ୍‌ନେସ୍ ଏକ୍ସପର୍ଟ। କିନ୍ତୁ ଅହାନଙ୍କର ସମ୍ପର୍କ ରହିଛି ଫିଲ୍ମି ଦୁନିଆ ସହିତ। ଅଭିନେତା ଚଙ୍କି ପାଣ୍ଡେ ହେଉଛନ୍ତି ତାଙ୍କର ଦାଦା ଓ ଅନନ୍ୟା ପାଣ୍ଡେ ତାଙ୍କର କଜିନ୍। ପିଲାଦିନରୁ ଅଭିନୟରେ ରୁଚି ରଖୁଥିବା ଅହାନ, 'ଫଷ୍ଟ୍' ଓ 'ଜଲିଉଡ୍' ନାମରେ ଦୁଇଟି କ୍ଷୁଦ୍ର ଚଳଚ୍ଚିତ୍ରର ନିର୍ମାଣ କରିଥିଲେ ଯେଉଁଥିରେ ଅହାନ ତାଙ୍କ ସାଙ୍ଗମାନଙ୍କ ସହିତ ମିଶି ଅଭିନୟ କରିଛନ୍ତି। କିଛି ସ୍କିନ୍‌ପ୍ଲେ ମଧ୍ୟ ଲେଖିଛନ୍ତି ଅହାନ। ତେବେ 'ସୈୟରା' ତାଙ୍କର ପ୍ରଥମ ଫିଲ୍ମ ଯାହାକୁ ଯଶରାଜ ଫିଲ୍ମସ୍ ନିର୍ମାଣ କରୁଛି। ପୂର୍ବରୁ ସହ-ନିର୍ଦ୍ଦେଶକ ଭାବରେ ଅହାନ କାମ କରିଥିଲେ କିନ୍ତୁ ଏବେ ହିରୋ ଭାବରେ କମ୍ପାନୀ ତାଙ୍କୁ ଲଞ୍ଚ୍ କରୁଛି। ୨୦୧୯ରେ ରିଲିଜ ହୋଇଥିବା 'ମର୍ଦ୍ଦାନୀ-୨' ଫିଲ୍ମର ମଧ୍ୟ ସହ-ନିର୍ଦ୍ଦେଶକ ଥିଲେ ଅହାନ। ସେ ମଡେଲିଂ ମଧ୍ୟ କରନ୍ତି। ତେବେ 'ସୈୟରା' ଏକ ରୋମାଣ୍ଟିକ-ମ୍ୟୁଜିକାଲ୍ ଫିଲ୍ମ।


# ପର୍ଯ୍ୟଟକଙ୍କ ପାଇଁ ଚିନ୍ତାରେ ଏକ ଦେଶ



ବିଦେଶୀ ଲୋକମାନେ ତାଙ୍କ ଦେଶକୁ ଭ୍ରମଣ କରିବାକୁ ଆସନ୍ତୁ ବୋଲି ପ୍ରାୟତଃ ସବୁ ଦେଶ ଚାହାନ୍ତି। ଏହାଦ୍ୱାରା ପର୍ଯ୍ୟଟନ ଇଣ୍ଡଷ୍ଟ୍ରିକୁ ପ୍ରୋତ୍ସାହନ ମିଳିବା ସହିତ ଆର୍ଥିକ ଦୃଷ୍ଟିରୁ ଦେଶ ଲାଭାନ୍ୱିତ ହୋଇଥାଏ। ଏ ସମୟରେ ଅନେକ ଦେଶ ଏହି ଦିଗରେ ଆଗକୁ ବଢୁଛନ୍ତି। ସାଉଦି ଆରବ ମଧ୍ୟ ଦ୍ରୁତଗତିରେ ଏ ଦିଗରେ ଆଗକୁ ବଢୁଛି। ଏହି ଦେଶ ଏବେ ତେଲ କ୍ଷେତ୍ରରୁ ନିଜକୁ ହଟାଇ ଟୁରିଜ୍‌ମ ଆଡ଼କୁ ମନ ଦେଇଛି। କିନ୍ତୁ ଜାଣିଛନ୍ତି କି ଏପରି ଏକ ଦେଶ ଅଛି ଯିଏ ପର୍ଯ୍ୟଟକଙ୍କୁ ନେଇ ଚିନ୍ତା ବ୍ୟକ୍ତ କରିଛି। ଏହି ସ୍ଥାନଟି ହେଉଛି ଗ୍ରୀସ୍‌ର ପ୍ରସିଦ୍ଧ ଦ୍ୱୀପ-କୋର୍ଫୁ ଯାହା ଧନୀ ଲୋକମାନଙ୍କୁ ଆକର୍ଷିତ କରିଥାଏ। କିନ୍ତୁ ସେଠାକୁ ଯାଉଥିବା ପର୍ଯ୍ୟଟକଙ୍କ ସଂଖ୍ୟା ଏତେ ଅଧିକ ହୋଇଗଲାଣି ଯେ ପ୍ରଶାସନ ଚିନ୍ତାରେ ପଡ଼ିଯାଇଛି। ୨୦୨୪ରେ ସେଠାରେ ୭ ପ୍ରତିଶତ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହୋଇଛି। ୨୦ ଲକ୍ଷ ଲୋକ ସେଠାକୁ ବୁଲିବାକୁ ଯାଇଥିବାର ରିପୋର୍ଟ ହୋଇଛି। ୨୦୧୯ରୁ ଏ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଫ୍ଲାଇଟ୍ସରେ ୩୨ ପ୍ରତିଶତ ଓ ଫେରୀ ଯାତ୍ରୀମାନଙ୍କ ସଂଖ୍ୟାରେ ୩୧ ପ୍ରତିଶତ ବୃଦ୍ଧି ହୋଇଛି ଯେଉଁ କାରଣରୁ ଏହି ଦ୍ୱୀପର ସଡ଼କ, ପର୍ଯ୍ୟାବରଣ ଓ ସଂସାଧନଗୁଡ଼ିକ ଉପରେ ବହୁତ ଅଧିକ ଚାପ ବୃଦ୍ଧି ପାଇଲାଣି। ଏଥିପାଇଁ କୋର୍ଫୁ ତରଫରୁ ନୂଆ ଯୋଜନା ପ୍ରସ୍ତୁତ କରାଯାଉଛି। ଯେଉଁମାନେ ଅଧିକ ଅର୍ଥ ବ୍ୟୟ କରିବା ସହିତ ସେଠାରେ ଅଧିକ ଦିନ ରହିପାରିବେ ସେହିପରି ବହୁତ କମ୍ ଜଣ ଧନୀ ଲୋକଙ୍କୁ କୋର୍ଫୁ ଏବେ ଅନୁମତି ଦେବ। ଧନୀ ପର୍ଯ୍ୟଟକମାନଙ୍କ ପାଇଁ ସେଠାରେ ଏବେ ୩୩ରୁ ଅଧିକ ପଞ୍ଚତାରକା ହୋଟେଲ ଓ ଲଗ୍‌ଜରୀ ରିସୋର୍ଟସ୍ ନିର୍ମାଣ କରାଯାଇଛି। ବୁଟିକ୍ ହୋଟେଲ୍ସ ଅର୍ଥାତ ଛୋଟ କିନ୍ତୁ ପ୍ରିମିୟମ୍ ହୋଟେଲ୍ସର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଚାଲିଛି। ଦୂର ଦୂରର କମ୍ପାନୀଗୁଡ଼ିକ ମଧ୍ୟ ଏବେ ଏହି ପ୍ରୋଜେକ୍ଟଗୁଡ଼ିକରେ ନିବେଶ କରୁଛନ୍ତି। ସେଥିପାଇଁ ୟୁରୋପୀୟ ସହର ଭେନିସ୍ ଓ ଡୁବ୍ରୋଭିନିକ୍ ପରି କୋର୍ଫୁ ଏପରି ନୂଆ ଯୋଜନା ତିଆରି କରୁଛି।




# ଏକ ଖାସ୍ ପ୍ରକାରର କଫି



କଫିରେ ଅଳ୍ପ କ୍ଷୀର ବା କ୍ରିମ୍ ମିଶେଇବା ଏକ ସାଧାରଣ କଥା। କିନ୍ତୁ ଏହା ପରେ ବି ଏଥିରେ କିଛି ମିଶାଯାଏ କି ? ଇଣ୍ଟରନେଟ୍‌ରେ କଫି ତିଆରି କରିବାର ବିଭିନ୍ନ ଉପାୟ ବିଷୟରେ ଦେଖିବାକୁ ମିଳିଯାଏ। ତେବେ କ୍ଷୀର ବା କ୍ରିମ୍‌ର ବିକଳ୍ପ ଆପଣଙ୍କୁ ମିଳିବ ନାହିଁ। କିନ୍ତୁ ଉତ୍ତର ସ୍ୱିଡେନ୍‌ର ଲୋକମାନେ କଫି ସହିତ କିଛି ଅଲଗା ଜିନିଷ ମିଶାଇ ଥାଆନ୍ତି। ଏମାନେ ଡେୟରୀ ଉତ୍ପାଦର କିଛି ବ୍ୟବହାର କରିଥାନ୍ତି ତାହା ହେଉଛି ପନିର୍। କାଫେଓଷ୍ଟ ନାମରେ ପ୍ରସିଦ୍ଧ ଏକ ଅନୋଖା ସଂଯୋଜନ ଦେଖିବାକୁ ମିଳେ ଯେଉଁଥିରେ ଗରମ କଫି ଓ ଏକ ଖାସ୍ ପ୍ରକାରର ପନିର୍ ମିଶାଯାଏ। ଏହାକୁ ଲେଇପାଜୁସ୍ତୋ ବୋଲି ଲୋକମାନେ କହନ୍ତି। ଲେଇପାଜୁସ୍ତୋର ଅର୍ଥ ବ୍ରେଡ୍ ଚିଜ୍। କିନ୍ତୁ ଏହି ଅଜବ ପ୍ରକାରର ସଂଯୋଜନରେ ବ୍ରେଡ୍ ନଥାଏ, ଥାଏ କେବଳ ପନିର୍ ଓ କଫି। ତେବେ ପନିର୍‌ରେ ଥିବା ଶୋଷଣ ପ୍ରକୃତି ପାଇଁ ବୋଧହୁଏ ଏହି ନାମ ଦିଆଯାଇଛି। କାରଣ କିଛି ସମୟ ମଧ୍ୟରେ ଏହା କଫିରେ ମିଶି ଏହାର ସ୍ୱାଦକୁ ଖୁବ୍ ଭଲ ଭାବରେ ଶୋଷିନିଏ। ତେବେ ଲେଇପାଜୁସ୍ତୋ ସ୍ୱଜ୍ଞିକୁ ଅନେକ ଲୋକ ପସନ୍ଦ କରନ୍ତି ନାହିଁ। କିନ୍ତୁ ଏହାର ସ୍ୱାଦ ଅନୁଭବ କରିବାଯୋଗ୍ୟ। ସାମାନ୍ୟ ଚିଜ୍ ତୁଳନାରେ ଏହା ସ୍ୱାଦରେ ମିଠା। ସେଥିପାଇଁ ଏହାକୁ କଫିରେ ପକେଇଲେ ଏହା କ୍ରିମ୍, କ୍ଷୀର କିମ୍ବା ଚିନି ପରି ସ୍ୱାଦ ଦେଇଥାଏ। ତେବେ ଏହା ଆଶ୍ଚର୍ଯ୍ୟ କରିବା ସହିତ ସନ୍ତୁଳିତ ଅନୁଭବ ମଧ୍ୟ ଦିଏ। ସ୍କାଣ୍ଡିନେଭିଆ, ଉତ୍ତର ସ୍ୱିଡେନ ଓ ଫିନ୍‌ଲ୍ୟାଣ୍ଡର ରେଣ୍ଡିୟର୍ ଶିକାରୀମାନଙ୍କ ପାଇଁ ଏହି କଫି ସାଂସ୍କୃତିକ ମହତ୍ତ୍ୱ ରଖେ।

# ସୁସ୍ଥ ରହିବା ପାଇଁ କରନ୍ତୁ କପାଳଭାତି

**ସୁସ୍ଥ ରହିବା ପାଇଁ ଯୋଗ କରିବାକୁ ପରାମର୍ଶ ଦିଆଯାଏ। ଯୋଗ ଆମ ଶରୀର ଓ ମନକୁ ସୁସ୍ଥ ରଖିବାର ଏକ ବଢ଼ିଆ ଉପାୟ ହୋଇପାରେ। ଯୋଗ କରିବା ଦ୍ୱାରା ଅନେକ ରୋଗ ଆମଠାରୁ ଦୂରରେ ରହନ୍ତି। ବେମାରୀରୁ ଯଦି ରକ୍ଷା ପାଇବାକୁ ଚାହୁଁଛନ୍ତି ତେବେ ପ୍ରତିଦିନ ରୁଟିନ୍‌ରେ ସାମିଲ କରନ୍ତୁ ଯୋଗ। ଅନେକ ପ୍ରକାରର ଯୋଗ କରାଯାଏ। ଏଥିମଧ୍ୟରୁ କପାଳଭାତି ଅନ୍ୟତମ। ଏହାକୁ ଯୋଗର ରାଜା ବୋଲି କୁହାଯାଏ। ପ୍ରତିଦିନ ଯଦି ଏହି ଯୋଗ କରୁଥିବେ ତେବେ ଅନ୍ୟ କୌଣସି ଆସନ କରିବାର ଆବଶ୍ୟକ ପଡ଼ିବ ନାହିଁ। ତେଣୁ ଆପଣ ଯଦି ୩୫ ବର୍ଷ ଅତିକ୍ରମ କରିସାରିଲେଣି ତେବେ ପ୍ରତିଦିନ କପାଳଭାତିର ଅଭ୍ୟାସ କରନ୍ତୁ।**



**ମେଟାବୋଲିଜ୍‌ମ ବୁଷ୍ଟ ହୁଏ-** ବୟସ ବୃଦ୍ଧି ସହିତ ମେଟାବୋଲିଜ୍‌ମ ଧୀମା ହେବାକୁ ଲାଗେ। ଏହି କାରଣରୁ ଓଜନ ବୃଦ୍ଧି ହୁଏ। ବିଶେଷ କରି ପେଟ ଆଖପାଖରେ ଚର୍ବି ଜମା ହେବାକୁ ଲାଗେ। ଏପରି ସମୟରେ କପାଳଭାତି ପେଟର ଅଙ୍ଗଗୁଡ଼ିକୁ ସକ୍ରିୟ ରଖେ। ହଜମ ବଢ଼ିଆ ହୁଏ।

**ଫୁସ୍‌ଫୁସ୍ ମଜଭୁତ ହୁଏ-** ବୟସ ବୃଦ୍ଧି ସହିତ ଫୁସ୍‌ଫୁସ୍ ଦୁର୍ବଳ ହେବା ଆରମ୍ଭ କରେ। ଏଥିପାଇଁ ନିଃଶ୍ୱାସ-ପ୍ରଶ୍ୱାସ ନେବାରେ କଷ୍ଟ ହୁଏ। କପାଳଭାତି ଫୁସ୍‌ଫୁସ୍‌କୁ ମଜଭୁତ କରିବା ସହିତ ଅକ୍ସିଜେନ୍ ଗ୍ରହଣ କରିବାର କ୍ଷମତାକୁ ବୃଦ୍ଧି କରାଏ। ଏଥିପାଇଁ ଆସ୍ଥମା ଓ ସାଇନସ୍ ପରି ରୋଗଗୁଡ଼ିକର ବିପଦ କମ୍ ହୁଏ। ଫୁସ୍‌ଫୁସ୍ ଓ ହଜମ ପ୍ରକ୍ରିୟାରୁ ଅପରିଷ୍କାର ଜିନିଷକୁ ଏହି ଯୋଗ ଦ୍ୱାରା ବାହାର କରାଯାଏ।

**ହର୍ମୋନ୍‌ର ସନ୍ତୁଳନ-** ଏକ ନିର୍ଦ୍ଦିଷ୍ଟ ବୟସ ପରେ ହର୍ମୋନ୍‌ରେ ପରିବର୍ତ୍ତନ ହେବାକୁ ଲାଗେ। ଏହାଦ୍ୱାରା ଓଜନ ବୃଦ୍ଧି ହୁଏ, ମୁଡ୍ ସ୍ୱିଙ୍ଗ୍ ଓ କ୍ଳାନ୍ତି ପରି ସମସ୍ୟାଗୁଡ଼ିକ ହୋଇପାରେ। କପାଳଭାତି କରିବା ଦ୍ୱାରା ଏଣ୍ଡୋକ୍ରାଇନ୍ ଗ୍ଲାଣ୍ଡ୍‌ସ ସକ୍ରିୟ ରହେ ଓ ହର୍ମୋନ୍‌ର ସନ୍ତୁଳନ ବଜାୟ ରହେ। ଥାଇରଏଡ୍ ସମସ୍ୟା ବି କମ୍ ହୁଏ। ଶରୀରରେ ବିଷାକ୍ତ ପଦାର୍ଥକୁ ମଧ୍ୟ କମ୍ କରାଇଥାଏ କପାଳଭାତି।

# ସାପଙ୍କୁ ସମର୍ପିତ ଦିନଟିଏ



ମଣିଷଙ୍କ ସହିତ ପୃଥିବୀ ପୃଷ୍ଠରେ ଅନେକ ପ୍ରକାରର କୀଟ-ପତଙ୍ଗ, ପଶୁପକ୍ଷୀ, ଜୀବଜନ୍ତୁ ଆଦି ଦେଖିବାକୁ ମିଳନ୍ତି। ଏମାନଙ୍କ ମଧ୍ୟରୁ ସାପ ଅନ୍ୟତମ। ଏହା ଏପରି ଏକ ଜୀବ ଯାହାକୁ ଦେଖିଲେ ଲୋକମାନେ ଭୟ ପାଇଯାଆନ୍ତି। ତେବେ ଜୁଲାଇ ମାସର ୧୬ ତାରିଖଟିକୁ ଏହି ଜୀବ ପାଇଁ ସମର୍ପିତ କରାଯାଇଛି। ବିଶ୍ୱ ସର୍ପ ଦିବସର ଆରମ୍ଭ ହୋଇଥିଲା ୧୯୭୦ରେ। ୧୯୬୭ରେ ଟେକ୍ସାସ୍‌ରେ ସାପମାନଙ୍କ ପାଇଁ ଏକ ଫର୍ମ ଆରମ୍ଭ କରାଯାଇଥିଲା ଯାହା ଧୀରେ ଧୀରେ ୧୯୭୦ ବେଳକୁ ଏତେ ପ୍ରସିଦ୍ଧ ହୋଇଗଲା ଯେ ଲୋକମାନଙ୍କୁ ସଚେତନ କରେଇବା ପାଇଁ ବିଶ୍ୱ ସ୍ତରରେ ସର୍ପ ଦିବସ ପାଳନ ହେବାକୁ ଲାଗିଲା। ତେବେ ପୂରା ଦୁନିଆରେ ୩୫୦୦ରୁ ଅଧିକ ବିଭିନ୍ନ ପ୍ରଜାତିର ସାପ ରହିଛନ୍ତି। ଏଥିମଧ୍ୟରୁ ୩୦୦ ପ୍ରଜାତି କେବଳ ଆମ ଦେଶରେ ଦେଖାଯାଆନ୍ତି। ସାପମାନଙ୍କର ୩୫୦୦ ପ୍ରଜାତିରୁ ୬୦୦ ପ୍ରଜାତି ହେଉଛନ୍ତି ବିଷାକ୍ତ ଶ୍ରେଣୀର। ଏଥିମଧ୍ୟରୁ ଲୋକମାନଙ୍କ ପାଇଁ ୨୦୦ ପ୍ରଜାତି ହେଉଛନ୍ତି ବିପଦଜନକ। ଉତ୍ତର କାନାଡ଼ାର ବର୍ଫିଲା ଟୁଣ୍ଡ୍ରାରୁ ଆରମ୍ଭ କରି ଆମାଜନ ଜଙ୍ଗଲ ଓ ମରୁଭୂମି, ମହାସାଗର ଆଦିରେ ଏମାନଙ୍କୁ ଦେଖିବାକୁ ମିଳିଯାଏ। ପ୍ରକୃତିର ସନ୍ତୁଳନକୁ ବଜାୟ ରଖିବାରେ ଏହି ଚୁସ୍ତ ଶିକାରୀ ସାପର ରହିଛି ମୁଖ୍ୟ ଭୂମିକା। ତେବେ ବୋଧହୁଏ ବହୁତ କମ୍ ଲୋକ ଜାଣିଥିବେ ବିଲବାଡ଼ିରେ ସାପ ଦେଖିବାକୁ ମିଳିଲେ ବହୁତ ଶୁଭ ସଂକେତ ବୋଲି କୁହାଯାଏ। ସାପ କ୍ଷେତରେ ଥିବା ସେହି କୀଟ-ପତଙ୍ଗଙ୍କୁ ଖାଆନ୍ତି ଯେଉଁମାନେ ଫସଲର କ୍ଷତି କରନ୍ତି। ଶସ୍ୟର ବଡ଼ ଶତ୍ରୁ ମୂଷାମାନଙ୍କୁ ଆହାର ଭାବରେ ଗ୍ରହଣ କରୁଥିବା ସାପକୁ ଦୁନିଆର କିଛି ସ୍ଥାନର କୃଷକମାନେ ଫସଲ ରକ୍ଷା ପାଇଁ ପାଳିଥାନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ



**ସୋର, ୧୫।୭/ଏନ୍ଏନ୍ଏସ୍:** ବିଦ୍ୟୁତ୍ ବିଭାଗ ଦିନରାତି କାର୍ଯ୍ୟରେ ଲାଗିଥିବା ବେଳେ ଏବେ ବି ବିଭିନ୍ନ ସ୍ଥାନରେ ପୁରୁଣା ବିଦ୍ୟୁତ୍ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ସେହି ଖୁଣ୍ଟ ଉପରେ ବିଦ୍ୟୁତ୍ ସରବରାହ ଜାରି ରହିଛି। ପ୍ରକାଶଥାଉକି ସୋର ଅଡ଼ଙ୍ଗ ବଜାର କଶିପୋଲ ନିକଟରେ ବହୁଦିନରୁ ଥିବା ବିଦ୍ୟୁତ୍ ଖୁଣ୍ଟର ତଳି ଅଂଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଭଳି ସ୍ଥିତିରେ କିପରି ମୁଖ୍ୟରାସ୍ତା ବିଦ୍ୟୁତ୍ ବିଭାଗର ନଜରକୁ ଆସୁନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଏହି ଖୁଣ୍ଟ ଆଗରେ ଏକ ବିଦ୍ୟାଳୟ ଏବଂ ବଜାର କସିପୋଲ ନିକଟରେ ଆଉ ଏକ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେହି ଖୁଣ୍ଟ ନିକଟରେ ଅନ୍ୟ ଏକ ସ୍କୁଲ୍ ମଧ୍ୟ ଅବସ୍ଥିତ। ବଜାର ମଧ୍ୟରେ ବହୁ ପୁରୁଣା ବିଦ୍ୟୁତ୍ ଖୁଣ୍ଟକୁ ବଦଳାଯାଇ ନୂତନ ବିଦ୍ୟୁତ୍ ଖୁଣ୍ଟରେ ବିଦ୍ୟୁତ୍ ସରବରାହ ହେଉଥିବା ବେଳେ ସେହି ବଜାରର ଥିବା ଆଉ ୨ଟି ଖୁଣ୍ଟ କିପରି ବିଭାଗର ନଜରକୁ ଆସୁନାହିଁ ବୋଲି ପ୍ରଶ୍ନ ଉଠିଛି। ତେବେ ବିଦ୍ୟୁତ୍ ବିଭାଗ ତୁରନ୍ତ ଖୁଣ୍ଟ ବଦଳାଇଲେ ବଡ଼ ବିପଦ ଟଳି ଯାଆନ୍ତା।

# ଉତ୍କଳ ଓମ୍‌ଫେଡ୍ ୱାର୍କସ୍ ୟୁନିଅନ୍‌ର ଧାରଣା



**ବାଲେଶ୍ୱର, ୧୫।୭/ଏନ୍ଏନ୍ଏସ୍:** ଉତ୍କଳ ୱାର୍କସ ୟୁନିଅନ୍ ପକ୍ଷରୁ ରେମୁଣାସ୍ଥିତ ଓମଫେଡ୍ ପ୍ଲାଣ୍ଟ ସାମ୍ନାରେ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଧାରଣା ଦିଆଯାଇଛି। ସମାନ କାମକୁ ମଜୁରି, ଆଉଟସୋର୍ସିଂ ୱାର୍କର୍ସଙ୍କ ମଧ୍ୟରୁ ଖାଲିଥିବା ନିୟମିତ ପଦବୀ ପୂରଣ ଓ କର୍ମଚାରୀଙ୍କ ଅଭିଜ୍ଞତା ମୁତାବକ ତଥା କୁଶଳୀ ଶ୍ରମିକର ମଜୁରି ଆଦି ଦାବି ନେଇ ଏହି ଧାରଣା ଦିଆଯାଇଥିବା ଜଣାପଡ଼ିଛି। ପ୍ରକାଶଥାଉକି ସାରା ରାଜ୍ୟରେ ଓମଫେଡ୍ ଶ୍ରମିକ ଓ କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ଅତ୍ୟନ୍ତ ନଗଣ୍ୟ ଦରମାରେ କାମ କରୁଛନ୍ତି। ଜଣେ ଠିକା ବା ଆଉଟସୋର୍ସିଂ କର୍ମଚାରୀ ସ୍ଥାୟୀ କର୍ମଚାରୀଙ୍କ କାମ କରୁଥିବା ବେଳେ ତାକୁ ସ୍ଥାୟୀ କର୍ମଚାରୀ ସ୍କେଲ୍ ବା କୁଶଳୀ ଶ୍ରମିକର ମଜୁରି ମିଳୁନି। ବର୍ତ୍ତମାନ ସୁଦ୍ଧା ୨୧୭ ସ୍ଥାୟୀ ପଦବୀ ଖାଲି ପଡ଼ିଛି। ଓମଫେଡ୍ ବିଭିନ୍ନ ସମୟରେ ସ୍ଥାୟୀ ନିଯୁକ୍ତି ବାହାର କରୁଛି। ଏହାଦ୍ୱାରା ଦୀର୍ଘ ବର୍ଷ ଧରି ଅଭିଜ୍ଞତାସମ୍ପନ୍ନ କୁଶଳୀ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ଅଭିଜ୍ଞତା ଥିବା କୁଶଳୀ ଠିକା ଏବଂ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ଓମଫେଡ୍ ପକ୍ଷରୁ କୁଶଳୀ ଶ୍ରମିକର ମାନ୍ୟତା ମିଳୁନି ବୋଲି ୟୁନିଅନ୍‌ର ରେମୁଣା ଶାଖା ସମ୍ପାଦକ ରାଜେନ୍ଦ୍ର କୁମାର ଗିରି ଏକ ପ୍ରେସ୍ ବିବୃତିରେ କହିଛନ୍ତି। ଫଳରେ ଶ୍ରମିକ-କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି।

**ସମାନ କାମକୁ ସମାନ ମଜୁରି ଦାବି**

ଏହି ଅନିର୍ଦ୍ଦିଷ୍ଟ କାଳ ଧାରଣାରେ ୟୁନିଅନ୍‌ର ରେମୁଣା ପ୍ଲାଣ୍ଟର ବହୁ ଶ୍ରମିକ-କର୍ମଚାରୀ ଯୋଗଦେଇ ଓମଫେଡ୍‌ର ମନମୁଖୀ ନୀତିକୁ ସମାଲୋଚନା କରିଥିଲେ। ତେଣୁ ୟୁନିଅନ୍‌ର ସମସ୍ତ ନ୍ୟାଯ୍ୟ ଦାବିକୁ ଓମଫେଡ୍ କର୍ତ୍ତୃପକ୍ଷ ମାନିନେବାକୁ ୟୁନିଅନ୍ ପକ୍ଷରୁ ଦାବି ହୋଇଛି। ନଚେତ୍ ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ୟୁନିଅନ୍ ପକ୍ଷରୁ କୁହାଯାଇଛି।

**ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା**

# ନ୍ୟାୟ ପାଇଁ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ



**କେନ୍ଦୁଝର, ୧୫।୭/ଏନ୍ଏନ୍ଏସ୍:** ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ସହ ପ୍ରଥମେ ବାଲେଶ୍ୱର ଓ ପରେ ଏମ୍ସ ମେଡିକାଲ୍‌ରେ ନିଜ ଜୀବନ ସହ ସଂଘର୍ଷ କରି ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ରାତାରାତି ଶବ ବ୍ୟବଚ୍ଛେଦ କରି ବିଜେପି ନେତାଙ୍କ ଉପସ୍ଥିତିରେ ମେଡିକାଲ୍ ପଛ ଗେଟ୍‌ରେ ପୁଲିସ ସୁରକ୍ଷାରେ ଶବକୁ ବାହାର କରିବା ଘଟଣା ସନ୍ଦେହ ପରିସରଭୁକ୍ତ ହୋଇଛି। ଏହି ଅପାରଗ ଏବଂ ସ୍ଥାଣୁ ବିଜେପି ସରକାର ପାଇଁ ଜଣେ ନିରୀହ ଝିଅର ଜୀବନ ଚାଲିଯାଇଛି। ସୌମ୍ୟାଶ୍ରୀ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟ ଥିଲେ ମଧ୍ୟ ଉକ୍ତ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କ ଦ୍ୱାରା ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇ ନ୍ୟାୟ ପାଇଁ ନିଜ ଦଳର ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ମାନସ ଦତ୍ତ, ସାଂସଦ ପ୍ରତାପ ଷଡ଼ଙ୍ଗୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେପି କର୍ମକର୍ତ୍ତାଙ୍କୁ ଜଣାଇ ବିଫଳ ହେବା ପରେ ଆତ୍ମହତ୍ୟା ପରି ବିକଳ୍ପ ବାଛିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ ଯୁବ, ଛାତ୍ର ଓ ମହିଳାମାନେ ବିରୋଧୀ ସ୍ଲୋଗାନ୍ ଦେଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଇସ୍ତଫା ଦାବି କରି କୁଶପୁତ୍ତଳିକା ଦାହ କରିଥିଲେ। କଂଗ୍ରେସ ନେତାମାନେ ମୃତ ପୀଡ଼ିତାଙ୍କ ପରିବାରକୁ ୨୫ ଲକ୍ଷ ଅନୁଦାନ ସହ ନିରପେକ୍ଷ ତଦନ୍ତ ପାଇଁ ମାମଲା ସିବିଆଇକୁ ହସ୍ତାନ୍ତର କରିବାକୁ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ଆଦିବାସୀ ସେଲ୍ ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଯଶବନ୍ତ ନାରାୟଣ ସିଂ ଲାଗୁରି, ଜିଲ୍ଲା କଂଗ୍ରେସ ସଂଯୋଜକ ସଙ୍ଗୀତା ସିଂହ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ରାଜ, କଂଗ୍ରେସ ନେତ୍ରୀ ପ୍ରତିଭା ମଞ୍ଜରୀ ନାଏକ, ସସ୍ମିତା ବେହେରା, ସେବତୀ ମହାନ୍ତ, ସୋନାଲି ମାର୍ଣ୍ଡି, ପ୍ରେମଲତା ବେହେରା, କଂଗ୍ରେସ ନେତା ନିର୍ମଳ ନାଏକ, ଲଳିତ ମୋହନ ନାଏକ, ରତ୍ନାକର ଜେନା ଓ ଅଭିଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ବିଜେଡି



**ବାରିପଦା:** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ହେବା ପରେ ସବୁଠି ଅସନ୍ତୋଷ ପ୍ରକାଶ ପାଇଛି। ଏହିକ୍ରମେ ବାରିପଦାରେ ବିଜେଡି ପକ୍ଷରୁ ଜାତୀୟ ରାଜପଥ ୧୮ ନଂକୁ ମୁର୍ଗାବାଡ଼ି ନିକଟସ୍ଥ ଜୁବୁଲି ପେଟ୍ରୋଲ୍ ପମ୍ପ ଛକ ସମ୍ମୁଖରେ ଅବରୋଧ କରାଯାଇଥିଲା। ଛାତ୍ରୀ ଜଣକ ସମସ୍ୟା ନେଇ ବାରମ୍ବାର ଅଭିଯୋଗ କରିଥିବା ବେଳେ ନ୍ୟାୟ ପ୍ରଦାନ କରିବାରେ ରାଜ୍ୟ ସରକାର ବିଫଳ ହେବାରୁ ସେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଉଭୟ ଦାୟୀ। ଡବଲ୍ ଇଞ୍ଜିନ୍ ସରକାରରେ ନାରୀ ନିର୍ଯାତନାର ମାତ୍ରା ବୃଦ୍ଧି ପାଇଥିବା ବେଳେ ତାକୁ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ତେଣୁ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ସମସ୍ତଙ୍କ କ୍ଷେତ୍ରରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଘଟଣାସ୍ଥଳରେ ବାରିପଦା ଅତିରିକ୍ତ ଏସ୍‌ପି, ସଦର ଏସ୍‌ଡିପିଓ ଓ ଥାନାଧିକାରୀ ପହଞ୍ଚି ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ପୁଲିସ ସମସ୍ତ ଅବରୋଧକାରୀଙ୍କୁ ଜୋର୍ ଜବରଦସ୍ତ ଉଠାଇ ନେଇଥିଲା। ଏହି ସମୟରେ ବିଜେଡି କର୍ମୀ ଓ ପୁଲିସ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ଜିଲ୍ଲାପରିଷଦ ସଭାପତି ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୟୂରଭଞ୍ଜ-୨ ଜିଲ୍ଲା ସଭାପତି ଡା. ଦେବାଶିଷ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ୍ ମହାନ୍ତି, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ନାରୀନେତ୍ରୀ ପ୍ରୀତିନନ୍ଦା କାନୁନ୍‌ଗୋ, ପ୍ରଭାତ ନାୟକ, ଜିଲ୍ଲାପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ସୁଜିତ ମହାନ୍ତି, ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ସୁନୀଲ କୁମାର ନାୟକ, ଯୁବ ଜନତା ଦଳ ସଭାପତି ଅରୁଣ ବରାଡ଼, ଶ୍ରବଣ ଗୋପ, ରାଜ୍ୟ ସମ୍ପାଦକ ଆଶୀର୍ବାଦ ଦାସ, ଆଭାସ ଦେ, ଅନନ୍ତ ଦାସ ଓ ଶିରିଷ ହେମ୍ବ୍ରମ୍ ପ୍ରମୁଖଙ୍କ ସମେତ ବିଜେଡିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରତିବାଦ ସଭା ଓ କୁଶପୁତ୍ତଳିକା ଦାହ



**ଧାମନଗର:** ରାଜ୍ୟ ସରକାର ଏକ ବର୍ଷ ମଧ୍ୟରେ ବିକାଶ ନାମରେ ବିନାଶ କରିଚାଲିଛି। ଏ ସରକାର ନାରୀ ଓ ଛାତ୍ରୀଙ୍କୁ ସୁରକ୍ଷା ଦେଇପାରୁନି। ନୈତିକତା ଦୃଷ୍ଟିରୁ ଏ ସରକାର ଇସ୍ତଫା ଦିଅନ୍ତୁ ବୋଲି ଧାମନଗର ବ୍ଲକ୍ ବିଜେଡି ଅଭିଯୋଗ କରିଛି। ବାଲେଶ୍ୱରର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାକୁ ନେଇ ଧାମନଗର ବ୍ଲକ୍ ବିଜେଡି ପକ୍ଷରୁ ଏକ ପଥପ୍ରାନ୍ତ ସଭା ଧାମନଗରସ୍ଥିତ ବିଜୁ ପଟ୍ଟନାୟକ ଛକରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ବିଜେଡି କର୍ମୀମାନେ ଦାବିକରି କୁଶପୁତ୍ତଳିକା ଦାହ କରିଥିଲେ। ବିଜେଡି ବ୍ଲକ୍ ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ ଓ ସାରଦା ପ୍ରସନ୍ନ ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ପୂର୍ବତନ ନଗର ସଭାପତି ସୁଶାନ୍ତ କୁମାର ରାଉତ, ଉମେଶ ଚନ୍ଦ୍ର ମହାନ୍ତି, ଯୁବ ବିଜେଡି ବ୍ଲକ୍ ସଭାପତି ଭାରତ ବିଜୟ ଦଳାଇ, ଜ୍ଞାନ ମହାକୁଡ଼, ଶ୍ରୀକାନ୍ତ ପଣ୍ଡା, ଏମ୍‌ଡି ଫକିରୁଦ୍ଦିନ, ସେକ୍ ମୁର୍ତ୍ତୁଜା ଓ ସତ୍ୟପ୍ରକାଶ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

**ସିମୁଳିଆ ବିଧାୟକଙ୍କ ବ୍ଲକ୍‌ସ୍ତରୀୟ ସମୀକ୍ଷା**

# ସୋର-କୁପାରୀ ରାସ୍ତା ମରାମତିରେ ବିଳମ୍ବକୁ ନେଇ ଅସନ୍ତୋଷ




**ଖଇରା, ୧୫।୭/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନମଣ୍ଡଳୀର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ଏକ ବ୍ଲକ୍‌ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶେଷ ଭାବେ ଗ୍ରାମ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗ ଅଧୀନରେ ଚାଲିଥିବା ରାସ୍ତା ଓ ଅନ୍ୟାନ୍ୟ କାର୍ଯ୍ୟ ଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଅଧିକାଂଶ ରାସ୍ତା ନିମ୍ନମାନର ହେଉଥିବା ନେଇ ଲୋକପ୍ରତିନିଧିଙ୍କ ଅଭିଯୋଗ ପରେ ଏହା ଠିକ୍ ଢଙ୍ଗରେ କରିବାକୁ ନିର୍ବାହୀ ଯନ୍ତ୍ରୀ ଅମିର କୁମାର ସେଠୀ ଓ ସହକାରୀ ଯନ୍ତ୍ରୀ ସଞ୍ଜୟ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନୂତନ ଭାବେ ହାତକୁ ନିଆଯାଇଥିବା ୭ଟି ରାସ୍ତା କିଭଳି ଟେଣ୍ଡର୍ ପ୍ରକ୍ରିୟାକୁ ଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ଖଇରାବାସୀଙ୍କ ପାଇଁ ସବୁଠାରୁ ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଥିବା ସୋର-କୁପାରୀ ରାସ୍ତା ମରାମତିରେ ବିଳମ୍ବ ଯୋଗୁ ବିଧାୟକ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅର୍ଦ୍ଧଂକାଶ ପଣ୍ଡାଙ୍କ ଉପରେ ବର୍ଷିଥିଲେ। ପରେ ଅଧୀକ୍ଷଣ ଯନ୍ତ୍ରୀ ପାଗ ଅନୁକୂଳ ହେଲେ ବୁଧବାରଠାରୁ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଏହି ରାସ୍ତାର ପୁନର୍ନିର୍ମାଣ ପାଇଁ ୧୪ କୋଟି ଟଙ୍କା ଟେଣ୍ଡର୍ ହୋଇସାରିଥିବା ବେଳେ ତୁରନ୍ତ ଶିଳାନ୍ୟାସ କରାଯାଇ କାମ ଆରମ୍ଭ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ବ୍ଲକ୍ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ନାରାୟଣ ସାହୁ, ତହସିଲଦାର୍ ଅମିତ ରଞ୍ଜନ ହୋତା, ଜିଲ୍ଲାପରିଷଦ ସଭ୍ୟା ମାନସ କୁମାର ଦାଶ, ସହକାରୀ ଯନ୍ତ୍ରୀ ଉତ୍ତମ ସାହୁ ଓ ବିଭୁତି ନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାମୂହିକ ପ୍ରଜନନକରଣ ଶିବିର

**କେନ୍ଦୁଝର, ୧୫।୭/ଏନ୍ଏନ୍ଏସ୍:** ଦୁଧିଆଳୀ ଗାଈ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ପାଟଣା ବ୍ଲକ୍ ଅନ୍ତର୍ଗତ ମୁରୁସୁଆଁ ପଞ୍ଚାୟତର ଡେଣୁଆଁ ଗ୍ରାମରେ ନିକ୍ରା ପ୍ରକଳ୍ପ ପକ୍ଷରୁ ଏକ ଅଭିନବ ସାମୂହିକ ପ୍ରଜନନ ଶିବିର କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝର ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଅଧିକ କ୍ଷୀର ଉତ୍ପାଦନ ସହ ଏକ ସମୟରେ ପ୍ରଜନନ କରିଥିବା ଗାଈ ଓ ନୂତନ ଭାବେ ଜନ୍ମ ଗ୍ରହଣ କରିଥିବା ବାଛୁରୀଙ୍କ ଯତ୍ନ ନେବାରେ ସୁବିଧା ହେବାର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ରର ପ୍ରାଣୀ ବୈଜ୍ଞାନିକା ଡ଼ଃ ଲିପ୍‌ସା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା। ଉକ୍ତ ଶିବିରରେ ୫୦ଟି ଗାଈ ଏବଂ ୨୫ଟି ବାଛୁରୀଙ୍କୁ ଚିକିତ୍ସା କରାଯାଇଥିଲା। ଏଥିରେ ଡେଣୁଆଁ ଗ୍ରାମର ଚାଷୀ ଡମ୍ବରୁଧର ମହାନ୍ତ ଓ ଚଞ୍ଚଳଲତା ମହାନ୍ତ ପ୍ରମୁଖ ସହାୟତା କରିଥିଲେ। ଏହି ଶିବିର ପୂର୍ବରୁ ୧୯ଟି ଗାଈଙ୍କୁ ନେଇ ଏକ ସାମୁହିକ ପ୍ରଜନନକରଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପ୍ରକ୍ରିୟାରେ ଜିପିଜି ଆଚରଣକୁ ଅନୁସରଣ କରାଯାଇଥିଲା। ଏହି ପ୍ରକ୍ରିୟାରେ ପ୍ରଥମ ଦିନରେ ଗାଇରିଚ୍ ଇଞ୍ଜେକ୍ସନ, ସପ୍ତମ ଦିନରେ ପିଜିଏଫ୍‌ଟୁ ଆଲ୍‌ଫା ଓ ନବମ ଦିନରେ ପୁନର୍ବାର ଗାଇରିଚ୍ ଇଞ୍ଜେକ୍ସନ୍‌ର ପ୍ରୟୋଗ କରାଯାଇଥିଲା।

# ଭିକାରୀ ଚରଣ ନୋଡାଲ୍ ହାଇସ୍କୁଲ୍‌ରେ ବନ ମହୋତ୍ସବ



**ସୋର, ୧୫।୭/ଏନ୍ଏନ୍ଏସ୍:** ସୋର ବ୍ଲକ୍ ତେନ୍ତେଇସ୍ଥିତ ଭିକାରୀ ଚରଣ ନୋଡାଲ୍ ଉଚ୍ଚବିଦ୍ୟାଳୟରେ 'ଏକ ପେଡ୍ ମା କେ ନାମ -୨' ଅନ୍ତର୍ଗତ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କମଳାକାନ୍ତ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘର ସଭାପତି ସୁବାଷ ପଲେଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀକାନ୍ତ ମଲିକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବୃକ୍ଷରୋପଣ ବାବଦରେ ବୁଝାଇଥିଲେ। ଏଥିପାଇଁ ସମସ୍ତେ ନିଜ ମା'ଙ୍କ ନାମରେ ଗଛଟିଏ ଲଗାଇବା ସହିତ ତା'ର ଯତ୍ନ ନେବା ପାଇଁ ଶ୍ରୀ ମଲିକ କହିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବଣ୍ଟା ଯାଇଥିଲା। ପରେ ବିଦ୍ୟାଳୟରେ ଉପସ୍ଥିତ ଶିକ୍ଷକ, ଅତିଥି ଓ ଛାତ୍ରଛାତ୍ରୀମାନେ ଆମ୍ବ, ବଉଳ ଓ କଦମ୍ବ ଆଦି ଚାରାରୋପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ଦାସ, କରିସ୍ମା ରାଉତ, କ୍ରିଷ୍ଣା ନାଏକ, ଜ୍ୟୋସ୍ନାରାଣୀ ମଳିକ, ଶୈଳବାଳା କର, ଶିକ୍ଷକ ମାନସ ସନ୍ଧିବିଗ୍ରହ ଓ ସଞ୍ଜିବ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ଖଗେଶ୍ୱର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

**ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟବଲ୍ ଚାମ୍ପିଅନ୍‌ସିପ୍**

# ମୟୂରଭଞ୍ଜର ୨୫ ଜଣିଆ ଟିମ୍ ଘୋଷିତ



**ବାରିପଦା, ୧୫।୭/ଏନ୍ଏନ୍ଏସ୍:** ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରରେ ଅନୁଷ୍ଠିତ ହେବାକୁ ଥିବା ୬୪ତମ ରାଜ୍ୟସ୍ତରୀୟ ବରିଷ୍ଠ ଆନ୍ତଃଜିଲ୍ଲା ଫୁଟବଲ୍ ଚାମ୍ପିଅନ୍‌ସିପ୍‌ରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜର ୨୫ ଜଣିଆ ଦଳ ଘୋଷିତ ହୋଇଛି। ଉକ୍ତ ଦଳରେ ରାଇସେନ୍ ଟୁଡୁ (ଅଧିନାୟକ), ମାନଚିତ୍ର ମାର୍ଣ୍ଡି (ଉପଅଧିନାୟକ), ଜୀବନ ବାସ୍କେ, ନାରଣ ମୁଣ୍ଡା, ବିଶାଲ ଟୋପୋ, ରାମଚନ୍ଦ୍ର ହେମ୍ବ୍ରମ, ସିପୁନ ହାଁସଦା, ଜିତମଲ ଟୁଡୁ, ମାଙ୍ଗତ ମାର୍ଣ୍ଡି, ରାମଚନ୍ଦ୍ର ବେଶ୍ରା, ମାନସିଂ ମାଝୀ, ଭରତ ଚନ୍ଦ୍ର ମାଝୀ, ସାଲାହୀ ଟୁଡୁ, ସୁକୁଲ ହେମ୍ବ୍ରମ୍, ଠାକୁର ହେମ୍ବ୍ରମ୍, ଗଣେଶ ସୋରେନ୍, ରଘୁନାଥ ସୋରେନ୍, ବାବୁଲି ନାଏକ, ନୀଲେଶ ତିଗା, ବୀରସିଂ ନାଏକ, ଲକ୍ଷ୍ମଣ ମାଝୀ, ଠାକୁରା ମୁର୍ମୁ, ମାଟୁ ଟୁଡୁ, ସୁମିତ କୁମାର ଓ ସିଲୁ ମୁର୍ମୁ ଦଳରେ ସାମିଲ ହୋଇଛନ୍ତି। ଦଳ ସହିତ କୋଚ୍ ଅବନୀ ମୋହନ ମହାନ୍ତି ଓ ମ୍ୟାନେଜର୍ ଭାବେ ଶ୍ରୀନିବାସ ହେମ୍ବ୍ରମ୍ ଗସ୍ତ କରିଛନ୍ତି। ଚଳିତ ମାସ ୧୭ ତାରିଖ ମୟୂରଭଞ୍ଜ ତା'ର ପ୍ରଥମ ମ୍ୟାଚ୍ କୋରାପୁଟ ସହିତ ଖେଳିବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ଏହି ଅବସରରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ୍‌ର ଉପସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହସମ୍ପାଦକ ହରପ୍ରସାଦ ପାତ୍ର, ଅମ୍ବିକା ରାଉତ ଓ ବରିଷ୍ଠ ସଦସ୍ୟ ରାଜୀବ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ନୟନମଣୀ କଲେଜରେ କର୍ମଚାରୀଙ୍କ ଧାରଣା

**ଭଣ୍ଡାରିପୋଖରୀ, ୧୫।୭/ଏନ୍ଏନ୍ଏସ୍:** ବାରିକପୁର ନିକଟସ୍ଥ ନୟନମଣୀ +୨ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷାଙ୍କ ମନମାନିକୁ ବିରୋଧ କରି କର୍ମଚାରୀମାନେ ଧାରଣା ଦେଇଛନ୍ତି। ଏହା ଏକ ସରକାରୀ ଏଓଇ ପରିସରଭୁକ୍ତ ଶିକ୍ଷାନୁଷ୍ଠାନ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ବିନା ବଜେଟ୍‌ରେ ପରିଚାଳିତ ହେଉଛି। ଦାୟିତ୍ୱରେ ଥିବା ଅଧ୍ୟକ୍ଷା ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର୍ କରି କଲେଜ ଅର୍ଥକୁ ହଡ଼ପ କରିବାର ଏହା ଏକ ସ୍ପଷ୍ଟ ନମୁନା ବୋଲି ଜଣାପଡୁଛି। ବିଦ୍ୟାଳୟର ଗଭର୍ଣ୍ଣିଂ ବଡିରେ ଭଦ୍ରକ ଉପଜିଲ୍ଲାପାଳ ସଭାପତି ଦାୟିତ୍ୱରେ ରହି ଏହାର ଉନ୍ନତିକରଣ ପାଇଁ ସରକାରୀ ନିୟମ ଓ ନିର୍ଦ୍ଦେଶନାମାକୁ ପ୍ରଣୟନ କରୁଥିଲେ ସୁଦ୍ଧା ଅଧ୍ୟକ୍ଷା ମହାଶୟା ଏହାକୁ କୌଣସି ପରିସ୍ଥିତିରେ ମାନନ୍ତି ନାହିଁ। ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ କର୍ମଚାରୀ ସମୂହକୁ ପାରିଶ୍ରମିକ ପ୍ରଦାନ ପାଇଁ ଅଧ୍ୟକ୍ଷାଙ୍କୁ ଉପଜିଲ୍ଲାପାଳ ବାରମ୍ବାର ଚିଠି କରିଥିଲେ ହେଁ ସେ ଏହାକୁ ସମ୍ପୂର୍ଣ୍ଣ ବେଖାତିର୍ କରି ଦରମା ଦେଉନାହାନ୍ତି। ଫଳରେ ବିଦ୍ୟାଳୟର ବହୁ କର୍ମଚାରୀ ଆଜିକୁ ଦୀର୍ଘ ୧୫ ବର୍ଷ ଧରି ବିନା ଦରମାରେ କାର୍ଯ୍ୟ କରିଆସୁଛନ୍ତି। ଅଧ୍ୟକ୍ଷାଙ୍କୁ ଦରମା ମାଗିଲେ ତୁମେ କିଏ ବୋଲି ପ୍ରଶ୍ନ କରି ବିଭିନ୍ନ ମାମଲାରେ ଛନ୍ଦି ଦିଅନ୍ତି।

ଆଶ୍ଚର୍ଯ୍ୟର କଥାଟି ହେଲା ଛାତ୍ରୀମାନେ ପ୍ରେରଣା ଫର୍ମ ପକାଇଲା ପରେ ବିନା ରସିଦ୍‌ରେ ସେମାନଙ୍କଠାରୁ ୧୦୦ ଟଙ୍କା ଲେଖାଁଏ ଆଦାୟ କରିବା, ବିନା ରସିଦ୍‌ରେ ବିଜ୍ଞାନ ଓ ବାଣିଜ୍ୟ ଛାତ୍ରୀଙ୍କଠାରୁ ପରୀକ୍ଷା ସମୟରେ ୫୦୦ ଟଙ୍କା ଲେଖାଁଏ ଆଦାୟ କରୁଥିବା ନେଇ ଅଧ୍ୟକ୍ଷାଙ୍କ ବିରୋଧରେ କର୍ମଚାରୀ ଅଭିଯୋଗ ଆଣିଛନ୍ତି। ବିଦ୍ୟାଳୟ ପରିସରରେ ଥିବା ମୂଲ୍ୟବାନ ଗଛ, ଲାଇବ୍ରେରିରେ ଥିବା ପୁରୁଣା ବହିକୁ ବିନା ରିଜିଓଲୋସନ୍‌ରେ ବିକ୍ରି କରି ଟଙ୍କା ହଡ଼ପ ଓ ସେଲ୍‌ଫ ଡିଫେନ୍ସ ପୋଗ୍ରାମ୍‌ରେ ଆସିଥିବା ଟଙ୍କାକୁ ମଧ୍ୟ ଅଧ୍ୟକ୍ଷା ମାଡାମ୍ ହଡ଼ପ କରିଥିବା ଅଭିଯୋଗ ଆସିଛି। ଏସବୁ ଅଭିଯୋଗକୁ ଆଧାର କରି କର୍ମଚାରୀମାନେ ଧାରଣା ଦେଇଥିବା ବେଳେ ଘଟଣାସ୍ଥଳରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର୍ ପହଞ୍ଚି ଆନ୍ଦୋଳନକାରୀ କର୍ମଚାରୀଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା ଧାରଣା ପ୍ରତ୍ୟାହୃତ ହୋଇନଥିବା ଜଣାପଡ଼ିଛି।

**୧୨୮ ବର୍ଷ ପରେ ଅଲିମ୍ପିକ୍ସକୁ କ୍ରିକେଟ୍‌ର ପ୍ରତ୍ୟାବର୍ତ୍ତନ**

# ଲସ୍ ଏଞ୍ଜେଲ୍ସରେ ଜୁଲାଇ ୧୨ରୁ ମ୍ୟାଚ୍ ଆରମ୍ଭ




**ଜୁଲାଇ ୨୦ ଓ ୨୯ରେ ପଦକ ମ୍ୟାଚ୍**

**ଲସ୍ ଏଞ୍ଜେଲସ୍,୧୫।୭/ଏଜେନ୍ସି:** ଦୀର୍ଘ ୧୨୮ ବର୍ଷର ବ୍ୟବଧାନ ପରେ ଆଗାମୀ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ (ଏଲ୍‌ଏ୨୮)ରେ କ୍ରିକେଟ୍‌ର ଐତିହାସିକ ପ୍ରତ୍ୟାବର୍ତ୍ତନ ଘଟିବାକୁ ଯାଉଛି। ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ଗୁଡ଼ିକ ଜୁଲାଇ ୧୨ରୁ ୨୯ ତାରିଖ ପର୍ଯ୍ୟନ୍ତ ଲସ୍ ଏଞ୍ଜେଲ୍ସଠାରୁ ୫୦ କିଲୋମିଟର ଦୂର ପୋମୋନା ସହରର ଫେୟାରଗ୍ରାଉଣ୍ଡସ୍ ଷ୍ଟାଡିୟମ୍‌ରେ ଖେଳାଯିବ। ଏଥିପାଇଁ ପୋମୋନାରେ ଏକ ଅସ୍ଥାୟୀ ଷ୍ଟାଡିୟମ୍ ପ୍ରସ୍ତୁତ କରାଯିବ। ଅଲିମ୍ପିକ୍ସରେ କ୍ରିକେଟ୍ ଶେଷଥର ପାଇଁ ୧୯୦୦ ମସିହାରେ ପ୍ୟାରିସ୍‌ରେ ଗ୍ରେଟ୍ ବ୍ରିଟେନ୍ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା ଏବଂ ଏହାକୁ ହିଁ ଫାଇନାଲ୍ ଘୋଷିତ କରାଯାଇଥିଲା। ଏଥିରେ ଗ୍ରେଟ୍ ବ୍ରିଟେନ୍ ସ୍ୱର୍ଣ୍ଣ ଓ ଅଷ୍ଟ୍ରେଲିଆ ରୌପ୍ୟ ପଦକ ଜିତିଥିଲା।

ଟି-୨୦ ଫର୍ମାଟ୍‌ରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ଓ ମହିଳା ବିଭାଗରେ ୬-୬ ଟିମ୍‌ରେ ମୋଟ ୧୮୦ ଖେଳାଳି ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଟିମ୍‌ରେ ୧୫ ଜଣ ଖେଳାଳି ସାମିଲ ହେବେ। ଏଲ୍‌ଏ୨୮ ଆୟୋଜକ କମିଟି ଅନୁଯାୟୀ ଅଧିକାଂଶ ମ୍ୟାଚ୍ ଦିନରେ ଡବଲ୍ ହେଡର୍ ଅନୁଷ୍ଠିତ ହେବ। କିନ୍ତୁ ୧୪ ଓ ୨୧ ଜୁଲାଇରେ କୌଣସି ମ୍ୟାଚ ଖେଳାଯିବ ନାହିଁ। ମହିଳା ବିଭାଗର ପଦକ ମ୍ୟାଚ୍ ଜୁଲାଇ ୨୦ରେ ଏବଂ ପୁରୁଷ ବିଭାଗର ପଦକ ମ୍ୟାଚ୍ ୨୯ ତାରିଖରେ ଆୟୋଜିତ ହେବ। ସମସ୍ତ ମ୍ୟାଚ୍ ଆମେରିକୀୟ ସମୟାନୁସାରେ ସକାଳ ୯ଟା ଏବଂ ସନ୍ଧ୍ୟା ସାଢ଼େ ୬ଟାରେ ଆରମ୍ଭ ହେବ। ଆୟୋଜକ ହିସାବରେ ଆମେରିକାର ଟୁର୍ଣ୍ଣାମେଣ୍ଟ୍ ଖେଳିବା ନିଶ୍ଚିତ ହୋଇଥିବା ବେଳେ ବାକି ପାଞ୍ଚଟି ଟିମ୍ ଏଥିରେ ଭାଗ ନେବେ ଏବଂ ସେମାନଙ୍କୁ କ୍ୱାଲିଫିକେସନ୍ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼ିବ।

ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଦ୍ୱାରା ଏଲ୍‌ଏ୨୮ ପାଇଁ କ୍ରିକେଟ୍ ସମେତ ବେସ୍‌ବଲ୍/ସଫ୍ଟବଲ୍, ଫ୍ଲାଗ୍ ଫୁଟବଲ୍, ଲାକ୍ରୋସ୍ (ସିକ୍ସେସ୍) ଓ ସ୍କ୍ୱାଶ୍ ଭଳି ପାଞ୍ଚଟି ନୂଆ ଖେଳକୁ ଅନୁମୋଦନ କରାଯାଇଛି। ଏହି ଖେଳଗୁଡ଼ିକୁ ଯୁବ ଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ ଚୟନ କରାଯାଇଛି।

**ଚତୁର୍ଥ ଟେଷ୍ଟ ପାଇଁ ଇଂଲିଶ୍ ଟିମ୍ ଘୋଷିତ: ବାକି ସିରିଜ୍‌ରୁ ବଶୀର ବାଦ୍**

# ଆଠବର୍ଷ ପରେ ଟିମ୍‌କୁ ଫେରିଲେ ଡସନ୍



**ଲଣ୍ଡନ,୧୫।୭/ଏଜେନ୍ସି:** ମାଞ୍ଚେଷ୍ଟରରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ୍ ମ୍ୟାଚ୍ ପାଇଁ ମଙ୍ଗଳବାର ଇଂଲଣ୍ଡ କ୍ରିକେଟ୍ ବୋର୍ଡ (ଇସିବି) ଇଂଲଣ୍ଡ ଟିମ୍ ଘୋଷଣା କରିଛି। ଟିମ୍‌ରେ ୮ ବର୍ଷ ପରେ ବାମହାତୀ ସ୍ପିନର୍ ଲିଆମ୍ ଡସନ୍‌ଙ୍କ ପ୍ରତ୍ୟାବର୍ତ୍ତନ ଘଟିଛି। ଡସନ୍ ତୃତୀୟ ଟେଷ୍ଟରେ ଆହତ ହୋଇଥିବା ଅଫ୍ ସ୍ପିନର୍ ସୋଏବ୍ ବଶୀରଙ୍କ ସ୍ଥାନ ନେବେ। ଲର୍ଡ୍ସ ଟେଷ୍ଟ ଅବସରରେ ରବୀନ୍ଦ୍ର ଜାଡ଼େଜାଙ୍କ ଏକ ଶଟ୍‌କୁ ଫିଲ୍ଡିଂ କରୁଥିବା ବେଳେ ବଶୀରଙ୍କୁ ଆଘାତ ଲାଗିଥିଲା। ତାଙ୍କ ବାମହାତର କାଣୀଆଙ୍ଗୁଠି ଫ୍ରାକ୍‌ଚର୍ ହୋଇଛି। ଚଳିତ ସପ୍ତାହରେ ଏହାର ସଜରୀ ହେବ। ଫଳରେ ତାଙ୍କୁ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ବାକି ଦୁଇଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି।

୩୫ ବର୍ଷୀୟ ଡସନ୍ ୨୦୧୭ ଜୁଲାଇରେ ଇଂଲଣ୍ଡ ପାଇଁ ଶେଷ ଥର ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଇଂଲଣ୍ଡ ପକ୍ଷରୁ ମାତ୍ର ୩ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ବେଳେ ନିକଟ ବର୍ଷଗୁଡ଼ିକରେ ସେ ହାମ୍ପଶାୟର୍ ପକ୍ଷରୁ ଲଗାତାର ଚମତ୍କାର ପ୍ରଦର୍ଶନ କରିଆସୁଛନ୍ତି। ୨୦୨୩ ଓ ୨୦୨୪ରେ ସେ ପ୍ରଫେସନାଲ୍ କ୍ରିକେଟର୍ସ ଆସୋସିଏସନ୍‌ର ପ୍ଲେୟର୍ ଅଫ୍ ଦ ଇୟର୍ ପୁରସ୍କାର ଜିତିଥିଲେ। ସେହିପରି ନିକଟରେ କାଉଣ୍ଟି ଚାମ୍ପିଅନ୍‌ଶିପ୍‌ର ୯ ମ୍ୟାଚ୍‌ରେ ସେ ୨୧ ୱିକେଟ୍ ଅକ୍ତିଆର କରିଛନ୍ତି। ଭିଟାଲିଟୀ ବ୍ଲାଷ୍ଟରେ ମଧ୍ୟ ସେ ୧୦ ମ୍ୟାଚ୍‌ରେ ୧୧ ୱିକେଟ୍ ହାସଲ କରିଛନ୍ତି।

ଡସନ୍ ଇଂଲଣ୍ଡ ପକ୍ଷରୁ ତିନିଟି ଯାକ ଫର୍ମାଟ୍‌ରେ ଖେଳିଛନ୍ତି। ଗତମାସରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି-୨୦ ସିରିଜ୍‌ରେ ସେ ପ୍ରତ୍ୟାବର୍ତ୍ତନ କରିଥିଲେ। ସିରିଜ୍‌ର ତିନିଟି ମ୍ୟାଚ୍‌ରେ ସେ ୫ ୱିକେଟ୍ ନେଇ ଯୁଗ୍ମ ଶୀର୍ଷରେ ରହିଥିଲେ।

**ଚତୁର୍ଥ ଟେଷ୍ଟ ପାଇଁ ଇଂଲଣ୍ଡ ଟିମ୍:** ବେନ୍ ଷ୍ଟୋକ୍ସ (କ୍ୟାପ୍‌ଟେନ୍), ଜୋଫ୍ରା ଆର୍ଚର୍, ଗସ୍ ଆଟ୍‌କିନ୍‌ସନ୍, ଜ୍ୟାକବ୍ ବେଥେଲ୍, ହ୍ୟାରୀ ବ୍ରୁକ୍, ବ୍ରାୟଡନ୍ କାର୍ସ, ଜ୍ୟାକ୍ କ୍ରଲି, ଲିଆମ୍ ଡସନ୍, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ଜେମି ସ୍ମିଥ୍, ଜୋଶ୍ ଟଙ୍ଗ୍, କ୍ରିସ୍ ୱୋକ୍ସ।

# ୬୦୦ ୱିକେଟ୍ ଓ ୭୦୦୦ ରନ୍‌ରେ ଜାଡ଼େଜା ଦ୍ୱିତୀୟ ଭାରତୀୟ




**ନୂଆଦିଲ୍ଲୀ,୧୫।୭/ଏଜେନ୍ସି:** ଲଣ୍ଡନର ଐତିହାସିକ ଲର୍ଡ୍ସ ଷ୍ଟାଡିୟମ୍‌ରେ ୫ ଦିନ ଧରି ଚାଲିଥିବା ରୋମାଞ୍ଚକର ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ଇଂଲଣ୍ଡ ୨୨ ରନ୍‌ରେ ହରାଇ ଦେଇଛି। ଏହା ସହିତ ୫ ମ୍ୟାଚ୍‌ର ସିରିଜ୍‌ରେ ୨-୧ରେ ଅଗ୍ରଣୀ ଲାଭ କରିଛି। ୧୯୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭାରତ ପଞ୍ଚମ ଦିନ ଦ୍ୱିତୀୟ ୱିକେଟ୍‌ରେ ମାତ୍ର ୧୭୦ ରନ୍ କରିବାକୁ ସମର୍ଥ ହୋଇଥିଲା। ରବୀନ୍ଦ୍ର ଜାଡ଼େଜା ସର୍ବାଧିକ ୬୧ ରନ୍ କରି ଅପରାଜିତ ଫେରିଥିଲେ। ଏହା ସହିତ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ତାଙ୍କର ୭ ହଜାର ରନ୍ ପୂରଣ ହୋଇଛି। ସେହିପରି ତାଙ୍କ ନାମରେ ୬୧୧ ଅନ୍ତର୍ଜାତୀୟ ୱିକେଟ୍ ମଧ୍ୟ ରହିଛି। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୬୦୦ ୱିକେଟ୍ ସହ ୭୦୦୦ ରନ୍ କରିବାରେ ଜାଡ଼େଜା ଭାରତର ଦ୍ୱିତୀୟ ଖେଳାଳି ହୋଇଛନ୍ତି। ତାଙ୍କର ପୂର୍ବରୁ କେବଳ କପିଳ ଦେବ ହିଁ ଏହି କାରନାମା କରିପାରିଛନ୍ତି। କପିଳଙ୍କ ନାମରେ ୬୮୭ ୱିକେଟ୍ ଓ ୯୦୩୧ ରନ୍ ରହିଛି।

ଏହା ବ୍ୟତୀତ ଜାଡ଼େଜା ଟେଷ୍ଟ ସିରିଜ୍ ଲଗାତାର ୪ ଅର୍ଦ୍ଧଶତକ ହାସଲ କରିବାରେ ଭାରତର ତୃତୀୟ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଋଷଭ ପନ୍ତ୍ ଓ ସୌରଭ ଗାଙ୍ଗୁଲି ଏହି କୀର୍ତ୍ତିମାନ କରିଛନ୍ତି। ଜାଡ଼େଜା ଲର୍ଡ୍ସ ଟେଷ୍ଟର ପ୍ରଥମ ଇନିଂସ୍‌ରେ ୭୨ ରନ୍ କରିଥିଲେ। ଏହା ପୂର୍ବରୁ ଦ୍ୱିତୀୟ ଟେଷ୍ଟର ଉଭୟ ଇନିଂସ୍‌ରେ ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ଲର୍ଡ୍ସ ଟେଷ୍ଟର ଦୁଇ ଇନିଂସ୍‌ରେ ଅର୍ଦ୍ଧଶତକ ହାସଲ କରିବାରେ ଜାଡ଼େଜା ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ତାଙ୍କ ପୂର୍ବରୁ ଭିନୁ ମଙ୍କଡ଼ ୧୯୫୨ରେ ପ୍ରଥମ ଇନିଂସ୍‌ରେ ୭୨ ଏବଂ ଦ୍ୱିତୀୟ ଇନିଂସ୍‌ରେ ୧୮୪ ରନ୍ କରିଥିଲେ। ଏହି ଦୁଇଜଣଙ୍କ ବ୍ୟତୀତ ଅନ୍ୟ କୌଣସି ଭାରତ ଲର୍ଡ୍ସ ଟେଷ୍ଟର ଉଭୟ ଇନିଂସ୍‌ରେ ୫୦ରୁ ଊର୍ଦ୍ଧ୍ୱ ରନ୍ କରିପାରି ନାହାନ୍ତି।

# ବିଶ୍ୱର ବୟୋଜ୍ୟେଷ୍ଠ ଆଥ୍‌ଲେଟ୍ ଫୌଜା ସିଂହଙ୍କ ନିଧନ

**ରାସ୍ତାରେ ଚାଲୁଥିବା ବେଳେ ଧକ୍କାଦେଲା କାର୍**

**'ଟର୍ବନ୍ ଟର୍ନାଡୋ' ନାମରେ ପ୍ରସିଦ୍ଧ**

**୮୦ ବର୍ଷ ବୟସରେ ଆରମ୍ଭ କରିଥିଲେ ଦୌଡ଼**



**ଜଲନ୍ଧର,୧୫।୭/ଏଜେନ୍ସି:** ବିଶ୍ୱର ସବୁଠୁ ବୟସ୍କ ଆଥ୍‌ଲେଟ୍ ଏବଂ ଟର୍ବନ୍ ଟର୍ନାଡୋ ନାମରେ ପ୍ରସିଦ୍ଧ ଫୌଜା ସିଂହଙ୍କର ସୋମବାର ରାତିରେ ୧୧୪ ବର୍ଷ ବୟସରେ ନିଧନ ହୋଇଛି। ଜଲନ୍ଧରରେ ଚାଲୁଥିବା ବେଳେ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା ଏବଂ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସା ବେଳେ ରାତିରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ପୁତ୍ର ଧରମିନ୍ଦର ସିଂହଙ୍କ ଅଭିଯୋଗକ୍ରମେ ପୁଲିସ୍ ଅଜ୍ଞାନ ବାହନ ଚାଳକଙ୍କ ବିରୋଧରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ତିନିଦିନ ପରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ। ଫୌଜା ସିଂହ ସୋମବାର ଖାଇସାରିବା ପରେ ଅପରାହ୍ଣ ତିନିଟା ବେଳେ ଚାଲିବାକୁ ଯାଇଥିବା ବେଳେ ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ମଙ୍ଗଳବାର ପଞ୍ଜାବ ବିଧାନସଭାରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବ। ଆଥ୍‌ଲେଟିକ୍ସରୁ ସନ୍ନ୍ୟାସ ପରେ ଫୌଜା ସିଂହ ବ୍ରିଟେନ୍‌ରୁ ଫେରି ନିଜ ପୈତୃକ ଗ୍ରାମ ବ୍ୟାସ ପିଣ୍ଡରେ କନିଷ୍ଠ ପୁତ୍ରଙ୍କ ସହିତ ବସବାସ କରୁଥିଲେ।

ଫୌଜା ସିଂହଙ୍କ ନିଧନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଏକ୍ସ'ରେ ଲେଖିଛନ୍ତି - ଫୌଜା ସିଂହ ଜୀ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ଥିଲେ, ଯିଏ ଫିଟ୍‌ନେସ୍ ପରି ଏକ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଭାରତ ଯୁବ ସମାଜକୁ ପ୍ରେରିତ କରିବା ସହିତ ନିଜ ଜୀବନଶୈଳୀକୁ ନେଇ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଅଭୁତ ସଂକଳ୍ପଶକ୍ତି ବିଶିଷ୍ଟ ଜଣେ ମହାନ୍ ଖେଳାଳି ଥିଲେ।

ପଞ୍ଜାବର ଜଲନ୍ଧର ଜିଲ୍ଲାର ବ୍ୟାସ ପିଣ୍ଡ ଗ୍ରାମରେ ୧୯୧୧ରେ ଜନ୍ମିତ ଫୌଜା ସିଂହ ୮୦ ବର୍ଷ ବୟସରେ ଦୌଡ଼ିବା ଆରମ୍ଭ କରିଥିଲେ। ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍‌ରେ ମଶାଲବାହକ ମଧ୍ୟ ଥିଲେ। ୧୯୯୦ ଦଶକରେ ସେ ଇଂଲଣ୍ଡ ଯାଇ ଇଲଫୋର୍ଡରେ ପୁତ୍ରଙ୍କ ପାଖରେ ଅବସ୍ଥାନ କରୁଥିଲେ। ୧୯୯୨ରେ ପତ୍ନୀ ଓ ବଡ଼ଝିଅଙ୍କ ମୃତ୍ୟୁରେ ଫୌଜା ସିଂହ ଭାଙ୍ଗି ପଡ଼ିଥିଲେ। ୧୯୯୪ ଅଗଷ୍ଟରେ ପଞ୍ଚମ ପୁତ୍ର କୁଲଦୀପଙ୍କର ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିବା ପରେ ଏହି ଦୁଃଖ ତାଙ୍କୁ ୧୯୯୫ରେ ପୁଣିଥରେ ଦୌଡ଼ିବା ପାଇଁ ପ୍ରେରିତ କରିଥିଲା। ୮୯ ବର୍ଷ ବୟସରେ ଗମ୍ଭୀରତାର ସହିତ ଦୌଡ଼ିବା ଆରମ୍ଭ କରିଥିବା ଫୌଜା ସିଂହ ୯୦ ବର୍ଷ ବୟସରେ ଅନ୍ତର୍ଜାତୀୟ ମାରାଥନ୍‌ରେ ଦୌଡ଼ିବା ଆରମ୍ଭ କରିଥିଲେ। ୨୦୦୦ ମସିହାରେ ସେ ପ୍ରଥମ ଥର ପାଇଁ ଲଣ୍ଡନ ମାରାଥନ୍‌ରେ ଭାଗ ନେଇଥିଲେ। ନିଜର କଠିନ ପରିଶ୍ରମ ଓ ଅଦମ୍ୟ ସାହସ ପାଇଁ ସେ 'ଟର୍ବନ୍ ଟର୍ନାଡୋ' (ପଗଡ଼ିଧାରୀ ଝଡ଼) ନାମରେ ପ୍ରସିଦ୍ଧ ହୋଇଥିଲେ। ୯୩ ବର୍ଷ ବୟସରେ ସେ ଏକ ମାରାଥନ୍ ୬ ଘଣ୍ଟା ୫୪ ମିନିଟ୍‌ରେ ପୂରା କରିଥିଲେ। ଏହା ୯୦ରୁ ଊର୍ଦ୍ଧ୍ୱ ବୟସ୍କଙ୍କ କ୍ଷେତ୍ରରେ ସର୍ବଶ୍ରେଷ୍ଠ ସମୟଠାରୁ ୫୮ ମିନିଟ୍ ଉନ୍ନତ ଥିଲା। ସେ ୨୦୦୪ରେ ୯୩ ବର୍ଷ ବୟସରେ ଲଣ୍ଡନ ମାରାଥନ୍ ପୂରା କରିଥିଲେ। ସେହିବର୍ଷ ଆଡିଡାସ୍‌ର ଏକ ବିଜ୍ଞାପନ ଅଭିଯାନରେ ତାଙ୍କୁ ଡେଭିଡ୍ ବେକ୍‌ହମ୍ ଓ ମହମ୍ମଦ ଅଲୀଙ୍କ ସହିତ ଦେଖିବାକୁ ମିଳିଥିଲା। ୯୪ ବର୍ଷ ବୟସରେ ସେ ଗ୍ରେଟ୍ ବ୍ରିଟେନ୍‌ରେ ୨୦୦ ମିଟର, ୪୦୦ ମିଟର, ୮୦୦ ମିଟର ଓ ୩୦୦୦ ମିଟର ଦୌଡ଼ରେ ନିଜ ବୟସ ବର୍ଗର ରେକର୍ଡ ସ୍ଥାପନ କରିଥିଲେ।

୨୦୧୧ରେ ୧୦୦ ବର୍ଷ ବୟସରେ ସେ ଟରଣ୍ଟୋ ମାରାଥନ୍ ପୂରା କରି ୧୦୦+ ବର୍ଗରେ ରେକର୍ଡ ସ୍ଥାପନ କରିଥିଲେ। ୧୦୦ ବର୍ଷ ବୟସରେ ଫୌଜା ସିଂହ କାନାଡାର ଟରଣ୍ଟୋରେ ଆୟୋଜିତ ଏକ ସ୍ୱତନ୍ତ୍ର ଇଭେଣ୍ଟରେ ଗୋଟିଏ ଦିନରେ ୮ ବିଶ୍ୱ ରେକର୍ଡ କରିଥିଲେ। ୧୦୦ ମିଟରରୁ ୫୦୦୦ ମିଟର ପର୍ଯ୍ୟନ୍ତ ଦୌଡ଼କୁ ସେ ନୂଆ ମାପଦଣ୍ଡ ସହ ପୂରା କରିଥିଲେ। ତିନିଦିନ ପରେ ୧୦୦ ବର୍ଷ ବୟସରେଟରଣ୍ଟୋ ୱାଟର୍ ଫ୍ରଣ୍ଟ ମାରାଥନ୍ ପୂରା କରିବାରେ ସେ ବିଶ୍ୱର ପ୍ରଥମ ବ୍ୟକ୍ତି ହୋଇଥିଲେ। ୨୦୧୧ରେ ତାଙ୍କ ଜୀବନୀ ଟର୍ବଣ୍ଡ ଟରନାଡୋ ବ୍ରିଟେନ୍‌ର ହାଉସ୍ ଅଫ୍ ଲର୍ଡ୍ସରେ ଉନ୍ମୋଚିତ ହୋଇଥିଲା। ୨୦୧୨ରେ ମାଲେସିଆରେ ଆୟୋଜିତ ୧୦୧ ଆଣ୍ଡ୍ ରନିଂ ଥିମ୍ ବିଶିଷ୍ଟ ଇଭେଣ୍ଟରେ ସେ ସମ୍ମାନିତ ଅତିଥି ହୋଇଥିଲେ ଏବଂ ତାଙ୍କୁ ଦ ବ୍ରାଣ୍ଡ ଲରିଟ୍ ପୁରସ୍କାରରେ ସମ୍ମାନ କରାଯାଇଥିଲା। ୨୦୧୩ରେ ୧୦୨ତମ ଜନ୍ମଦିନର କିଛି ସପ୍ତାହ ପୂର୍ବରୁ ସେ ହଂକଂ ମାରାଥନ୍‌ରେ ୧୦ କିଲୋମିଟର ଦୌଡ଼କୁ ୧ ଘଣ୍ଟା ୩୨ ମିନିଟ୍‌ରେ ପୂରା କରିବା ପରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ଦୌଡ଼ରୁ ଅବସର ଘୋଷଣା କରିଥିଲେ।

# କିଙ୍ଗ୍ ଚାର୍ଲସ୍‌ଙ୍କୁ ଭେଟିଲା ଟିମ୍ ଇଣ୍ଡିଆ



**ଲଣ୍ଡନ,୧୫।୭/ଏଜେନ୍ସି:** ଭାରତୀୟ ପୁରୁଷ ଓ ମହିଳା କ୍ରିକେଟ୍ ଟିମ୍ ସେଣ୍ଟ ଜେମ୍ସ ପ୍ୟାଲେସ୍‌ରେ ମଙ୍ଗଳବାର ଇଂଲଣ୍ଡର ରାଜା କିଙ୍ଗ୍ ଚାର୍ଲସ୍ ତୃତୀୟଙ୍କୁ ଭେଟିଛି। ଏହି ସ୍ୱତନ୍ତ୍ର ସାକ୍ଷାତକାର ଅବସରରେ କ୍ୟାପ୍‌ଟେନ୍ ଶୁଭମନ ଗିଲ୍, ଭାଇସ୍ କ୍ୟାପ୍‌ଟେନ୍ ଋଷଭ ପନ୍ତ୍, ଜସ୍‌ପ୍ରୀତ୍ ବୁମ୍‌ରା, କେଏଲ୍ ରାହୁଲ ଏବଂ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଉପସ୍ଥିତ ଥିଲେ। ଏହା ବ୍ୟତୀତ ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆ ଓ ଉପସଭାପତି ରାଜୀବ ଶୁକ୍ଳାଙ୍କ ସହିତ ମହିଳା ଟିମ୍ ମୁଖ୍ୟ କୋଚ୍ ଅମୋଲ୍ ମଜୁମଦାର, କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ କୌର ଏବଂ ଅନ୍ୟ ସଦସ୍ୟମାନେ ମଧ୍ୟ ସାମିଲ ଥିଲେ। କ୍ଲେରେନ୍ସ ହାଉସ୍ ଗାର୍ଡେନ୍‌ରେ ଏହି ସାକ୍ଷତାକାର ବେଳେ କିଙ୍ଗ୍ ଚାର୍ଲସ୍ ଖେଳାଳିଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ଏହି ସ୍ୱତନ୍ତ୍ର ଅବସରରେ କିଙ୍ଗ୍ ଚାର୍ଲସ୍ ସମସ୍ତ ଖେଳାଳିଙ୍କ ସହିତ ଫଟୋ ସେସନ୍ ମଧ୍ୟ କରିଥିଲେ। ଏହାପରେ କ୍ୟାପ୍‌ଟେନ୍ ଶୁଭମନ ଗିଲ୍ କହିଛନ୍ତି, କିଙ୍ଗ୍ ଚାର୍ଲସ୍ ତୃତୀୟ ଆମକୁ ଆମନ୍ତ୍ରଣ କରିବା ଆମ ପାଇଁ ସମ୍ମାନର ବିଷୟ।

ଭାରତୀୟ ମହିଳା ଟିମ୍ କ୍ୟାପ୍‌ଟେନ୍ ହରମନପ୍ରୀତ୍ କୌର୍ କହିଛନ୍ତି, କିଙ୍ଗ୍ ଚାର୍ଲସ୍‌ଙ୍କୁ ଭେଟିବା ଏକ ସ୍ୱତନ୍ତ୍ର ଅନୁଭବ। ଏହା ତାଙ୍କ ସହିତ ଆମ ପ୍ରଥମ ସାକ୍ଷାତକାର ହୋଇଥିବା ବେଳେ ତାଙ୍କ ସ୍ୱଭାବ ବହୁ ବନ୍ଧୁତ୍ୱପୂର୍ଣ୍ଣ।

## ଅଲିମ୍ପିକ୍ ଚାମ୍ପିଅନ୍ ଜିମ୍ନାଷ୍ଟ ନିନା ଡେରୱେଲ୍‌ଙ୍କ ସନ୍ନ୍ୟାସ



**ନୂଆଦିଲ୍ଲୀ,୧୫।୭/ଏଜେନ୍ସି:** ବେଲ୍‌ଜିୟମ୍‌ର ପୂର୍ବତନ ଅଲିମ୍ପିକ୍ ଅନ୍‌ଇଭେନ୍ ବାର୍ ଚାମ୍ପିଅନ୍ ନିନା ଡେରୱେଲ୍ ମଙ୍ଗଳବାର ଜିମ୍ନାଷ୍ଟିକ୍ସରୁ ଅବସର ଘୋଷଣା କରିଛନ୍ତି। ସେ ତାଙ୍କର ଲକ୍ଷ୍ୟ ହାସଲ କରିସାରିଛନ୍ତି ବୋଲି ଏହି ଅବସରରେ ୨୫ ବର୍ଷୀୟା ଜିମ୍ନାଷ୍ଟ କହିଛନ୍ତି।

ଅନ୍‌ଇଭେନ୍ ବାର୍‌ରେ ଦୁଇଥର ବିଶ୍ୱ ଚାମ୍ପିଅନ୍ ହେବା ପରେ ଡେରୱେଲ୍ ପ୍ରଥମ ବେଲ୍‌ଜିୟମ୍ ମହିଳା ଜିମ୍ନାଷ୍ଟ ଭାବେ ଚାରିବର୍ଷ ତଳେ ଟୋକିଓ ଅଲିମ୍ପିକ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍‌ଇଭେନ୍ ବାର୍‌ରେ ତିନିଥରର ୟୁରୋପୀୟ ଚାମ୍ପିଅନ୍ ଡେରୱେଲ୍ ଚଳିତ ବର୍ଷ ଲିପଜିଗ୍‌ରେ ବାଲାନ୍ସ ବିମ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଗୁରୁତର କାନ୍ଧ ଆଘାତରୁ ସୁସ୍ଥହୋଇ ପ୍ରତ୍ୟାବର୍ତ୍ତନ କରିଥିବା ୱେର୍‌ୱେଲ୍ ପ୍ୟାରିସ୍ ଅଲିମ୍ପିକ୍ସରେ ତାଙ୍କ ପସନ୍ଦର ଇଭେଣ୍ଟରେ ଚତୁର୍ଥ ସ୍ଥାନରେ ରହିଥିଲେ।

# ୱେଷ୍ଟଇଣ୍ଡିଜ୍ ୨୭ ରନ୍‌ରେ ଅଲ୍‌ଆଉଟ୍

**■ ଟେଷ୍ଟ କ୍ରିକେଟ୍‌ର ଦ୍ୱିତୀୟ ସର୍ବନିମ୍ନ ସ୍କୋର୍ ■ ଅଷ୍ଟ୍ରେଲିଆ ୧୭୬ ରନ୍‌ରେ ବିଜୟୀ ■ ସିରିଜ୍ ୩-୦ରେ କ୍ଲିନ୍ ସ୍ୱିପ୍**




**କିଙ୍ଗଷ୍ଟନ,୧୫।୭/ଏଜେନ୍ସି:** ସ୍ଥାନୀୟ ସାବିନା ପାର୍କ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ତୃତୀୟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଇନିଂସ୍‌ରେ ୱେଷ୍ଟଇଣ୍ଡିଜ୍ ୨୭ ରନ୍‌ରେ ଅଲ୍‌ଆଉଟ୍ ହୋଇଛି। ଟେଷ୍ଟ କ୍ରିକେଟ୍‌ରେ ଏହା ଦ୍ୱିତୀୟ ସର୍ବନିମ୍ନ ସ୍କୋର୍। ପୂର୍ବରୁ ୧୯୫୫ରେ ନ୍ୟୁଜିଲାଣ୍ଡ ୨୬ ରନ୍ କରିଥିଲା। ଗତ ୭୦ ବର୍ଷରେ ଏହା ସର୍ବନିମ୍ନ ସ୍କୋର୍। ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌କୁ ୧୭୬ ରନ୍‌ରେ ଜିତିନେଇଛି। ଏହା ସହିତ କଙ୍ଗାରୁ ଟିମ୍ ସିରିଜ୍ ୩-୦ରେ କ୍ଲିନ୍ ସ୍ୱିପ୍ ମଧ୍ୟ କରିଛି।

ଏହି ଲୋ-ସ୍କୋରିଂ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌ରେ ୨୨୫ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ୍ ୧୪୩ ରନ୍‌ରେ ସୀମିତ ହୋଇଯାଇଥିଲା। ଦ୍ୱିତୀୟ ଇନିଂସ୍‌ରେ ଅଷ୍ଟ୍ରେଲିଆ ୧୨୧ ରନ୍‌ରୁ ଆଗକୁ ବଢ଼ିପାରି ନଥିଲା। ଫଳରେ ୱେଷ୍ଟଇଣ୍ଡିଜ୍‌କୁ ୨୦୪ ରନ୍‌ର ଲକ୍ଷ୍ୟ ମିଳିଥିଲା। ଲକ୍ଷ୍ୟର ପିଛା କରୁଥିବା ଇଣ୍ଡିଜ୍ ଟିମ୍‌ର ସାତଜଣ ବ୍ୟାଟ୍ସମ୍ୟାନ୍ ଖାତା ମଧ୍ୟ ଖୋଲିପାରି ନଥିଲେ। ଜଷ୍ଟିନ୍ ଗ୍ରୀଭ୍‌ସ ଏକମାତ୍ର ଖେଳାଳି ଦୁଇଅଙ୍କ ଟପିଥିଲେ। ସେ ୨୪ ବଲ୍‌ରୁ ୧୧ ରନ୍ କରିଥିଲେ। ତାଙ୍କୁ ସ୍କଟ୍ ବୋଲାଣ୍ଡ ଆଉଟ୍ କରିଥିଲେ। ଏହାପରେ ବୋଲାଣ୍ଡ ପରବର୍ତ୍ତୀ ଦୁଇଟି ବଲ୍‌ରେ ଶମାର ଜୋସେଫ୍ ଓ ଜୋମେଲ୍ ୱାରିକନ୍‌ଙ୍କୁ ଆଉଟ୍ କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଏହାପରେ ୱେଷ୍ଟଇଣ୍ଡିଜ୍ ପୂରା ଟିମ୍ ୨୭ ରନ୍‌ରେ ସୀମିତ ହୋଇଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ୍ ଷ୍ଟାର୍କ ୬ ଓ ବୋଲାଣ୍ଡ ୩ ୱିକେଟ୍ ଅକ୍ତିଆର କରିଥିଲେ। ଜୋଶ୍ ହେଜଲ୍‌ଉଡ୍‌ଙ୍କୁ ଗୋଟିଏ ସଫଳତା ମିଳିଥିଲା।

**ଷ୍ଟାର୍କଙ୍କ ୪୦୦ ୱିକେଟ୍ ପୂରଣ**

ସାବିନା ପାର୍କରେ ଶହେତମ ଟେଷ୍ଟ ଖେଳୁଥିବା ମିଚେଲ୍ ଷ୍ଟାର୍କ ପ୍ରଥମ ଓଭର୍‌ରେ ହିଁ ୱେଷ୍ଟଇଣ୍ଡିଜ୍‌ର ୩ ୱିକେଟ୍ ନେଇଥିଲେ। ଷ୍ଟାର୍କ ୭.୩ ଓଭର୍‌ରେ ୯ ରନ୍ ଦେଇ ୬ ୱିକେଟ୍ ଅକ୍ତିଆର କରିଥିଲେ। ଏହି ପ୍ରଦର୍ଶନ ପାଇଁ ତାଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା। ସେହିପରି ତିନି ମ୍ୟାଚ୍‌ର ସିରିଜ୍‌ରେ ମୋଟ ୧୫ ୱିକେଟ୍ ନେଇ ଷ୍ଟାର୍କ ପ୍ଲେୟର୍ ଅଫ୍ ଦ ସିରିଜ୍ ମଧ୍ୟ ହୋଇଥିଲେ। ଏହି ମ୍ୟାଚ୍ ଅବସରରେ ସେ ନିଜ ଟେଷ୍ଟ କ୍ୟାରିୟର୍‌ରେ ୪୦୦ ୱିକେଟ୍ ପୂରଣ କରିଛନ୍ତି। ୪୦୦ ଟେଷ୍ଟ ୱିକେଟ୍ ନେବାରେ ସେ ଶେନ୍ ୱାର୍ଣ୍ଣ, ଗ୍ଲେନ୍ ମ୍ୟାକ୍‌ଗ୍ରା ଓ ନାଥନ୍ ଲିଓନ୍‌ଙ୍କ ପରେ ଚତୁର୍ଥ ଅଷ୍ଟ୍ରେଲୀୟ ବୋଲର୍ ହୋଇଛନ୍ତି।

# ଛାଡ଼ପତ୍ର ନେବେ ରେସ୍‌ଲର୍ ଦିବ୍ୟା କାକରାନ୍



**ମୁଜାଫରନଗର,୧୫।୭/ଏଜେନ୍ସି:** ମହାନ୍ ଅନ୍ତର୍ଜାତୀୟ ରେସ୍‌ଲର୍ ଦିବ୍ୟା କାକରାନ୍ ପତି ସଚିନ୍ ପ୍ରତାପ ସିଂହଙ୍କଠାରୁ ଛାଡ଼ପତ୍ର ନେବାକୁ ନିଷ୍ପତ୍ତି କରିଛନ୍ତି। ସୋସିଆଲ୍ ମିଡିଆରେ ଏକ ପୋଷ୍ଟ ଶେୟାର୍ କରି ସେ ନିଜ ମନୋଭାବ ପ୍ରକାଶ କରିଛନ୍ତି। ଏହି ନିଷ୍ପତ୍ତିକୁ ନିଜ ଜୀବନର ସବୁଠୁ କଠିନ ଅଧ୍ୟାୟ ବୋଲି ସେ ଏଥିରେ କହିଛନ୍ତି। ଅର୍ଜୁନ ପୁରସ୍କାର ବିଜେତା ରେସ୍‌ଲର୍ କାକରାନ୍ ବହୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ଏବେ ସେ ନୋଏଡାରେ ତହସିଲଦାର ପଦରେ କାର୍ଯ୍ୟରତ। ତାଙ୍କର ଏହି ନିଷ୍ପତ୍ତି ତାଙ୍କ ପ୍ରଶଂସକ ଓ ଶୁଭଚିନ୍ତକଙ୍କୁ ଚକିତ କରିଦେଇଛି।

ଉତ୍ତର ପ୍ରଦେଶର ମୁଜାଫରନଗର ନିବାସୀ ଦିବ୍ୟା ୨୦୨୩ ଫେବୃଆରୀ ୨୧ରେ ମିରଟର ଜିମ୍ ଟ୍ରେନର୍ ସଚିନ୍ ପ୍ରତାପ ସିଂହଙ୍କୁ ବିବାହ କରିଥିଲେ। ବିବାହ ପୂର୍ବରୁ ଉଭୟ ଏକବର୍ଷ ଧରି ରିଲେସନ୍‌ଶିପ୍‌ରେ ଥିଲେ। ଦିବ୍ୟା ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଜିତିବା ପରେ ଉତ୍ତର ପ୍ରଦେଶ ସରକାର ତାଙ୍କୁ ପଦୋନ୍ନତି ଦେଇ ନାଏବ ତହସିଲଦାର ପଦରେ ନିଯୁକ୍ତ କରିଥିଲେ। ଏହା ପୂର୍ବରୁ ଦିବ୍ୟା ୨୦୧୮ ଏସିଆନ୍ ଗେମ୍ସରେ ମଧ୍ୟ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୨୩ରେ ତାଙ୍କୁ ଅର୍ଜୁନ ପୁରସ୍କାର ମିଳିଥିଲା। ସେ ଅଲିମ୍ପିକ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ କୌଣସି କାରଣବଶତଃ ଏଥିରେ ଭାଗ ନେଇପାରି ନଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra